ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
3 JUNE 2026
ବୁଧବାର
୩ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 3 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୩ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

# ୪ରେ କେରଳମ୍ ଛୁଇଁବ ମୌସୁମୀ !

**ନୂଆଦିଲ୍ଲୀ,୨୬/ଏଜେନ୍ସି:**



**ଜୁନ୍ ୫-୬ ପରେ ହୋଇପାରେ ସକ୍ରିୟ**

**ପ୍ରାରମ୍ଭିକ ପର୍ଯ୍ୟାୟରେ ମଧ୍ୟମରୁ ଦୁର୍ବଳ ସ୍ଥିତିରେ ରହିପାରେ**

**ଏହାପରେ ଧୀରେ ଧୀରେ ହେବ ଶକ୍ତିଶାଳୀ**

କେରଳମ୍‌ରେ ମୌସୁମୀର ଆଗମନକୁ ନେଇ ପୁଣି ଥରେ ନୂଆ ଆକଳନ କରିଛି ପାଣିପାଗ ବିଭାଗ। ସାରା ଦେଶ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ସଡ଼ୁଥିବା ବେଳେ ମୌସୁମୀର ଆସିବା ତାରିଖ ପୁଣି ଘୁଞ୍ଚିଛି। ଆଇଏମ୍‌ଡିର କହିବା କଥା ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ୪ରେ କେରଳମ୍ ଛୁଇଁ ପାରେ। ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ଅଗ୍ରସର କରିବାକୁ ପାଗ ଅନୁକୂଳ ରହିଛି। କେରଳମ୍ ବ୍ୟତୀତ ଦକ୍ଷିଣ-ପଶ୍ଚିମ, ଦକ୍ଷିଣ-ପୂର୍ବ ଆରବ ସାଗର, ଲାକ୍ଷାଦ୍ୱୀପକୁ ମଧ୍ୟ ଜୁନ ୪ରେ ମୌସୁମୀ ଛୁଇଁ ପାରେ। ଜୁନ୍ ୪ରେ କେରଳମ ଓ ତାମିଲନାଡୁର କିଛି ଅଂଶ ମୌସୁମୀ ସ୍ପର୍ଶ କରିପାରେ ବୋଲି ବିଭାଗ ପୂର୍ବାନୁମାନ କରିଛି। ଯଦି ଜୁନ୍ ୪ରେ ମୌସୁମୀ ବାୟୁ କେରଳମ୍ ଛୁଏଁ ତେବେ ୪ ଦିନ ବିଳମ୍ବରେ ଅର୍ଥାତ ୧୫ ତାରିଖ ପରେ ଓଡ଼ିଶା ଛୁଇଁବ ବୋଲି ପାଣିବାଗ ବିଭାଗ ପୂର୍ବାନୁମାନ କରିଛି।

ସାଧାରଣତଃ ମୌସୁମୀ କେରଳମ୍‌କୁ ଜୁନ ୧ରେ ଛୁଇଁଥାଏ। କିନ୍ତୁ ଏବେ ଏହା ବିଳମ୍ବିତ ହେବାରେ ଲାଗିଛି। ମୌସୁମୀକୁ ସକ୍ରିୟ କରିବା ପାଇଁ ପୂର୍ବ ଦିଗରୁ ଶକ୍ତିଶାଳୀ ଉପର ସ୍ତରୀୟ ପବନର ଆବଶ୍ୟକ। ତେଣୁ ଦକ୍ଷିଣ ଭାରତରେ ଏପରି ସ୍ଥିତି ସୃଷ୍ଟି ହେବାକୁ ସମୟ ଲାଗିବ। ଆସନ୍ତା ଜୁନ ୪ ବେଳକୁ କେରଳମରେ ମୌସୁମୀ ପ୍ରବେଶ କରିପାରେ। ହେଲେ ଏହା ଜୁନ ୫-୬ ପରେ କେରଳମରେ ସକ୍ରିୟ ହୋଇପାରେ ବୋଲି ବୋଲି ଭାରତୀୟ ପାଣିପାଗ ବିଭାଗର ବିଭିନ୍ନ ମଡେଲରୁ ସଙ୍କେତ ମିଳିଛି। ଏହାର ଅର୍ଥ କେରଳମ୍‌ରେ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରାରମ୍ଭିକ ପର୍ଯ୍ୟାୟରେ ମଧ୍ୟମରୁ ଦୁର୍ବଳ ସ୍ଥିତିରେ ରହିପାରେ। ଏହାପରେ ଧୀରେଧୀରେ ଏହା ଶକ୍ତିଶାଳୀ ହେବ। ପୂର୍ବରୁ ଆଇଏମ୍‌ଡି ମୌସୁମୀ ଆଗମନର ସମୟ ମେ' ୨୬ ବୋଲି କହିଥିବା ବେଳେ, ବର୍ତ୍ତମାନ ଏହା ଜୁନ୍ ୨ ରୁ ୪ ତାରିଖ ମଧ୍ୟରେ ଛୁଇଁବା ନେଇ ଆଶା କରାଯାଉଛି। ଦେଶର କୃଷି ଓ ଜଳଭଣ୍ଡାର ପାଇଁ ଜୀବନରେଖା କୁହାଯାଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏଥର କିଛିଟା ବିଳମ୍ବରେ ଗତି କରୁଛି। ଆଇଏମ୍‌ଡିର ଗ୍ଲୋବାଲ୍ ଫୋରକାଷ୍ଟ ସିଷ୍ଟମ୍ ମଡେଲ୍ ଅନୁଯାୟୀ, ଏକ ପଶ୍ଚିମା ଝଡ଼ ସକ୍ରିୟ ଥିବାରୁ ଦକ୍ଷିଣ ଭାରତରେ ପୁରୁବା ବାୟୁ ଶକ୍ତିଶାଳୀ ହୋଇପାରୁ ନାହିଁ। ଏଥିସହିତ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁଁ ମୌସୁମୀ ବାୟୁର ପ୍ରବାହ ଦୁର୍ବଳ ହୋଇଯାଇଛି। କେରଳମରେ ପ୍ରାକ୍-ମୌସୁମୀ ବର୍ଷା ଆରମ୍ଭ ହୋଇ ସାରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ମୌସୁମୀ ଆଗମନ ଘୋଷଣା ପାଇଁ ଆବଶ୍ୟକ ପଶ୍ଚିମା ବାୟୁର ବେଗ ଏବେ ବି କମ୍ ରହିଛି। ଏବେ କେରଳମର କିଛି ▶▶ ୫

**ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି**

# ଯୋଗଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ



**୨୦ରେ ରାଇରଙ୍ଗପୁରରେ ହେବ ବିଶାଳ ସାଧାରଣ ସଭା**

**ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ହେବ ଉଦ୍‌ଘାଟନ ଓ ଶିଳାନ୍ୟାସ**

**ସୁରକ୍ଷା ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:**

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମଙ୍ଗଳବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ଜଣାଯାଇଛି ଯେ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅବସରରେ ଓଡିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ବଦଳିଲେ ସିବିଏସ୍‌ଇ ଅଧ୍ୟକ୍ଷ ଓ ସଚିବ

**ନୂଆଦିଲ୍ଲୀ, ୨୬/ଏଜେନ୍ସି:**

**ପ୍ରଶାନ୍ତ ସୀତାରାମ ଓ ବରୁଣ ଭରଦ୍ୱାଜ୍‌ଙ୍କୁ ଦାୟିତ୍ୱ**

**ବିବାଦୀୟ ଅନ୍-ସ୍କ୍ରିନ୍ ମାର୍କିଂ ଟେଣ୍ଡରର ଯାଞ୍ଚ ନିର୍ଦ୍ଦେଶ**

**ରି-ଇଭାଲ୍ୟୁଏସନ୍ ପୋର୍ଟାଲ୍ ଉପରେ ସାଇବର୍ ଆଟାକ୍**



କେନ୍ଦ୍ର ସରକାର ମଙ୍ଗଳବାର ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍) ବିବାଦ ମଧ୍ୟରେ ସିବିଏସ୍‌ଇ ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସଚିବ ହିମାଂଶୁ ଗୁପ୍ତାଙ୍କୁ ହଟାଇଦେଇଛନ୍ତି। ଉଭୟଙ୍କୁ ଅନ୍ୟ ବିଭାଗକୁ ବଦଳି କରାଯାଇଥିବା ବେଳେ ସେମାନଙ୍କ ସ୍ଥାନରେ ନୂଆ ନିଯୁକ୍ତି ଦିଆଯାଇଛି। ରିପୋର୍ଟ ଅନୁସାରେ କେନ୍ଦ୍ର ସରକାର ବରିଷ୍ଠ ଆଇଏଏସ୍ ଅଧିକାରୀ ଲୋଖଣ୍ଡେ ପ୍ରଶାନ୍ତ ସୀତାରାମଙ୍କୁ ସିବିଏସ୍‌ଇର ନୂତନ ଅଧ୍ୟକ୍ଷ ଏବଂ ବରୁଣ ଭରଦ୍ୱାଜଙ୍କୁ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଅନ୍ୟପକ୍ଷେ ଓଏସ୍‌ଏମ୍ ସର୍ଭିସର ଟେଣ୍ଡର ଏବଂ କ୍ରୟ ପ୍ରକ୍ରିୟାର ଯାଞ୍ଚ ପାଇଁ ଏକ କମିଟି ଗଠନ କରାଯିବା ସହ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସରକାର। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ରି-ଇଭାଲ୍ୟୁଏସନ୍ (ପୁନଃ-ମୂଲ୍ୟାୟନ) ପୋର୍ଟାଲ୍ ଉପରେ ସାଇବର ଆଟାକ୍ ହୋଇଥିବା ସୂଚନା ମିଳିଛି। ସିବିଏସ୍‌ଇ ଅନୁଯାୟୀ, ୨ ମିନିଟ୍‌ରେ ୧୫ ଲକ୍ଷ ଆକ୍ସେସ୍ ଚେଷ୍ଟା କରାଯାଇଥିଲା, ଯେଉଁଠାରେ କି ୧ ଲକ୍ଷରୁ ଅଧିକ ଥର ବିନା ଅନୁମତିରେ ସିଷ୍ଟମର ଫାଇଲ୍‌ଗୁଡ଼ିକ ପାଖକୁ ପହଞ୍ଚିବା ପାଇଁ ଚେଷ୍ଟା କରାଯାଇଥିଲା। ତେବେ ସାଇବର ଆଟାକ୍ ସତ୍ତ୍ୱେ ପୋର୍ଟାଲ୍ କାମ କରୁଥିଲା ଏବଂ ଅପରାହ୍ନ ୩ଟା ସୁଦ୍ଧା ୧୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ଆବେଦନ କରିସାରିଥିଲେ। ଏହି ପୋର୍ଟାଲ୍ ସୋମବାରଠାରୁ ଆରମ୍ଭ ହେବାର ଥିଲେ ମଧ୍ୟ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ସଠିକ୍ ଭାବେ କାମ କରିନଥିଲା। ▶▶ ୫

# ଅଜା ଦୋକାନରେ ନାତି ଜୀବନ୍ତ ଦଗ୍ଧ

**ବ୍ରହ୍ମପୁର,୨୬/ଏନ୍‌ଏନ୍‌ଏସ୍:**

ସୋରଡ଼ା ଥାନା ଅନ୍ତର୍ଗତ ସାମନ୍ତରାଘାଇ ଛକ ଠାରେ ଏକ ଦୋକାନ ଘରେ ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗିବା ଓ ସେହି ନିଆଁରେ ଦୋକାନରେ ଥିବା ଜଣେ ନାବାଳକ ଜଳିଯାଇ ମୃତ୍ୟୁବରଣ କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ନାବାଳକ ଜଣଙ୍କ ହେଲେ ବଡ଼ଗଡ ଥାନା ଗାଙ୍ଗପୁର ଗ୍ରାମର ବାଦଲ ମୂଳି(୧୩)। ବାଦଲ ନିଜ ଅଜାଘରକୁ ଖରା ଛୁଟିରେ ବୁଲିବାକୁ ଆସିଥିବାବେଳେ ଏହି ଅଘଟଣ ଘଟିଛି।ବାଦଲ ଖରା ଛୁଟି ପାଇଁ ୧୫ ଦିନ ହେଲା ଅଜା ଘରକୁ ଆସିଥିଲା। ଦାନ୍ତିଲିଙ୍ଗି ଛକରେ ତାଙ୍କ ଅଜା ଗଣେଶ ମୂଳି ଗୋଟିଏ ଚା ଓ ଗ୍ରୋସରୀ ଦୋକାନ କରିଛନ୍ତି। ମଙ୍ଗଳବାର ଅଜା ବାଦଲକୁ ନିଜ ଦୋକାନରେ ବସାଇ ଦେଇ ଘରକୁ ଯାଇଥିଲେ। ତେବେ ସେ ଘରୁ ଫେରିଲା ବେଳକୁ ଦୋକାନରେ ଗ୍ୟାସ ସିଲିଣ୍ଡର ଫାଟି ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗଣେଶଙ୍କ ଦୋକାନଟି ସଂପୂର୍ଣ୍ଣ ପୋଡ଼ି ଯାଇଥିବା ବେଳେ ବାଦଲ ଜୀବନ୍ତ ଦଗ୍ଧ ▶▶ ୫

# ମା' ହେଲା ଜିନ୍ନତ, ଜନ୍ମ ଦେଲା ୪ଶାବକ

**ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଗୌରବମୟ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:**



ଶିମିଳିପାଳରେ ବାଘୁଣୀ 'ଜିନ୍ନତ' ମା' ହୋଇଛି। ଗତ ୨୮ ତାରିଖରେ 'ଜିନ୍ନତ' ୪ଟି ଛୁଆ ଜନ୍ମ ଦେଇଛି। 'ଜିନ୍ନତ' ୪ଟି ଛୁଆ ଜନ୍ମ କରିଥିବା କ୍ୟାମେରାରେ ଟ୍ରାପ୍ ହୋଇଛି। 'ଜିନ୍ନତ' ଛୁଆ ଧରି ଯାଉଥିବାର ଫଟୋ ଏଆଇ କ୍ୟାମେରାରେ ଦେଖିବାକୁ ମିଳିଛି। ୨୦୨୪ ନଭେମ୍ବରରେ ମହାରାଷ୍ଟ୍ରରୁ 'ଜିନ୍ନତ'କୁ ଶିମିଳିପାଳ ଅଣାଯାଇଥିଲା। 'ଜିନ୍ନତ' ମା' ହେବା ପରେ ଓଡ଼ିଶାର ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟରେ ପୁଣି ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ଏବେ ବାଘ ଛୁଆଙ୍କ ଆଖି ଫିଟିନି। ଆଶା କରାଯାଉଛି ଯେ ଖୁବ ଶୀଘ୍ର ସେମାନେ ଶିମିଳିପାଳ ପରିବେଶ ଓ ଜୈବ ବିବିଧତାରେ ଖାପ ଖୁଆଇବେ। ଶିମିଳିପାଳରେ ବର୍ତ୍ତମାନ ୪୦ ଟି ବାଘ ଅଛି। ଏବେ ଚାରି ନୂଆ ବାଘ ଛୁଆ ଯୋଡ଼ି ହେଲେ। ସେମାନେ ଏବେ ଗପସ ଟ୍ରାକିଙ୍ଗରେ ଅଛନ୍ତି। ଏହା ବ୍ୟାଘ୍ର ସଂରକ୍ଷଣ ପାଇଁ ବଡ଼ ପଦକ୍ଷେପ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଆଜି ଏକ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି। ଏହି ସଫଳତା କେବଳ ରାଜ୍ୟରେ ବ୍ୟାଘ୍ର ସଂଖ୍ୟାରେ ବୃଦ୍ଧି ନୁହେଁ, ବରଂ ଜୈବ ବିବିଧତାର ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ପାଇଁ ଏକ ନିରାପଦ ଓ ସୁଦୃଢ଼ ବାସସ୍ଥାନ ସୃଷ୍ଟି କରିବାରେ ଆମ ପ୍ରଶାସନିକ ଦୂରଦୃଷ୍ଟିର ପ୍ରକୃଷ୍ଟ ନିଦର୍ଶନ ବୋଲି ଶ୍ରୀ ମାଝୀ କହିଛନ୍ତି।

ମହାରାଷ୍ଟ୍ରରୁ ଶିମିଳିପାଳ ଅଭୟାରଣ୍ୟକୁ ଆସିଥିବା ଦ୍ୱିତୀୟ ବାଘୁଣୀ ହେଉଛି 'ଜିନ୍ନତ'। ୨୦୨୪ ନଭେମ୍ବରରେ ▶▶ ୫

# ଓଡ଼ିଶାକୁ 'ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡ଼'

**କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:**



'ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡ଼' ପାଇଁ ଓଡ଼ିଶା ମନୋନୀତ ହୋଇଛି। ବିଶେଷକରି ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଓ ସର୍ବାଧିକ ଡିସ୍‌କମ୍ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି।

ମଙ୍ଗଳବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ୨୦୨୬ ମାସରେ ଆୟୋଜିତ 'ମନ୍ଥ ଅଫ୍ ସୋଲାର' ଅଭିଯାନରେ ରାଜ୍ୟର ▶▶ ୫

# ଅଣ୍ଡରୱେଟ୍ ଶିଶୁଙ୍କ ଜଳଖିଆ ଖର୍ଚ୍ଚ ବୃଦ୍ଧି

**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:**



**ଦୈନିକ ୧୮ ଟଙ୍କା, ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ**

**୧୩୭.୫୭ କୋଟିର ଅତିରିକ୍ତ ଖର୍ଚ୍ଚ ଅନୁମୋଦିତ**

ରାଜ୍ୟର ୬ ମାସରୁ ୬ ବର୍ଷ ବୟସର ଅତିଶୟ କମ୍ ଓଜନ(ଅଣ୍ଡରୱେଟ୍) ଥିବା ଶିଶୁ ଏବଂ ଅଙ୍ଗନବାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦ ଖର୍ଚ୍ଚକୁ ବୃଦ୍ଧି କରାଯାଇଛି। ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପରିପୂରକ ପୁଷ୍ଟି ଖାଦ୍ୟର ଦୈନିକ ଖର୍ଚ୍ଚକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ୮ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି ନେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଏନେଇ ଘୋଷଣା କରିଛନ୍ତି। ଏହା ସହିତ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ଅତିରିକ୍ତ ୬ ଟଙ୍କା ପ୍ରଦାନ କରାଯାଉଛି। ଫଳସ୍ୱରୂପ, ବର୍ତ୍ତମାନ ଏହି ଶିଶୁମାନଙ୍କୁ ପ୍ରତିଦିନ ସର୍ବମୋଟ ୧୮ ଟଙ୍କାର ଖାଦ୍ୟ ଯୋଗାଇ ▶▶ ୫

# ପୁଣି ବଢ଼ିଲା ଘରୋଇ ବସ୍ ଭଡ଼ା

**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:**

**ସାଧାରଣ ଓ ଏକ୍ସପ୍ରେସ୍ କିମି ପିଛା ୨ ପଇସା ବୃଦ୍ଧି**

**ଡିଲକ୍ସ ବସ୍‌ଭଡ଼ା ୪ ପଇସା ବୃଦ୍ଧି**

**ଏସି ଡିଲକ୍ସ ଓ ସୁପର୍ ଡିଲକ୍ସ ଯଥାକ୍ରମେ ୪ ପଇସା ଓ ୬ ପଇସା**

ଡିଜେଲ୍ ଦର ବୃଦ୍ଧି ପରେ ମଙ୍ଗଳବାର ଡେଡ୍‌ଲାଇନ ପୂର୍ବରୁ ଘରୋଇ ବସ୍ ଭଡ଼ା ପୁଣି ବଢ଼ିଛି। ଡିଜେଲ୍ ଦର ବୃଦ୍ଧି ଯୋଗୁଁ ରାଜ୍ୟରେ ପୂର୍ବରୁ ମେ ୧୫ ତାରିଖରେ ଘରୋଇ ବସ୍ ଭଡ଼ା ବୃଦ୍ଧି ପାଇଥିବା ବେଳେ ମଙ୍ଗଳବାର ପୁଣି ଥରେ ବଢ଼ିଛି। ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ଲେଖାଏଁ ବଢ଼ିଥିବାବେଳେ ଡିଲକ୍ସ ବସ୍‌ଭଡ଼ା ୪ ପଇସା ବଢିଛି। ସେହିପରି ଏସି ଡିଲକ୍ସ ଓ ସୁପର ଡିଲକ୍ସ ଯଥାକ୍ରମେ ୪ ପଇସା ଓ ୬ ପଇସା ଲେଖାଏଁ ବଢ଼ିଛି। ପୂର୍ବରୁ ଅର୍ଡିନାରୀ ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି। ଏକ୍ସପ୍ରେସ୍ ବସ୍ ଭଡ଼ା ▶▶ ୫

# ବୈଷୟିକ ଶିକ୍ଷାରେ ବଢ଼ିଲା ସଂରକ୍ଷଣ

**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:**





**ପ୍ରକାଶ ପାଇଲା ମେମୋରାଣ୍ଡମ୍, ୨୦୨୬-୨୭ ଶିକ୍ଷା ବର୍ଷରୁ ଲାଗୁ**

**ଏସ୍‌ଟି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୧୨%ରୁ ୨୨.୫%କୁ ବୃଦ୍ଧି**

**ଏସ୍‌ସିଙ୍କ ସଂରକ୍ଷଣ ୮%ରୁ ୧୬.୨୫%କୁ ବୃଦ୍ଧି**

**ଏସ୍‌ଇବିସିଙ୍କ ସଂରକ୍ଷଣ ୧୧.୨୫% ଲାଗୁ ନିଷ୍ପତ୍ତି**

ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ଏହି ନିଷ୍ପତ୍ତି ଦ୍ୱାରା ବର୍ତ୍ତମାନ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାର ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ, ବର୍ତ୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି।

ମଙ୍ଗଳବାର ଏ ସମ୍ପର୍କରେ ବିଧିବଦ୍ଧ ମେମୋରାଣ୍ଡମ୍ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଓଡ଼ିଶାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨.୮୫ ପ୍ରତିଶତ ଓ ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭.୧୩ ପ୍ରତିଶତ। ଶିକ୍ଷାଗତ ଓ ସାମାଜିକ ପଛୁଆ ବର୍ଗଙ୍କ ସଂଖ୍ୟା ଜଣାନଥିଲେ ମଧ୍ୟ ଏହା ଯଥେଷ୍ଟ ଅଧିକ। ଗତ ଏପ୍ରିଲ୍ ୪ରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଏବଂ କ୍ୟାବିନେଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ନ୍ୟାୟ ପ୍ରଦାନ ପାଇଁ ପୂର୍ବରୁ ଅନେକ ଉଦ୍ୟମ ଓ ସଂଘର୍ଷ ହୋଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ନୂଆ ସରକାର ଆସିବା ପରେ ମାତ୍ର ୨ ବର୍ଷ ଭିତରେ ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇଛନ୍ତି।

ସୂଚନାଯୋଗ୍ୟ, ନିଯୁକ୍ତି ଏବଂ ବିଏ,ବିକମ୍, ବିଏସ୍‌ସି ଭଳି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି। ଏଥିରେ ଅନୁସୂଚିତ ଜନଜାତିଙ୍କ ପାଇଁ ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେବେ, ଇଞ୍ଜିନିୟରିଂ ଓ ମେଡିକାଲ୍ ପରି ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତିଙ୍କ ପାଇଁ ମାତ୍ର ୧୨ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୮ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନଥିଲା। ଯଦି ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ନରହୁଛି ବା କମ୍ ରହୁଛି, ତେବେ ନିଯୁକ୍ତି କ୍ଷେତ୍ରରେ ସେମାନେ କିପରି ତାଙ୍କର ସଂରକ୍ଷଣ ଅନୁପାତିକ ନିଯୁକ୍ତି ପାଇପାରିବେ ବୋଲି ପ୍ରଶ୍ନ ଉଠୁଥିଲା। ରାଜ୍ୟ କ୍ୟାବିନେଟର ଏହି ନିଷ୍ପତ୍ତି ପରେ ଦୀର୍ଘ ବର୍ଷ ପରେ, ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ, ଏହି ବର୍ଗର ପିଲାମାନଙ୍କୁ ନ୍ୟାୟ ମିଳି ପାରିଛି। ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇଟିଆଇ ଏବଂ ପଲିଟେକ୍‌ନିକ୍‌ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିୟରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ୍ ସାଇନସ୍ସେ, ଆର୍କିଟେକ୍ଚର, ପ୍ଲାନିଂ, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ।

# 'ରୁଦ୍ରମ୍-୨'ର ସଫଳ ପରୀକ୍ଷଣ

**ଶତ୍ରୁର ଏୟାର ଡିଫେନ୍ସ ସିଷ୍ଟମ୍ ଖୋଜି ଖୋଜି ଧ୍ୱଂସ କରିବାରେ ସକ୍ଷମ**

**ନୂଆଦିଲ୍ଲୀ, ଚାନ୍ଦିପୁର, ୨୬/ଏଜେନ୍ସି:**



ମଙ୍ଗଳବାର ଆଣ୍ଟି-ରେଡିଏସନ୍ ମିସାଇଲ୍ "ରୁଦ୍ରମ୍-୨"ର ସଫଳ ପରୀକ୍ଷଣ କରାଯାଇଛି। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଅର୍ଗାନାଇଜେସନ୍ (ଡିଆରଡିଓ) ପକ୍ଷରୁ ଭାରତୀୟ ବାୟୁସେନାର ସୁଖୋଇ-୩୦ଏମ୍‌କେଆଇ ଫାଇଟର୍ ଜେଟ୍‌ରୁ ଏହି ପରୀକ୍ଷଣ କରାଯାଇଛି। ଏହି ମିସାଇଲ୍ ଆକାଶରୁ ସ୍ଥଳଭାଗରେ ୩୦୦ କିମି ପର୍ଯ୍ୟନ୍ତ ପରିସୀମା (ରେଞ୍ଜ) ମଧ୍ୟରେ ଶତ୍ରୁକୁ ନିପାତ କରିବ ବୋଲି ଦାବି କରିଛି ଡିଆରଡିଓ। ରୁଦ୍ରମ୍-୨ ମିସାଇଲ୍‌କୁ ଶତ୍ରୁର ଏୟାର ଡିଫେନ୍ସ ସିଷ୍ଟମ୍ (ଆକାଶ ପ୍ରତିରକ୍ଷା ବ୍ୟବସ୍ଥା), ରାଡାର, କମ୍ୟୁନିକେସନ୍ ସିଷ୍ଟମ୍ (ଯୋଗାଯୋଗ ବ୍ୟବସ୍ଥା) ଏବଂ ଇଲେକ୍ଟ୍ରୋନିକ୍ ନଜର ରଖୁଥିବା ନେଟୱର୍କକୁ ଧ୍ୱଂସ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ମିସାଇଲ୍ ଶତ୍ରୁର ରଡାର୍ ବନ୍ଦ ହୋଇଯିବା ପରେ ମଧ୍ୟ ତାକୁ ଖୋଜି ବାହାର କରି ଧ୍ୱଂସ କରିଦେବ। ରୁଦ୍ରମ୍-୨କୁ ମୁଖ୍ୟତଃ ଦୁଇ ପ୍ରକାର ପୃଥକ୍ ପୃଥକ୍ ସାମରିକ ଅପରେସନ୍‌ରେ ବ୍ୟବହାର କରିହେବ। ପ୍ରଥମତଃ ଗ୍ରାଉଣ୍ଡ ଆଟାକ୍ (ସ୍ଥଳଭାଗ ଆକ୍ରମଣ) ମୋଡ୍‌ରେ ମିସାଇଲ୍ ଶତ୍ରୁର ବଙ୍କର, ଏୟାରଷ୍ଟ୍ରିପ୍, ଭୂତଳ ଏୟାରକ୍ରାଫ୍ଟ ହ୍ୟାଙ୍ଗର, ରାଡାର୍ ଏବଂ ସାମରିକ ଘାଟି ଗୁଡ଼ିକ ଉପରେ ସଠିକ୍ ଆକ୍ରମଣ କରିବା ପାଇଁ ଏବଂ ଆଣ୍ଟି-ରେଡିଏସନ୍ ମୋଡ୍‌ରେ ଏହାର ମୁଖ୍ୟ ଟାର୍ଗେଟ୍ ହେଉଛି ରାଡାର୍ ଷ୍ଟେସନ, ଇଲେକ୍ଟ୍ରୋନିକ୍ ନଜର ରଖୁଥିବା କେନ୍ଦ୍ର, କମ୍ୟୁନିକେସନ୍ ଏବଂ ଜ୍ୟାମିଂ ସିଷ୍ଟମ୍‌କୁ ନଷ୍ଟ କରିବା।

ସାଧାରଣ ମିସାଇଲ୍ ଗୁଡ଼ିକ ନିଜର ଟାର୍ଗେଟ୍‌କୁ ଖୋଜିବା ପାଇଁ ନିଜେ ସିଗନାଲ୍ ପଠାଇଥାନ୍ତି, କିନ୍ତୁ ଆଣ୍ଟି-ରେଡିଏସନ୍ ମିସାଇଲ୍ ଏପରି କରେ ନାହିଁ। ଏହା କେବଳ ଶତ୍ରୁର ରାଡାର ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ସିଷ୍ଟମରୁ ବାହାରୁଥିବା ସିଗନାଲ୍‌କୁ ହିଁ ଧରି ଏହା ଉପରେ ପ୍ରହାର କରିଥାଏ। ଯଦି ଶତ୍ରୁ ଶେଷ ସମୟରେ ରଡାର୍ ବନ୍ଦ ମଧ୍ୟ କରିଦିଏ, ତଥାପି ରୁଦ୍ରମ୍-୨ ତା'ର ଶେଷ ଜଣାଥିବା ସ୍ଥାନକୁ ଯାଇ ଆକ୍ରମଣ କରିପାରିବ। ତେଣୁ କେବଳ ରାଡାର୍ ବନ୍ଦ କରିଦେବା ଦ୍ୱାରା ଏହି ମିସାଇଲ୍ ▶▶ ୫

# କଟକରୁ ଉଠିବନି ଏସ୍‌ଟିଏ କାର୍ଯ୍ୟାଳୟ

## ପରିବହନ କମିଶନର୍‌ଙ୍କ ସହ ଆଲୋଚନା କଲେ ସୋଫିଆ



**କଟକ,୨୬/ଏନ୍‌ଏନ୍‌ଏସ୍:** ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୋଷ। କଟକ ସହରରୁ ଏହି ପ୍ରତିଷ୍ଠିତ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ବିଧାୟିକା ଶ୍ରୀମତୀ ଫିର୍ଦ୍ଦୋଷ ଆଜି କମିଶନରଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ଆଲୋଚନା କାଳରେ ପରିବହନ କମିଶନର ଶ୍ରୀ ଠାକୁର ସ୍ପଷ୍ଟ କରିଛନ୍ତି ଯେ କୌଣସି ପରିସ୍ଥିତିରେ ବି କଟକ ସହରରୁ ଏହି କାର୍ଯ୍ୟାଳୟ ଉଠିବ ନାହିଁ, ଯାହା କଟକବାସୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଏହା ସହିତ ରାଜ୍ୟର ବିଭିନ୍ନ ଆରଟିଓ କାର୍ଯ୍ୟାଳୟଗୁଡ଼ିକରେ ବୃଦ୍ଧି ପାଉଥିବା ଦୁର୍ନୀତି, ଅନିୟମିତତା ଏବଂ ଦଲାଲମାନଙ୍କ ଦୌରାତ୍ମ୍ୟ ସମ୍ପର୍କରେ ବିଧାୟିକା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଧାରଣ ଲୋକେ ଯେପରି କୌଣସି ହଇରାଣ ହରକତ ନହୁଅନ୍ତି, ସେଥିପାଇଁ ଏହି ଦଲାଲରାଜ ଓ ଦୁର୍ନୀତି ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ପରିବହନ ବିଭାଗର ସ୍ୱଚ୍ଛତା ବଜାୟ ରଖିବା ସହ ଜନସାଧାରଣଙ୍କୁ ସହଜରେ ସେବା ଯୋଗାଇ ଦେବା ଦିଗରେ ବିଭାଗ ତୁରନ୍ତ ଧ୍ୟାନ ଦେବ ବୋଲି ଏହି ଅବସରରେ ଆଶ୍ୱାସନା ମିଳିଛି। ଏହି ଅବସରରେ କଟକ ସହରର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ବାଇମୁଣ୍ଡି ସଂଗଠନ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଅଜିତ କୁମାର ବେହେରା, ସୁରଜିତ ସାହୁ, ଜିତେନ୍ଦ୍ର କୁମାର ନାୟକ, ହରେକୃଷ୍ଣ ବେହେରା, ଅନିତା ବେହେରା, ରାଜଶ୍ରୀ ରାୟ, ସନ୍ତୋଷ ପାତ୍ର,ସେକ ସମିମ, ଜାଫର ବକ୍ସ, ସଞ୍ଜୟ ସେଠିଆ, ବିଶ୍ୱରଞ୍ଜନ, ସତ୍ୟଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଫତୁରାନନ୍ଦଙ୍କ ଜୟନ୍ତୀ

## ‘ସୁସ୍ଥ ଜୀବନ ପାଇଁ ହସ ଅପରିହାର୍ଯ୍ୟ’



**କଟକ,୨୬/ଏନ୍‌ଏନ୍‌ଏସ୍:** ସମାଜର କଲ୍ୟାଣ ପାଇଁ ହସ ଏକାନ୍ତ ଅପରିହାର୍ଯ୍ୟ। ମଣିଷ ହସିଲେ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥାଏ ଏବଂ ସୁସ୍ଥ ସୁନ୍ଦର ଜୀବନ ପାଇଁ ହସର ଆବଶ୍ୟକତା ରହିଛି ବୋଲି ବିଶିଷ୍ଟ ହାସ୍ୟସ୍ରଷ୍ଟା ଫତୁରାନନ୍ଦଙ୍କ ୧୧୧ତମ ଜୟନ୍ତୀରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ହାସ୍ୟ ବିକାଶ କେନ୍ଦ୍ର, କଟକ ପକ୍ଷରୁ ତେଲେଙ୍ଗା ବଜାରସ୍ଥିତ କେନ୍ଦ୍ର କାର୍ଯ୍ୟାଳୟଠାରେ ବିଶିଷ୍ଟ ସାରସ୍ୱତ ସାଧକ ତଥା ହାସ୍ୟ-ବ୍ୟଙ୍ଗ ସାହିତ୍ୟର ମହାନ ସ୍ରଷ୍ଟା ଫତୁରାନନ୍ଦଙ୍କ ୧୧୧ତମ ଜୟନ୍ତୀ ପାଳିତ ହୋଇଯାଇଛି। କଥାକାର ରଘୁନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର, କେନ୍ଦ୍ରର କୋଷାଧ୍ୟକ୍ଷ ଗିରିଜାନନ୍ଦ ନାୟକ, ଡକ୍ଟର ଅନୁପ ମାଥୁର, ଡକ୍ଟର ବୈଜୟନ୍ତୀ ମିଶ୍ର, ସରୋଜିନୀ ମିଶ୍ର, ବିନ୍ଦୁ ସାଗର ଓଝା, ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦେଇ ଫତୁରାନନ୍ଦଙ୍କ ସାଧନାମୟ ଜୀବନ ଓ କୃତି ସମ୍ପର୍କରେ ଆଲୋଚନା ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ହାସ୍ୟବିକାଶ କେନ୍ଦ୍ରର ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ଆଭାସୀ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଜୟନ୍ତୀରେ ଡକ୍ଟର କମଳ ମାହୁନ୍ତ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପ୍ରକାଶକ ଶିବାଶିଷ କର ଧନ୍ୟବାଦ ପ୍ରଦାନ କରିଥିଲେ।

## ଦିବ୍ୟଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦହିପାଣି ବଣ୍ଟନ




**କଟକ,୨୬/ଏନ୍‌ଏନ୍‌ଏସ୍:** ଦିବ୍ୟଶକ୍ତି ଚାରିଟେବୁଲ ଟ୍ରଷ୍ଟ, କଟକ ପକ୍ଷରୁ ସ୍ଥାନୀୟ ଚାନ୍ଦିନୀଚୌକସ୍ଥିତ ଶିଶୁ ଭବନ ସମ୍ମୁଖରେ ଦହି ପାଣି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ ମିନତୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଞ୍ଜୁଲତା ଜେନା, ମୋନାଲିସା ସାହୁ, ରାଜେଶ ସାମଲ, ସବିନା ଖାତୁନ, ସନୀ ନାୟକ, ଜନସନ ଦାସ, ମୁନା ସାମଲ, ଅରୁଣିମା ନନ୍ଦ, ଅଭି ସାମଲ, ଶୁଭ୍ରାଂଶୁ ମିଶ୍ର, ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ରହି ରାସ୍ତାରେ ଯିବା ଆସିବା କରୁଥିବା ଜନସାଧାରଣମାନଙ୍କୁ ଦହି ପାଣି ବଣ୍ଟନ କରିବାରେ ସହଯୋଗ କରିଥିଲେ। ପ୍ରବଳ ଗୁଳୁଗୁଳି ଏବଂ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଉକ୍ତ ଦହି ପାଣି ବଣ୍ଟନ କାର୍ଯ୍ୟକ୍ରମ ଆସନ୍ତା ଏକ ମାସ ପର୍ଯ୍ୟନ୍ତ କରାଯିବା ପାଇଁ ସଂଗଠନ ସ୍ଥିର କରିଛି।

ଜାପାନରେ ଓଡ଼ିଶାର ଗୌରବ

## ‘ସାକୁରା ସାଇନ୍ସ ପ୍ରୋଗ୍ରାମ୍’ରେ ରାଜ୍ୟର ୪ ମେଧାବୀ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:** ଜାପାନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଦ୍ୱାରା ଆୟୋଜିତ ସାକୁରା ବିଜ୍ଞାନ ଉଚ୍ଚ ବିଦ୍ୟାଳୟ କାର୍ଯ୍ୟକ୍ରମ ୨୦୨୬ରେ ଭାରତର ପ୍ରତିନିଧିତ୍ୱ କରି ଓଡ଼ିଶାର ୪ ଜଣ ମେଧାବୀ ଛାତ୍ରଛାତ୍ରୀ ବିଷ୍ଣୁ ପ୍ରସାଦ ଜେନା (ବି.ଜେ.ବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର), ଶୁଭମ୍ ନାୟକ (ସରକାରୀ ହାଇସ୍କୁଲ, କୋରାପୁଟ), ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ (ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓରିୟା, ତେଲକୋଇ, କେନ୍ଦୁଝର) ଏବଂ ଆଦ୍ୟାଶା ପଣ୍ଡା (ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରେଙ୍ଗାଲି, ସମ୍ବଲପୁର) ସଫଳତାର ସହ ନିଜର ଦଶଦିନିଆ ଜାପାନ ଗସ୍ତ ଶେଷ କରି ସ୍ୱଦେଶ ଫେରିଛନ୍ତି। ଏହି ଶୈକ୍ଷିକ ଗସ୍ତକାଳରେ ଶିକ୍ଷାର୍ଥୀମାନେ ଜାପାନର ପ୍ରସିଦ୍ଧ ସହର ତୁସୁକୁବା ଓ ଆସାକୁସା ଭ୍ରମଣ ସହିତ ସେଠାକାର ବୈଷୟିକ ପ୍ରତିଷ୍ଠାନ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ଭାଗ ନେଇ ନୋବେଲ ବିଜେତା ଓ ବିଶିଷ୍ଟ ଅଧ୍ୟାପକମାନଙ୍କ ବକ୍ତବ୍ୟ ସମେତ ଆଧୁନିକ ବୈଜ୍ଞାନିକ ପ୍ରଗତିକୁ ଅତି ନିକଟରୁ ଅନୁଭବ କରିବାର ଅପୂର୍ବ ସୁଯୋଗ ପାଇଛନ୍ତି। ରାଜ୍ୟ ପାଇଁ ଗୌରବ ଆଣିଥିବା ଏହି କୃତୀ ଛାତ୍ରଛାତ୍ରୀମାନଙ୍କ ଏଭଳି ଆନ୍ତର୍ଜାତୀୟ ସଫଳତା ପାଇଁ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

## କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଆଶୁତୋଷ ପାଇକରାୟ



**କଟକ,୨୬/ଏନ୍‌ଏନ୍‌ଏସ୍:** ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଭାବେ ଆଶୁତୋଷ ପାଇକରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ଶ୍ରୀ ପାଇକରାୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ୧୯୯୭ ବ୍ୟାଚ୍‌ର ଓଡ଼ିଶା ସୂଚନା ସେବା ଅଧିକାରୀ ଭାବରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରି ପ୍ରଥମେ ଅନୁଗୁଳ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ସେ ଯୋଗ ଦେଇଥିଲେ। ପରେ ସେ ନୀଳଗିରି, ବାଲେଶ୍ୱର, କଟକ ସଦର ଓ କଟକ ଜିଲ୍ଲା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି। ପରେ ସେ ସୂଚନା ଓ ଲୋକସମ୍ପର୍କ ବିଭାଗର ଗବେଷଣା ଓ ସନ୍ଦର୍ଭ ଅଧିକାରୀ ଭାବେ ରାଜ୍ୟ ମୁଖ୍ୟାଳୟରେ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଆଇନ ବିଭାଗର ସୂଚନା ଅଧିକାରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା, ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସମ୍ପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ଆଧାର କରି ସେ କେନ୍ଦ୍ରାଞ୍ଚଳ ଅଧିନସ୍ଥ ୧୦ଟି ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବ୍ୟବସ୍ଥାକୁ ସଶକ୍ତ କରିବା ସହ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସୂଚନା ପ୍ରଦାନକୁ ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦେବେ ବୋଲି ମତବ୍ୟକ୍ତ କରିଛନ୍ତି। ବିଶେଷକରି ଡିଜିଟାଲ ମିଡିଆର ବ୍ୟବହାର ମାଧ୍ୟମରେ ସରକାରୀ ସୂଚନାର ବ୍ୟାପକ ପ୍ରସାର ଉପରେ ସେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ସାମ୍ବାଦିକମାନଙ୍କ ସହ ଅଧିକ ସୁଦୃଢ଼ ସମନ୍ୱୟ ରକ୍ଷା ଦିଗରେ ମଧ୍ୟ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟକୁ ସାମଗ୍ରିକ ଉତ୍କର୍ଷ ପୁରସ୍କାର



**କଟକ,୨୬/ଏନ୍‌ଏନ୍‌ଏସ୍:** ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅଗ୍ରଣୀ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ସାମଗ୍ରିକ ଉତ୍କର୍ଷ ହାସଲ ନିମନ୍ତେ ପୁରସ୍କୃତ ହୋଇଛି। ଭୁବନେଶ୍ୱରଠାରେ ଏକ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଆୟୋଜିତ ‘ଏଜୁକେଶନ ନେକ୍ସଟ୍ -୨୦୨୬’ କନ୍‌କ୍ଲେଭ୍‌ରେ ଡ୍ରିମ୍‌ସକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥି ନିମନ୍ତେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆୟୋଜକ ସଂସ୍ଥାକୁ କୃତଜ୍ଞତା ଜଣାଇଛନ୍ତି।

## ବାରଙ୍ଗ ହାଜତ ନିର୍ଯାତନା ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବି




**କଟକ,୨୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗାନ୍ଧୀ ଭବନଠାରେ ସିପିଡିଆର୍‌ଏସ୍ ପକ୍ଷରୁ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବାରଙ୍ଗ ବ୍ଲକର ଚଣ୍ଡୀ ପ୍ରସାଦ ଗ୍ରାମର ଜନୈକ ଦଳିତ ଯୁବକଙ୍କ ବେଆଇନ ଗିରଫଦାରୀ, ମିଛ ସ୍ୱୀକାରୋକ୍ତି ଆଦାୟ ପାଇଁ ତାଙ୍କ ଉପରେ ହାଜତରେ ନିର୍ମମ ଶାରୀରିକ ଅତ୍ୟାଚାର ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ ହାଜତରେ ଥାର୍ଡ ଡିଗ୍ରୀ ଅତ୍ୟାଚାର କରି ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକଙ୍କୁ ଅନ୍ଧାରରେ ରଖି ତାଙ୍କୁ ପ୍ରଥମେ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ପୁଲିସ ଅଧିକାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପୀଡ଼ିତଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ ଏହି ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ସିପିଡିଆରଏସ ପକ୍ଷରୁ ଗୋଟିଏ ତଥ୍ୟ ଅନୁସନ୍ଧାନକାରୀ ଦଳ ପୀଡ଼ିତଙ୍କ ଗ୍ରାମକୁ ଯାଇ ତାଙ୍କ ସାନଭାଇ, ଭଉଣୀ ଓ ସ୍ତ୍ରୀଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରଥିବା ନେଇ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଚିତ୍ତରଞ୍ଜନ ମହାନ୍ତି, କ୍ଷୀରୋଦ ମହାପାତ୍ର, ଆଇନଜୀବୀ ସୁକାନ୍ତ ନାୟକ, କ୍ଷୀରୋଦ ରାଉତ ଓ ପ୍ରତାପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକଭବନରେ ୩ ରାଜ୍ୟର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:** ଲୋକଭବନର ନ୍ୟୁ ଅଭିଷେକ ହଲ୍‌ରେ ‘ଏକ ଭାରତ ଶ୍ରେଷ୍ଠ ଭାରତ’ର ଦୃଷ୍ଟିକୋଣ ନେଇ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ ସମାରୋହରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଯୋଗଦେଇ ନାଗରିକଙ୍କ ମଧ୍ୟରେ ଏକତା, ପାରସ୍ପରିକ ସମ୍ମାନ ଓ ସାମୂହିକ ପ୍ରଗତିର ମୂଲ୍ୟବୋଧ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ତେଲେଙ୍ଗାନାର ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଳା, ଗୋଆର ରାଜ୍ୟପାଳ ପୁଷପତି ଅଶୋକ ଗଜପତି ରାଜୁ ଏବଂ ସିକିମର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କ ଅଡିଓ-ଭିଜୁଆଲ୍ ବାର୍ତ୍ତା ପ୍ରଦର୍ଶିତ ହୋଇଥିବା ବେଳେ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁ ପତ୍ର) ଉମା ନନ୍ଦୁରୀଙ୍କ ସମେତ ଓଡ଼ିଶାରେ ରହୁଥିବା ଏହି ତିନୋଟି ରାଜ୍ୟର ମୂଳ ବାସିନ୍ଦାମାନେ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ



**କଟକ,୨୬/ଏନ୍‌ଏନ୍‌ଏସ୍:** ପ୍ରାଚୀ ସାହିତ୍ୟ ସମାଜ ପକ୍ଷରୁ ସାହିତ୍ୟ ସଭା ଓ କବିତା ପାଠ ଡକ୍ଟର ନାରାୟଣ ମହାନ୍ତିଙ୍କ ଆବାହନରେ କଟକ ସ୍ଥିତ ଉତ୍କଳ ସହିତ୍ୟ ସମାଜର ସାହିତ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ଅନୁଷ୍ଠାନର ସଭାପତି ପ୍ରଫେସର୍ ମନ୍ଦାକିନୀ ଦାସ ଏହି ସଭାରେ ସଭାପତିତ୍ୱ କରି ରାଷ୍ଟ୍ର ନିର୍ମାଣରେ ସାହିତ୍ୟର ଭୂମିକା ଶୀର୍ଷକ ବିଷୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଡକ୍ଟର ଶଚୀନ୍ଦ୍ର ରାଉଳ ଓ ମୁଖ୍ୟ ବକ୍ତା ଭାବେ ଡକ୍ଟର ତରୁଣ କୁମାର ସାହୁ ଯୋଗଦେଇ ଯୁବ ପିଢ଼ି କିପରି ସାହିତ୍ୟ ପ୍ରତି ଆକର୍ଷିତ ହୋଇ ଏକ ସଂଗଠିତ ରାଷ୍ଟ୍ର ନିର୍ମାଣରେ ଆଗକୁ ଆସି ପାରିବେ ତାହା ଆହ୍ୱାନ ଦେଇଥିଲେ। ଏହି ସଭାରେ ଡକ୍ଟର ଦୀପକ କୁମାର ଦାଶ ଅତିଥି ପରିଚୟ ଦେଇଥିଲେ, ଡକ୍ଟର ନିରୋଦ କୁମାର ମନ୍ତ୍ରୀ ସଭା ସଂଯୋଜନା କରି ଥିଲେ ଓ ଅଧ୍ୟାପିକା ସ୍ନେହଲତା ସାହୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରାଚୀ ପତ୍ରିକାର ଖରା ବିଶେଷାଙ୍କ ଓ ମେନେକାରାଣୀ ଚଇନିଙ୍କ ସ୍ମୃତିର ସୁଗନ୍ଧ କବିତା ପୁସ୍ତକ ଉନ୍ମୋଚନ କରାଯାଇଥିଲା। କବିତା ପାଠୋତ୍ସବରେ ମାଟି ଝିଅର କବି ପ୍ରସନ୍ନ କୁମାର ସ୍ୱାଇଁ ସଂଯୋଜନା କରିଥିଲେ ଓ ଅନେକ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ଏହି ସାହିତ୍ୟ ସଭାରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ। କଟକ ପ୍ରାଚୀ ସାହିତ୍ୟ ସମାଜର ସଭାପତି ରୂପେ ପ୍ରଫେସର ଲବଙ୍ଗଲତା ବିଶୋଇ ଓ ଅଶ୍ୱିନୀ କୁମାର ସେଠୀ ସମ୍ପାଦକ ଦାଇତ୍ୱ ଗ୍ରହଣ କରିଥିଲେ। ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ, ଡକ୍ଟର ସରୋଜ କୁମାର ଦାଶ, ଦେବେଶ ରଞ୍ଜନ ଚଇନି, ପ୍ରୀତିଶ୍ କୁମାର ନାୟକ, ଅବିନାସ ଦାସ ଓ ରାଜେନ୍ଦ୍ର ବାରିକ ସହଯୋଗ କରିଥିଲେ। ସର୍ବଶେଷରେ ଡକ୍ଟର ଦ୍ୱୀପାୟନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୱାର୍ଡବାସୀଙ୍କ ମୌଳିକ ସମସ୍ୟା ବୁଝିଲେ ବିଧାୟିକା



**କଟକ,୨୬/ଏନ୍‌ଏନ୍‌ଏସ୍:** କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ କଟକ ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ଏକ ଜନସମ୍ପର୍କ ପଦଯାତ୍ରା କରିଛନ୍ତି। ଏହି ପଦଯାତ୍ରା କାଳରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମ ସମୟରେ ବିଧାୟିକା ସିଧାସଳଖ ୱାର୍ଡବାସୀଙ୍କ ସହ ମିଶି ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକେ ନିୟମିତ ଭାବେ ଡ୍ରେନ୍ ସଫା ନହେବା, ବରିଷ୍ଠ ନାଗରିକଙ୍କ ଭତ୍ତା ସମସ୍ୟା, ଆବାସ ଯୋଜନାରେ ଘର ମିଳିବାରେ ବିଳମ୍ବ, ପାନୀୟ ଜଳର ଅଭାବ ଏବଂ ବାରମ୍ବାର ବିଦ୍ୟୁତ୍ କାଟ ଭଳି ଅନେକ ଗୁରୁତର ସମସ୍ୟା ବିଷୟରେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନସାଧାରଣଙ୍କ ସମସ୍ୟା ଶୁଣିବା ପରେ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଏହାର ତୁରନ୍ତ ସମାଧାନ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହି ପଦଯାତ୍ରାରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମିଲ ହୋଇ ସ୍ଥାନୀୟ ଅଞ୍ଚଳର ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଅଞ୍ଚଳବାସୀ ମଧ୍ୟ ବହୁ ସଂଖ୍ୟାରେ ଏହି ପଦଯାତ୍ରାରେ ବିଧାୟିକାଙ୍କ ସହିତ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପଦଯାତ୍ରା କମିଟିର ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ବରିଷ୍ଠ ନେତ୍ରୀ ଚାରୁଲତା ସାହୁ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସୁରଜିତ ଦାସ, ସନ୍ତୋଷ ପାତ୍ର, ସେକ ଆବିଦ, ସେକ ଇମତିୟାଜ ଏବଂ ଶୋନୁ ସ୍ୱାଇଁ, ବିଶ୍ୱ ରଞ୍ଜନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ।

## ରାଜ୍ୟପାଳଙ୍କ ସହ ଓଏଫ୍‌ଏସ୍ ଓ ଓଟିଆଣ୍ଡଏଏସ୍ ଶିକ୍ଷାନବୀଶଙ୍କ ଭାବ ବିନିମୟ



**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:** ଲୋକଭବନର ନ୍ୟୁ ଅଭିଷେକ ହଲ୍‌ରେ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନ (ଏମଡିଆରଏଏଫଏମ)ର ୨୦୨୩ ବ୍ୟାଚ୍ ଓଡ଼ିଶା ଅର୍ଥ ସେବା (ଓଏଫଏସ) ଏବଂ ଓଡ଼ିଶା କର ଓ ହିସାବ ସେବା (ଓଟିଆଣ୍ଡଏଏସ) ଶିକ୍ଷାନବୀଶ ଅଧିକାରୀମାନଙ୍କ ସହ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏକ ଉଚ୍ଚସ୍ତରୀୟ ଭାବ ବିନିମୟ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେବା ସହ ଭୂରାଜନୈତିକ ସମସ୍ୟା, ଅଶୋଧିତ ତୈଳ ଆମଦାନୀ ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ପଡୁଥିବା ଚାପ ଭଳି ଜାତୀୟ ଆର୍ଥିକ ଆହ୍ୱାନର ସମ୍ମୁଖୀନ ହେବାକୁ ପରାମର୍ଶ ଦେଇଛନ୍ତି। ପେଟ୍ରୋଲ-ଡିଜେଲ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ବୈଦ୍ୟୁତିକ ଯାନବାହନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଓ ସୌର ପ୍ରଣାଳୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ସୁନା କ୍ରୟ ସ୍ଥଗିତ, ବିଦେଶ ଯାତ୍ରା ଓ ରନ୍ଧନ ତୈଳ ଖର୍ଚ୍ଚ ହ୍ରାସ କରି ମିତବ୍ୟୟିତା ଅବଲମ୍ବନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିସହ ସେ ଅଧିକାରୀମାନଙ୍କୁ ପିଏମଏସବିୱାଇ, ପିଏମଜେଜେବିୱାଇ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ପ୍ରମୁଖ ସାମାଜିକ ସୁରକ୍ଷା ଓ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ବିସ୍ତୃତ ଭାବେ ଅଧ୍ୟୟନ କରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ଏମଡିଆରଏଏଫଏମ ନିର୍ଦ୍ଦେଶକ ସନ୍ତୋଷ କୁମାର ସୁଆର ରାଜ୍ୟପାଳଙ୍କୁ ଅଧିକାରୀମାନଙ୍କ ଚାଲୁ ରହିଥିବା ସମସ୍ତ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ।



ଲୋକସେବା ଭବନରେ ପ୍ରତିଷ୍ଠିତ ଭାଷାବିତ୍, ଲୋକସାହିତ୍ୟ ଗବେଷକ ପଦ୍ମଶ୍ରୀ ଡଃ ମହେନ୍ଦ୍ର କୁମାର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି।

### କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣା

# ତଦନ୍ତ ଆରମ୍ଭ କଲା ଏଚ୍ଆର୍‌ପିସି ଟିମ୍

**ବ୍ରହ୍ମପୁର,୨/୬/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଦିବ୍ୟାଙ୍ଗ ଯୁବକଙ୍କୁ ଅମାନୁଷିକ ଭାବେ ପିଟି ପିଟି ହତ୍ୟା ଘଟଣାର ତଦନ୍ତ କରିବାକୁ କବିସୂର୍ଯ୍ୟନଗର ଥାନାରେ ପହଞ୍ଚିଲା ମାନବ ଅଧିକାର ସୁରକ୍ଷା କମିଟି(ଏଚ୍ଆର୍‌ପିସି)ର ଚାରି ଜଣିଆ ଟିମ। ଟିମ୍ ସହିତ ଗଞ୍ଜାମ ଏସ୍‌ପି ହରିଶ ବିଶି ଥାନାରେ ପହଞ୍ଚି ଅଧିକ ଖୋଳତାଡ଼ କରୁଛନ୍ତି । ଗତ ୨୫ ତାରିଖରୁ ଏକ ବେଆଇନ ପଥର ଖାଦାନ ମାମଲାରେ ଏଫ୍ଆଇଆର୍‌ରେ ନାଁ ନଥିବା ସତ୍ତ୍ୱେ ସୁବୁଳିଆ ଗାଁର ସୁଶାନ୍ତ ସାହୁଙ୍କୁ ପୁଲିସ ତଦନ୍ତ ଆଳରେ ୩୧ ତାରିଖ ଯାଏଁ ଅଟକ ରଖିବା ସହ ମାଡ଼ ମାରିଥିଲା । ଦେହରେ ଗରମ ପାଣି ଓ ଲଙ୍କାଗୁଣ୍ଡ ପକାଇଥିବା ନେଇ ସୁଶାନ୍ତଙ୍କ ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଗୁରୁତର ଅବସ୍ଥାରେ ଗତ ୩୧ ତାରିଖ ରାତିରେ ପୁଲିସ ସୁଶାନ୍ତକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗୁରୁତର ସୁଶାନ୍ତକୁ ପରିବାର ଲୋକେ ପ୍ରଥମେ ଆସିକା ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସର ଥାର୍ଡ଼ ଡିଗ୍ରୀରେ ଯୁବକଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଦକ୍ଷିଣାଞ୍ଚଳ ଆଇଜି ଏଚଆରପିସି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଆଜି ଘଟଣାର ତଦନ୍ତ କରିବା ପାଇଁ କବିସୂର୍ଯ୍ୟନଗର ଥାନାରେ ଟିମ ସଦସ୍ୟ ପହଞ୍ଚିଥିଲେ। ପୂର୍ବରୁ ମଧ୍ୟ ତଦନ୍ତ କରାଯାଇ ଥାନା ଦାୟିତ୍ୱରେ ଥିବା ପ୍ରୋବେସନାଲ ଆଇପିଏସ ନୀତିଶ କୁମାର ମିଶ୍ରଙ୍କୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଘଟଣାରେ ତିନି ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଜଣେ ହୋମଗାର୍ଡକୁ କାର୍ଯ୍ୟରୁ ସମ୍ପୂର୍ଣ୍ଣ ଅବସର ଦିଆଯାଇଛି। ଘଟଣା ପରେ ସମସ୍ତ କର୍ମଚାରୀକୁ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ରହିଛି। ଅପରପକ୍ଷେ ସୁଶାନ୍ତ ସାହୁଙ୍କୁ ପୁଲିସର ଅମାନୁଷିକ ଭାବେ ନିର୍ଯାତନା ଓ ପରେ ସୁଶାନ୍ତଙ୍କ ମୃତ୍ୟୁ ଘଟଣାରେ ବିରୋଧି ଦଳ ତରଫରୁ ଘଟଣାର ଦୃଢ ନିନ୍ଦା କରାଯାଇଛି। ମଙ୍ଗଳବାର ମୃତକଙ୍କ ବାସଭବନରେ ବିଜେଡିର ଫାକ୍ଟ୍ ଫାଇଣ୍ଡିଂ ଟିମ୍ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପୁଲିସର ଏଭଳି ଅମାନୁଷିକ ଓ ବର୍ବରତା କାଣ୍ଡକୁ ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଭୟଭୀତ ଥିବା ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇନଥିବା ଯୋଗୁଁ ଫାକ୍ଟ୍ ଫାଇଣ୍ଡିଂ ଟିମ ପକ୍ଷରୁ ତୁରନ୍ତ ଏତଲା ଦେବାପାଇଁ କୁହାଯାଇଛି। ଏହା ସହ ମୃତକଙ୍କ ପରିବାରକୁ ରାଜ୍ୟ ସରକାର ତରଫରୁ କ୍ଷତିପୂରଣ ଦେବା ସହ ପରିବାରର ଜଣକୁ ସରକାରୀ ଚାକିରି ଏବଂ ଘଟଣାର ନିରେପେକ୍ଷ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହି ଟିମରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ପୂର୍ବତନ ବିଧାୟିକା ସୂର୍ଯ୍ୟମଣୀ ବୈଦଙ୍କ ସମେତ ବିଜୁ ଜନତା ଦଳର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଯୁବକଙ୍କ ହାତବନ୍ଧା ମୃତଦେହ ଉଦ୍ଧାର

**କେନ୍ଦ୍ରାପଡ଼ା,୨/୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଜଳା ଗ୍ରାମରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ହାତବନ୍ଧା ଅବସ୍ଥାରେ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ହେଉଛନ୍ତି ବିକାଶ ମହାନ୍ତି। ସେ ଜଣେ ଡ୍ରାଇଭର ଥିଲେ। ତେବେ ତାଙ୍କ ସ୍ୱାମୀଙ୍କୁ କିଏ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ବିକାଶଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ସ୍ୱାମୀଙ୍କର ଜଣେ ଯୁବକଙ୍କ ସହ ପୂର୍ବରୁ ଶତ୍ରୁତା ଥିଲା। ଏହାକୁ ନେଇ ମାଡପିଟ ଘଟଣା ମଧ୍ୟ ଘଟିଥିଲା। ଏପରିକି ଏହି ମାଡପିଟ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା। ତାଙ୍କ ସ୍ୱାମୀ କିଛିଦିନ ପାଇଁ ଜେଲ ଯାଇଥିଲେ। ହେଲେ ଜେଲରୁ ଫେରିବା ପରେ ତାଙ୍କୁ ହତ୍ୟା କରିବା ପାଇଁ ବିପକ୍ଷ ଗୋଷ୍ଠୀ ଯୋଜନା କରୁଥିଲା। ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ପତ୍ନୀ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡା ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ପୁଲିସ ଥାନା କେଶ ନମ୍ବର ୧୬/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ମୃତ ବିକାଶଙ୍କ ଶବ ହସ୍ତାନ୍ତର କରାଯାଇଥିବା ପୁଲିସ କହିଛି। ଅନ୍ୟପକ୍ଷରେ ମୃତ ବିକାଶଙ୍କ ପିତା ଆଲୋକ ମହାନ୍ତି ତାଙ୍କ ପୁଅ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି।

### ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ମଧ୍ୟସ୍ଥିମୁକ୍ତ ହେବ ଜମିଜମା ପଞ୍ଜୀକରଣ ବ୍ୟବସ୍ଥା

# 'ଲୋକଙ୍କ ସରକାର ଏବଂ ଲୋକଙ୍କ ମଧ୍ୟରେ ମଧ୍ୟସ୍ଥି ରହିବେନି'

**ଭୁବନେଶ୍ୱର,୨/୬/ଏନ୍ଏନ୍ଏସ୍:** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଇଜିଆର୍ ନିରୀକ୍ଷଣ ବ୍ୟବସ୍ଥା ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ଉନ୍ନତ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ ନିରୀକ୍ଷଣ ବ୍ୟବସ୍ଥା, ଏହାର ସୁପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମନ୍ୱିତ ନିରୀକ୍ଷଣ ଏବଂ ମନିଟରିଂ ମାଧ୍ୟମରେ ରାଜ୍ୟର ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟରେ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଶ୍ରୀ ପୂଜାରୀ କହିଲେ ଯେ, ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବାଦ୍ ଦେଇ ପଞ୍ଜୀକରଣ କାର୍ଯ୍ୟାଳୟକୁ ବିନା କୌଣସି କାରଣରେ ପ୍ରତ୍ୟହ ବାରମ୍ବାର ଆସୁଥିବା ମଧ୍ୟସ୍ଥିମାନଙ୍କ ଦ୍ୱାରା ହିଁ ଦୁର୍ନୀତି ହେବାର ସମ୍ଭାବନା ଥାଏ। ଏଥିନିମନ୍ତେ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ୍ ସର୍ଭେଲାନ୍ସ ସିଷ୍ଟମର ବ୍ୟବସ୍ଥା କରାଯାଇ ଏଇ ତଥାକଥିତ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରାଯିବ। ସ୍ମାର୍ଟ ସର୍ଭଲୋନ୍ସ ସିଷ୍ଟମକୁ ଏଆଇର ଉପଯୋଗ କରି ଅଧିକ ସୁଦୃଢ଼ ଏବଂ ପ୍ରଭାବଶାଳୀ କରାଯିବା ସହ ଏଇ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରି ଦଣ୍ଡିତ ମଧ କରାଯିବ। ଜମି କିଣାବିକା ଏବଂ ପଞ୍ଜିକରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ମଧ୍ୟସ୍ଥିଙ୍କ ପ୍ରଭାବରୁ ଦୂରରେ ରଖାଯିବ ଏବଂ ଦୁର୍ନୀତିକୁ କୌଣସିମତେ ପ୍ରଶ୍ରୟ ଦିଆଯିବ ନାହିଁ। ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ପାରଦର୍ଶୀ ରାଜସ୍ୱ ପ୍ରଶାସନକୁ ସୁନିଶ୍ଚିତ କରିବା ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ପ୍ରଥମେ ପଞ୍ଜୀକରଣ ବ୍ୟବସ୍ଥାକୁ ମଧ୍ୟସ୍ଥିଙ୍କ ଠାରୁ ମୁକ୍ତ କରାଯିବ।



'ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ୍' ମାଧ୍ୟମରେ ଚିହ୍ନଟ ହୋଇ ଦଣ୍ଡିତ ହେବେ ମଧ୍ୟସ୍ଥି

ସେହିପରି ଆଗକୁ ମଧ ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟାଳୟ, ତହସିଲ୍ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ମଧ ସ୍ମାର୍ଟ ସର୍ଭଲାନ୍ସ ବ୍ୟବସ୍ଥା ଗ୍ରହଣ କରାଯିବ। ସେହିପରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ କାର୍ଯ୍ୟାଳୟରେ ଉପସ୍ଥିତି ଏବଂ କାର୍ଯ୍ୟରତ ସମୟ ସମ୍ପର୍କରେ ବିଶଦ ଦୃଷ୍ଟି ରଖାଯିବା ସହ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ଟ୍ରାକିଂ ମଧ କରାଯିବ। ରାଜ୍ୟ ମୁଖ୍ୟାଳୟରେ ମଧ ମାନ୍ୟବର ମନ୍ତ୍ରୀ ଏବଂ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କସ୍ତରରେ ସମୟାନୁକ୍ରମେ ଏହାର ନିରୀକ୍ଷଣ କରାଯିବ। ଅଧିକାରୀମାନଙ୍କ ଉପସ୍ଥିତି-ଅନୁପସ୍ଥିତି ଉପରେ ଏହି ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ୍ ଦ୍ୱାରା ତୀକ୍ଷ୍ଣ ନଜର ରଖାଯିବ। ଆଗାମୀ ଦିନରେ ସମସ୍ତ ପଞ୍ଜୀକରଣ କାର୍ଯ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ପଞ୍ଜୀକରଣ ଅଧିକାରୀଙ୍କୁ ଆବଶ୍ୟକସ୍ଥଳେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଭାବରେ ଅଧିକ କ୍ଷମତା ପ୍ରଦାନ କରାଯିବ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ରାଜ୍ୟ ପଞ୍ଜୀକରଣ ମହାନିର୍ଦ୍ଦେଶକ ପି. ଅନ୍ୱେଷା ରେଡ୍ଡୀ, ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରକାଶ ମିଶ୍ର, ଅତିରିକ୍ତ ଶାସନ ସଚିବ ଦିଗନ୍ତ ରାଉତରାୟ, ଓକାକର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

### ବନକଲାଗି ନୀତି

# ୪ ଘଣ୍ଟା ବନ୍ଦ ରହିବ ଜଗା ଦର୍ଶନ

**ପୁରୀ,୨/୬/ଏନ୍ଏନ୍ଏସ୍:** ଆସନ୍ତାକାଲି ଅର୍ଥାତ ବୁଧବାର ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଯେଉଁଥି ପାଇଁ ଜଗା ଦର୍ଶନ ୪ ଘଣ୍ଟା ବନ୍ଦ ରହିବ। ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ୨ୟ ଭୋଗମଣ୍ଡପ ଭୋଗ ଶେଷ ପରେ ଆରମ୍ଭ ହେବ। ଫଳରେ ସନ୍ଧ୍ୟା ୬ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ବନକଲାଗି ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ସେବକ ମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ଲାଗି ଗର୍ଭଗୃହକୁ ପ୍ରବେଶ କରିବେ। ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୁର, କଇଥ ଅଠା, କସ୍ତୁରୀ ଓ କଳା ଆଦି ବ୍ୟବହାର କରାଯିବ। ଏହା ଦ୍ୱାରା ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥାଏ।

# ଘର ଭିତରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପୁରୀ,୨/୬/ଏନ୍ଏନ୍ଏସ୍:** ଘର ଭିତରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ପୁରୀ ଜିଲ୍ଲା ସାତଶଙ୍ଖ ଫାଣ୍ଡି ଅର୍ଜୁନସିଂହପୁର ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଗାଁର ଭାସ୍କର ଚନ୍ଦ୍ର ଦାସ ଏବଂ ତାଙ୍କ ପତ୍ନୀଙ୍କର ମୃତଦେହ ବନ୍ଦ ଘରୁ ଉଦ୍ଧାର କରାଯାଇଛି। ଦମ୍ପତିଙ୍କ ମୃତଦେହ ଉଦ୍ଧାର କରି ସାତଶଙ୍ଖ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ସକାଳୁ ଭାସ୍କରଙ୍କ ଘର କବାଟ ବନ୍ଦ ଥିବା ପଡୋଶୀ ଦେଖି ତାଙ୍କୁ ଡାକିଥିଲେ। କିନ୍ତୁ ସେମାନେ କବାଟ ନ ଖୋଲିବାରୁ ସାତଶଙ୍ଖ ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିଛନ୍ତି।

ତେବେ ଭାସ୍କର ଦାସ ଏକ ଗଦି ଫ୍ୟାକ୍ଟରୀରେ ସିକ୍ୟୁରିଟି ଗାର୍ଡ ଭାବରେ କାମ କରୁଥିଲେ। ପାରିବାରିକ କଳହ କାରଣରୁ ସେମାନେ ଜୀବନ ହାରିଥିବା ସନ୍ଦେହ କରାଯାଉଛି। ଏପରିକି ଘର ଭିତରୁ ଏକ ସୁଇସାଇଡ ନୋଟ ସାଇଣ୍ଟିଫିକ ଟିମ ଉଦ୍ଧାର କରି ଅଧିକ ତଦନ୍ତ ଜାରି ରଖିଛି।

# ପିଏମ୍ ଗତିଶକ୍ତି ପୋର୍ଟାଲ୍‌ର କାର୍ଯ୍ୟକାରିତା ନେଇ ସମୀକ୍ଷା

**ଭୁବନେଶ୍ୱର,୨/୬/ଏନ୍ଏନ୍ଏସ୍:** ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ରାଜ୍ୟରେ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା ନେଇ ମଙ୍ଗଳବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପିଏମ୍ ଗତିଶକ୍ତି ପୋର୍ଟାଲର ସର୍ବାଧିକ ଉପଯୋଗ କରି ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ତଥା ସମୟ ଅବଧି ମଧ୍ୟରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ତଥା ରାଜ୍ୟର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ଦ୍ରୁତତର କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେ ଯେ ଭିତ୍ତିଭୂମି ନିର୍ମାଣ ଦିଗରେ ପିଏମ୍ ଗତିଶକ୍ତି ପୋର୍ଟାଲ ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ତେଣୁ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା, ଆଧୁନିକ ରାସ୍ତା, ସେତୁ ଓ କୋଠାବାଡି ଆଦି ନିର୍ମାଣ କ୍ଷେତ୍ରରେ ଏହି ପୋର୍ଟାଲର ଯୁଗାନ୍ତକାରୀ ସାବ୍ୟସ୍ତ ହେବ।

ବୈଠକରେ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ, ସଡ଼କ ସଂରଚନା, ବହୁମୁଖୀ ସଂଯୋଗ ବ୍ୟବସ୍ଥାର ବିକାଶ ଏବଂ ପିଏମ୍ ଗତିଶକ୍ତି ପୋର୍ଟାଲ ମାଧ୍ୟମରେ ପ୍ରକଳ୍ପଗୁଡ଼ିକର ଉନ୍ନତ ଯୋଜନା



ପ୍ରସ୍ତୁତି ଓ ସମନ୍ୱିତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗାମୀ ଓଡ଼ିଶା ଗସ୍ତ ଅବସରରେ ନୂତନ ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ହେବାକୁ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ମଧ ସମୀକ୍ଷା କରାଯାଇଥିଲା। ବୈଠକରେ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଏଲ. କେ. ପାଢୀ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଇଆଇସି ସିଭିଲ ଇଂ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ, ପ୍ଲାନିଂ ଓ କୋର୍ଡିନେସନ ଇଂ ସମୀର ହୋତା, ମୁଖ୍ୟଯନ୍ତ୍ରୀ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟଯନ୍ତ୍ରୀ ଶିବବ୍ରତ ତରିଆଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱ ଡିଜିଟାଲ୍ ବହି' ଉନ୍ମୋଚିତ

**ଭୁବନେଶ୍ୱର,୨/୬/ଏନ୍ଏନ୍ଏସ୍:** ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱକୁ ବୁଝାଉଥିବା ଏକ ସରଳ 'ଡିଜିଟାଲ ବହି'ର ଉନ୍ମୋଚନ କରିଛନ୍ତି। ଏହା ସହିତ ଅତିଶୟ କମ୍ ଓଜନ ଥିବା ଶିଶୁ ଏବଂ ଅଙ୍ଗନୱାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦ ଖର୍ଚ୍ଚକୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ କରିଛନ୍ତି। ଶ୍ରୀମତୀ ପରିଡ଼ା ପ୍ରକାଶ କରିଛନ୍ତି ଯେ, ଶିଶୁର ସାମଗ୍ରିକ ବିକାଶ ପାଇଁ ଜୀବନର ପ୍ରଥମ ୧୦୦୦ ଦିନ (ଗର୍ଭ ସଂଚାର ଠାରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ବହିରେ ଓଡ଼ିଆ ଭାଷାରେ ଅତି ସରଳ ଭାବରେ ଜୀବନର ପ୍ରଥମ ୧୦୦୦ ଦିନର ପ୍ରତିଟି ସ୍ତର



ଏବଂ ତାର ଯତ୍ନ ବିଷୟରେ ବୁଝାଇ ଦିଆଯାଇଛି। ଅଙ୍ଗନବାଡ଼ି ଦିଦିମାନେ ନିଜର ଗୃହ ପରିଦର୍ଶନ ସମୟରେ ଏହି ବହି ଟିକୁ ବ୍ୟବହାର କରି ହିତାଧିକାରୀମାନଙ୍କୁ ସଚେତନ କରିବେ। ଏଥି ସହିତ ସମସ୍ତ ହିତାଧିକାରୀଙ୍କ ପାଖରେ ଏହି ଡିଜିଟାଲ ବହିଟିକୁ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କ ମାଧ୍ୟମରେ ଓ ସୋସିଆଲ୍ ମିଡିଆ ଦ୍ୱାରା ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି।

ଏଥିସହ ଶ୍ରୀମତୀ ପରିଡ଼ା ଆହ୍ୱାନ ଦେଇଛନ୍ତି, ପ୍ରତ୍ୟେକ ମାତା-ପିତା ଓ ପରିବାର ସଦସ୍ୟ ଏହାକୁ ପଢ଼ି ଦୈନନ୍ଦିନ ଜୀବନରେ ପ୍ରୟୋଗ କଲେ ରାଜ୍ୟରେ ଏକ 'ସୁସ୍ଥ ମା' - ସୁସ୍ଥ ଶିଶୁ - ସୁସ୍ଥ ପରିବାର' ଗଢ଼ିବାର ସ୍ୱପ୍ନ ସାକାର ହୋଇପାରିବ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ, ନିର୍ଦ୍ଦେଶିକା ମୋନିସା ବାନାର୍ଜୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଡିସି-ପୋଷଣ ଓ ସୁପରଭାଇଜରମାନେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# 'ରାଜ୍ୟରେ ହାଜତ ମୃତ୍ୟୁ, ପୁଲିସ ବର୍ବରତା ଉଦ୍‌ବେଗଜନକ'

**ଭୁବନେଶ୍ୱର,୨/୬/ଏନ୍ଏନ୍ଏସ୍:** ରାଜ୍ୟରେ ପୁଲିସ ପ୍ରଶାସନର ବର୍ବରତା ସବୁ ସୀମା ଟପି ସାରିଲାଣି। ଥାନା ଭିତରେ ନିର୍ଯାତନା ଏବଂ ହାଜତ ମୃତ୍ୟୁ ମାମଲା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଘଟୁଥିବା ହିଂସା ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ପୁଲିସ ପ୍ରଶାସନ ବିଫଳ ହୋଇ ଥିବାବେଳେ ସାଧାରଣ ଲୋକଙ୍କୁ ହାଜତରେ ନିର୍ଯାତନା ଦେବା ନିନ୍ଦନୀୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏନେଇ ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ଏବଂ ମୁଖପାତ୍ର ଡ. ମନିଷା ଦାସ ପଟ୍ଟନାୟକ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ବିରୋଧରେ ବିଷୋଦଗାର କରିଛନ୍ତି।





ରାଜ୍ୟରେ ଆଇନଶୃଙ୍ଖଳା ସରକାରଙ୍କ ଆୟତ୍ତରେ ନାହିଁ। ଦିନକୁ ଦିନ ରାଜ୍ୟରେ ଅରାଜକତା, ହିଂସା, ହତ୍ୟା, ଧର୍ଷଣ, ସାଧାରଣ ଲୋକଙ୍କ ଉପରେ ନିର୍ଯାତନା, ପୁଲିସ ବର୍ବରତା ବଢି ଚାଲିଥିବା ନେଇ ଶ୍ରୀ ପ୍ରଧାନ ଉଦବେଗ ପ୍ରକାଶ କରିଥିଲେ। କବିସୂର୍ଯ୍ୟ ନଗରରେ ଘଟିଥିବା ହାଜତ ହତ୍ୟା ପାଇଁ ସରକାରଙ୍କ ଗୃହ ବିଭାଗ ଏବଂ ପୁଲିସର ଅପାରଗତା ଦାୟୀ ବୋଲି ସେ କହି ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଥିଲେ। ସେହିପରି ମୁଖପାତ୍ର ଡ. ମନିଷା କହିଥିଲେ ଯେ ପୁଲିସ ମହାନିର୍ଦ୍ଦେଶକ ଗତ ୧୦ ଦିନ ଭିତରେ ଦୁଇଥର କହିସାରିଲେଣି ଓଡ଼ିଶାରେ ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ। ଏହାସତ୍ତ୍ୱେ ଅପରାଧୀ ଅପରାଧ ଘଟାଇ ଚାଲିଛନ୍ତି। ଅପରପକ୍ଷରେ ପୁଲିସ ସାଧାରଣ ଲୋକଙ୍କୁ ଥାନାକୁ ଡକାଇ ଅକଥନୀୟ ନିର୍ଯାତନା ଦେଉଛି। ବାରଙ୍ଗ ଥାନାରେ ରାକେଶ ବେହେରାଙ୍କୁ ପୁଲିସ ଅଟକ ରଖି ନିର୍ଯାତନା ଦେବା ପରେ ସେ ଜୀବନ- ମରଣ ସହ ସଂଘର୍ଷ କରୁଛନ୍ତି। ରାଜନଗର ତାଳଚୁଆ ସାମୁଦ୍ରିକ ଥାନା ଭିତରେ ଆଇଆଇସି ଜଣେ ଗରିବ ମା' ଓ ପୁଅଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଥିଲେ। ଆଇଆଇସିଙ୍କୁ ବଦଳି କରି ପୁଲିସ ପ୍ରଶାସନ ଲୋକଙ୍କ ପ୍ରତିବାଦ ଯୋଗୁଁ ଉଭୟ ଥାନାର ଚୁପ୍ ହୋଇ ବସି ରହିଛି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାର ଆଇଆଇସି ଜଣେ ନିରୀହ ଭିନ୍ନକ୍ଷମ ଯୁବକଙ୍କୁ ଉଠାଇ ଆଣି ଦୀର୍ଘ ୩ ଦିନ ଧରି ହାଜତ ଭିତରେ ଅକଥନୀୟ ନିର୍ଯାତନା ଏବଂ ପ୍ରବଳ ମାଡ ଦେବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ପାଇଁ ସେ ସରକାରଙ୍କ ଠାରେ ଦାବି କରିଛନ୍ତି।

### ନିଟ୍ ଓ ସିବିଏସ୍ଇ ପରୀକ୍ଷାରେ ବିଭ୍ରାଟ ପ୍ରସଙ୍ଗ

# ବିଜେପି ସରକାର ଉପରେ ବର୍ଷିଲା ବିଜେଡି

**ଭୁବନେଶ୍ୱର,୨/୬/ଏନ୍ଏନ୍ଏସ୍:** ବିଜେପି ସରକାରକୁ ଆସିବା ଦିନଠୁ ପ୍ରାୟ ସବୁ ପରୀକ୍ଷାରେ ପେପର ଲିକ୍ ହୋଇ ପରୀକ୍ଷା ବାତିଲ୍ ହୋଇଛି। ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରି ଥର ନିଟ୍ ପରୀକ୍ଷା ବାତିଲ୍ ହୋଇଥିବା ବେଳେ ସିବିଏସ୍ଇ ପରୀକ୍ଷା ସହ ଅନ୍ୟାନ୍ୟ ପରୀକ୍ଷାରେ ମଧ୍ୟ ବିଭ୍ରାଟ ସୃଷ୍ଟି ହୋଇଛି। ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାର ଉପରେ କ୍ଷୋଭ ପ୍ରକାଶ କରିଛି ବିଜୁ ଜନତା ଦଳ। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା କହିଛନ୍ତି। ଏପରିକି ନିଟ୍, ସିବିଏସ୍ଇ ପରୀକ୍ଷାରେ ବିଭାଟ ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାରକୁ କଡ଼ା ସମାଲୋଚନା କରିଥିଲେ।

ଶ୍ରୀମତୀ ଦେଓ କହିଥିଲେ ଯେ, ବାରମ୍ବାର ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଗଭୀର ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ପରିଶ୍ରମ କରି ପରୀକ୍ଷା ଦେଉଥିବା ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ୨୦୨୪ରେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେଲା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଥମେ ଅସ୍ୱୀକାର କଲେ ଓ ପରେ ମାନିଲେ ଯେ, କିଛି ରାଜ୍ୟରେ ପେପର ଲିକ୍ ହୋଇଛି । ଚଳିତ ବର୍ଷ ନିଟ୍, ସିବିଏସ୍ଇ, ସିୟୁଟି ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ରହିଥିବା ବେଳେ କେତେକ ପିଲା ଆତ୍ମହତ୍ୟା କରିସାରିଲେଣି । ଏପରି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉତ୍ତରଦାୟିତ୍ୱ ରହିଥିଲେ ମଧ୍ୟ ସେ ଏହି ପ୍ରସଙ୍ଗରେ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେବାରେ ବିଫଳ ହୋଇଛନ୍ତି । ଡ଼ ମହାନ୍ତି କହିଥିଲେ ଯେ, ବିକଶତି ଭାରତର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିଲା ଭାରତୀୟ ଜନତା ପାର୍ଟି । କିନ୍ତୁ ନିଟ୍, ସିବିଏସଇ ଏବଂ ସିୟୁଇଟି ଭଳି ଜାତୀୟ ସ୍ତରର ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଘଟୁଥିବାରୁ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସକୁ ଗଭୀର ଆଘାତ ଦେଇଛି। ପେପର ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ର ସରକାର ଏବଂ ଶିକ୍ଷା ମନ୍ତ୍ରଣାଳୟ ଏହାର ନୈତିକ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ। ଯେତେବେଳେ ଲକ୍ଷ ଲକ୍ଷ ଯୁବପିଢ଼ିଙ୍କ ଭବିଷ୍ୟତ ସମ୍ପର୍କିତ ପ୍ରସଙ୍ଗ ଆସୁଛି, ସେତେବେଳେ ସମ୍ପୃକ୍ତ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦେବା ନୈତିକ ଓ ପ୍ରଶାସନିକ ଦାୟିତ୍ୱ ଅଟେ।



# ରଚନା ବାନାର୍ଜୀଙ୍କ ନାଁରେ ଏଫ୍ଆଇଆର୍

**କୋଲକାତା, ୨୬/ଏଜେନ୍ସି:** ଓଲିଉଡ୍ ଏବଂ ବଲିଉଡ୍‌ର ଜଣାଶୁଣା ଅଭିନେତ୍ରୀ ତଥା ଟିଏମ୍‌ସି ସାଂସଦ ରଚନା ବାନାର୍ଜୀଙ୍କ ବିରୋଧରେ କୋଲକାତାର ଚାରୁ ମାର୍କେଟ୍ ଥାନାରେ ଏକ ଲିଖିତ ଅଭିଯୋଗ (ଏଫ୍ଆଇଆର୍) ଦାୟର



କରାଯାଇଛି। ଆଇନଜୀବୀ ଶାୟନ ସଚିନ ବସୁ ଚାରୁ ମାର୍କେଟ୍ ଥାନାରେ ଏହି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୪ ଅଗଷ୍ଟ ୧୫ ତାରିଖରେ ସୋସିଆଲ ମିଡିଆରେ ପ୍ରସାରିତ ଏକ ଭିଡିଓ ବାର୍ତ୍ତାରେ ରଚନା ବାନାର୍ଜୀ ଆର.ଜି. କର ମାମଲାର ନିର୍ଯାତିତାଙ୍କ ପ୍ରକୃତ ନାମ ଓ ପରିଚୟ ଏକାଧିକ ବାର ପ୍ରକାଶ କରିଥିଲେ। ଆଇନ ଅନୁସାରେ, ଯୌନ ନିର୍ଯାତନାର ଶିକାର ହୋଇଥିବା କୌଣସି ବି ବ୍ୟକ୍ତିଙ୍କ ପରିଚୟ ବା ନାମ ସାର୍ବଜନୀନ କରିବା ସମ୍ପୂର୍ଣ୍ଣ ବେଆଇନ ଏବଂ ଏକ ଦଣ୍ଡନୀୟ ଅପରାଧ। ଅଭିଯୋଗକାରୀ ଦର୍ଶାଇଛନ୍ତି ଯେ ଭିଡିଓର ୧:୪୦, ୧:୪୬, ୫:୪୬ ଏବଂ ୫:୪୮ ମିନିଟ୍ ସମୟରେ ରଚନା ସ୍ପଷ୍ଟ ଭାବେ ନିର୍ଯାତିତାଙ୍କ ନାମ ନେଇଥିଲେ। ତେବେ ରଚନା ବାନାର୍ଜୀ ନିଜର ସଫେଇ ଦେଇ କହିଛନ୍ତି, 'ଅଜାଣତରେ ଏବଂ ଆବେଗପୂର୍ଣ୍ଣ ହୋଇ ମୋ ଦ୍ୱାରା ଭୁଲ୍‌ରେ ନାମ ପ୍ରକାଶ ପାଇଯାଇଥିଲା। ସେ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏହା ଏକ ଆଇନଗତ ପ୍ରକ୍ରିୟା ହୋଇଥିବାରୁ ସେ ଏ ସମ୍ପର୍କରେ ନିଜ ଆଇନଜୀବୀଙ୍କ ସହ ପରାମର୍ଶ କରୁଛନ୍ତି ଏବଂ ଆଇନଗତ ଭାବେ ଏହାର ମୁକାବିଲା କରିବେ। ଭାରତୀୟ ଆଇନ ଅନୁଯାୟୀ, ଯୌନ ନିର୍ଯାତନା ମାମଲାର ପୀଡ଼ିତାଙ୍କ ପରିଚୟ ପ୍ରକାଶ କଲେ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ଜରିମାନା ହେବାର ପ୍ରାବଧାନ ରହିଛି।

**ଦ୍ୱିଶା ଶର୍ମା ମୃତ୍ୟୁ ମାମଲା**

# ୧୪ ଦିନିଆ ନ୍ୟାୟିକ ହାଜତ୍‌କୁ ଗଲେ ସ୍ୱାମୀ, ଶାଶୂ

**ଭୋପାଳ, ୨୬/ଏଜେନ୍ସି:** ପୂର୍ବତନ ଅଭିନେତ୍ରୀ ତଥା ମଡେଲ ୩୩ ବର୍ଷୀୟା ଦ୍ୱିଶା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ, ଭୋପାଳ କୋର୍ଟ ମଙ୍ଗଳବାର (୨ ଜୁନ୍, ୨୦୨୬) ଶୁଣାଣି କରିଛନ୍ତି। କୋର୍ଟ ଯୌତୁକ ନିର୍ଯାତନା ଅଭିଯୋଗରେ ଦୁଇ ଅଭିଯୁକ୍ତ ଯେପରିକି ଦ୍ୱିଶାଙ୍କ ସ୍ୱାମୀ ସମର୍ଥ ଏବଂ ଗିରିବାଲା ସିଂହଙ୍କୁ ୧୪ ଦିନିଆ ନ୍ୟାୟିକ ହାଜତ୍‌କୁ ପଠାଇଛନ୍ତି। ସିବିଆଇ ରିମାଣ୍ଡ ଅବଧି ଶେଷ ହେବା ପରେ, ସିବିଆଇ ଏହି ଦୁଇଜଣଙ୍କୁ କୋର୍ଟ ସମ୍ମୁଖରେ ହାଜର



କରାଇଥିଲା। କୋର୍ଟ ଉଭୟଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତ (ଜୁଡିସିଆଲ୍ କଷ୍ଟଡି)କୁ ପଠାଇ ଦେଇଛନ୍ତି। ଦିନକ ପୂର୍ବରୁ, ସିବିଆଇ ଡମି ବ୍ୟବହାର କରି ପୂର୍ବତନ ମଡେଲ୍‌ଙ୍କ ଶ୍ୱଶୁର ଘରେ ହୋଇଥିବା କଥିତ ଆତ୍ମହତ୍ୟାର ପରିସ୍ଥିତିର ପୁନଃନିର୍ମାଣ କରିଥିଲା।

ମେ ୧୨ ତାରିଖରେ ଭୋପାଳସ୍ଥିତ ଶ୍ୱଶୁର ଘରୁ ଦ୍ୱିଶାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାର ତଦନ୍ତ ଭାରତ ସିବିଆଇକୁ ନ୍ୟସ୍ତ କରାଯିବା ପରେ ସିବିଆଇ ଉଭୟଙ୍କୁ ଗିରଫ କରିଥିଲା। ଗିରିବାଲା ସିଂହ ଜଣେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ହୋଇଥିବା ବେଳେ ସମର୍ଥ ମଧ୍ୟ ଜଣେ ଆଇନଜୀବୀ। ସେ ବିଏଲ୍ଏଲ୍‌ବି ଡିଗ୍ରୀ ଶେଷ କରିବା ପରେ ଓକିଲାତି କ୍ଷେତ୍ରରେ ସକ୍ରିୟ ରହିଛନ୍ତି। ପ୍ରକାଶ, ଦ୍ୱିଷାଙ୍କ ବାପା-ମା' ଅଭିଯୋଗ କରିଛନ୍ତି ଯେ ଡିସେମ୍ବର ୨୦୨୫ରେ ବିବାହ ପରଠାରୁ ହିଁ ଯୌତୁକ ପାଇଁ ଦ୍ୱିଷାଙ୍କୁ ତାଙ୍କ ଶାଶୁ ଘରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ପୋଷ୍ଟମର୍ଟମ ରିପୋର୍ଟରେ ମଧ୍ୟ ମୃତ୍ୟୁ ହେବା ପୂର୍ବରୁ ଦ୍ୱିଷାଙ୍କ ଶରୀରରେ କିଛି କ୍ଷତ ତଥା ଆଘାତ ଚିହ୍ନ ରହିଥିଲା ବୋଲି ଦର୍ଶାଯାଇଛି। ଏହାକୁ ଆଧାର କରି ସିବିଆଇ ଅନୁଭବ କରୁଛି ଯେ, ଦ୍ୱିଷାଙ୍କୁ ହତ୍ୟା କରାଯିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି।

**ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ପ୍ରସଙ୍ଗ**

# ନେତାନ୍ୟାହୁଙ୍କୁ ତାଗିଦ୍ କଲେ ଟ୍ରମ୍ପ୍

**ତେଲ୍ ଅଭିଭ, ତେହରାନ୍, ୱାଶିଂଟନ୍ ଡିସି, ୨୬/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ଏହି ଅବସରରେ ଟ୍ରମ୍ପ, ଲେବାନନ୍ ଉପରେ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଉପରେ କଡ଼ା ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ରାଗରେ ନେତାନ୍ୟାହୁଙ୍କୁ କୁଆଡେ 'ପାଗଳ ହୋଇଗଲଣି' ବୋଲି ମଧ୍ୟ କହିଛନ୍ତି ଏବଂ ତାଙ୍କ ଉପରେ କୃତଘ୍ନତା (ଅନୁଗ୍ରହ ନ ମାନିବା)ର ଆରୋପ ଲଗାଇଛନ୍ତି। ଟ୍ରମ୍ପ, ନେତାନ୍ୟାହୁଙ୍କୁ କହିଛନ୍ତି, "ଯଦି ତୁମେ ଏପ୍ରକାର ପାଗଳାମୀ ଜାରି ରଖିବ ତେବେ ତୁମ ସହ ପୁରା ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସମସ୍ୟା ଭୋଗିବେ। ଯଦି ମୁଁ ନଥାନ୍ତି, ତେବେ ବର୍ତ୍ତମାନ ସମୟ ସୁଦ୍ଧା ତୁମେ ଜେଲ୍‌ରେ ଥାଆନ୍ତ। ମୁଁ ତୁମକୁ ରକ୍ଷା କରୁଛି। କିନ୍ତୁ ଏବେ ସମସ୍ତେ ତୁମ ଉପରେ ବିରକ୍ତ। ସମସ୍ତେ





ଇସ୍ରାଏଲ୍ ଉପରେ ଅସନ୍ତୁଷ୍ଟ। ଏହା ଇସ୍ରାଏଲ ପାଇଁ କଦାପି ମଙ୍ଗଳକାରୀ ନୁହେଁ।" ଆମେରିକୀୟ ଅଧିକାରୀଙ୍କ କହିବା ଅନୁଯାୟୀ, ଟ୍ରମ୍ପ ବିଶେଷ କରି ଏହି କଥାକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲେ ଯେ, ହିଜବୁଲ୍ଲା ସଶସ୍ତ୍ର ବାହିନୀଙ୍କୁ ଟାର୍ଗେଟ୍ କରିବା ଆଳରେ ଇସ୍ରାଏଲ୍ ଯେଉଁ ଘାତକ ଆକ୍ରମଣ କରୁଛି, ସେଥିରେ ଲେବାନନ୍‌ରେ ବହୁ ସଂଖ୍ୟାରେ ସାଧାରଣ ନାଗରିକ ପ୍ରାଣ ହରାଉଛନ୍ତି। ଜଣେ ହିଜବୁଲ୍ଲା କମାଣ୍ଡରକୁ ଟାର୍ଗେଟ୍ କରିବା ପାଇଁ ସମ୍ପୂର୍ଣ୍ଣ କୋଠାଗୁଡ଼ିକୁ ଭାଙ୍ଗି ଦିଆଯାଉଛି, ଯେଉଁଥିରେ ଆଶ୍ରୟନ ନେଇଥିବା ଅଧିକାଂଶ ମହିଳା ଓ ଶିଶୁ ପ୍ରାଣ ହରାଉଛନ୍ତି। ରିପୋର୍ଟ ମୁତାବକ, ଲେବାନନ୍ ଉପରେ ଆକ୍ରମଣ ପରେ ଇରାନ ସୋମବାର ଚେତାବନୀ ଦେଇଥିଲା ଯେ ଯଦି ଇସ୍ରାଏଲ୍‌ର କାର୍ଯ୍ୟାନୁଷ୍ଠାନ ଜାରି ରହେ, ତେବେ ସେ ଆମେରିକା ସହ ଚାଲିଥିବା ଶାନ୍ତି ଆଲୋଚନାରୁ ଓହରିବା ଉପରେ ବିଚାର କରିବାକୁ ବାଧ୍ୟହେବ। ଏଥିରେ ଅସନ୍ତୁଷ୍ଟ ହୋଇ ଟ୍ରମ୍ପ ନେତାନ୍ୟାହୁଙ୍କୁ ଫୋନ୍ କରିଥିଲେ।

ଇରାନ୍ ଏବଂ ଆମେରିକା ମଧ୍ୟରେ ଆକ୍ରମଣ, ପ୍ରତ୍ୟାକ୍ରମଣ ଆରମ୍ଭ ହୋଇଯାଇଛି। ଆମେରିକା ପକ୍ଷରୁ ହେଉଥିବା ଆକ୍ରମଣର ଜବାବ ଇରାନ୍, କୁଏତ୍‌ରେ ଥିବା ଆମେରିକାର ଏୟାରବେସ୍ ତଥା ଅନ୍ୟ ସାମରିକ ଘାଟିଗୁଡ଼ିକ ଉପରେ ଘାତକ ଆକ୍ରମଣ ପୂର୍ବକ ଦେଉଛି। ଆମେରିକୀୟ ସେଣ୍ଟ୍ରାଲ୍ କମାଣ୍ଡ ପକ୍ଷରୁ ଇରାନର ଗୋରୁକ୍ ସହର ଏବଂ କେଶ୍ମ ଦ୍ୱୀପ ଉପରେ ଆକ୍ରମଣ କରାଯାଇଥିବା ବେଳେ ଇରାନ୍ ମଧ୍ୟ ଜବାବୀ ହମ୍‌ଲା କରିଛି। ଯଦିଓ ସୋମବାର ସୁଦ୍ଧା ସାମ୍ନାକୁ ଏପ୍ରକାର ଆକ୍ରମଣ ପ୍ରତ୍ୟାକ୍ରମଣ ରିପୋର୍ଟ ସାମ୍ନାକୁ ଆସିଥିଲା ମଙ୍ଗଳବାର କିନ୍ତୁ ଏଭଳି କୌଣସି ସମ୍ବାଦ ହସ୍ତଗତ ହୋଇନାହିଁ। ତେବେ ଏସବୁ ଘନଘଟା ମଧ୍ୟରେ ଆମେରିକା-ଇରାନ ମଧ୍ୟରେ ପୁଣିଥରେ ଶାନ୍ତି ଆଲୋଚନା ପ୍ରକ୍ରିୟା ଆରମ୍ଭ ହୋଇଛି। ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନା ପୁଣି ଥରେ ସ୍ୱାଭାବିକ ହେଉଥିବା ଜଣାପଡୁଛି। ସିଏନ୍ଏନ୍ ଅନୁଯାୟୀ, ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ଏବଂ ଆଲୋଚନା ପୁଣି ଆଗକୁ ବଢୁଛି। କିନ୍ତୁ ଏବେବି ସେହି ସମାନ ସମସ୍ୟା ଏବେ ବି ରହିଛି। ଆମେରିକା ପକ୍ଷରୁ ଦିଆଯାଇଥିବା ସର୍ତ୍ତକୁ ଇରାନ୍ ସ୍ୱୀକାର କରିବ କି ନାହିଁ ? ଏହି ଗୋଟିଏ ପ୍ରଶ୍ନର ଉତ୍ତର ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଯଦି ଇରାନ୍, ସମୃଦ୍ଧ ୟୁରାନିୟମ୍‌ଗୁଡ଼ିକୁ ହସ୍ତାନ୍ତର କରିବା ସହ ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ଭଳି ଆମେରିକାର ସର୍ତ୍ତଗୁଡ଼ିକୁ ମାନିନିଏ ତେବେ ହୁଏତ ଯୁଦ୍ଧ ସମାପ୍ତ ହୋଇପାରିବ ବୋଲି କୁହାଯାଉଛି।

# ଆହୁରି ୧୨ ଟଙ୍କା ବଢ଼ିବ ପେଟ୍ରୋଲ୍-ଡିଜେଲ୍ ଦର !

**ନୂଆଦିଲ୍ଲୀ, ୨୬/ଏଜେନ୍ସି:** ଆଗାମୀ ଦିନରେ ଦେଶରେ ପେଟ୍ରୋଲ୍, ଡିଜେଲ୍ ମୂଲ୍ୟ ଆହୁରି ୧୨ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ। ରେଟିଂ ଏଜେନ୍ସି ଆଇସିଆର୍‌ଏର ସିନିୟର ଭାଇସ୍ ପ୍ରେସିଡେଣ୍ଟ ପ୍ରଶାନ୍ତ ବଶିଷ୍ଠ ତୈଳ କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ଳେଷଣ କରିବା ଆଳରେ ଆଗକୁ ପୁନଃ ତେଲ ଦର ବୃଦ୍ଧିଜନିତ ଆଶଙ୍କା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଶାନ୍ତ ବଶିଷ୍ଠଙ୍କ କହିବା ଅନୁଯାୟୀ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ



ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୨୦ ରୁ ୧୨୫ ଡଲାର ମଧ୍ୟରେ ରହୁଥିବାରୁ ଭାରତୀୟ ସରକାରୀ ତୈଳ ବିପଣନ କମ୍ପାନୀଗୁଡ଼ିକ ଯେପରିକି ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ୍ ଆଦି ପ୍ରତିଦିନ ପ୍ରାୟ ୫୫୦ ରୁ ୭୦୦ କୋଟି ଟଙ୍କାର କ୍ଷତି ସହୁଛନ୍ତି। ଅର୍ଥାତ୍ ଏସବୁ କମ୍ପାନୀ ବର୍ତ୍ତମାନ ପେଟ୍ରୋଲରେ ୫.୫ ପ୍ରତି ଲିଟର ଏବଂ ଡିଜେଲରେ ୪.୫ ପ୍ରତି ଲିଟର ନିଟ୍ ମାର୍କେଟିଂ କ୍ଷତି ସହୁଛନ୍ତି। ଗତ କିଛି ସପ୍ତାହ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ପ୍ରାୟ ୭.୫୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଥିଲେ ମଧ୍ୟ ଏହି ବୃଦ୍ଧି କମ୍ପାନୀଗୁଡ଼ିକର ସମ୍ପୂର୍ଣ୍ଣ କ୍ଷତି ଭରଣା କରିବା ପାଇଁ ଯଥେଷ୍ଟ ନୁହେଁ। ସେ ସ୍ପଷ୍ଟ କରିଛନ୍ତି ଯେ, କେବଳ ପେଟ୍ରୋଲ ବା ଡିଜେଲ ନୁହେଁ, ବରଂ ଘରୋଇ ଏଲ୍‌ପିଜି (ରୋଷେଇ ଗ୍ୟାସ) ବିକ୍ରିରେ ମଧ୍ୟ କମ୍ପାନୀଗୁଡ଼ିକର କ୍ଷତି କ୍ରମାଗତ ଭାବେ ବଢ଼ିଚାଲିଛି। ବର୍ତ୍ତମାନର ସ୍ଥିତି ଯେଉଁଭଳି ରହିଛି, ଏତେ ବଡ଼ ପରିମାଣର ଦୈନିକ ଆର୍ଥିକ କ୍ଷତିକୁ କମ୍ପାନୀଗୁଡ଼ିକ ପାଇଁ ଅଧିକ ଦିନ ସମ୍ଭାଳିବା ସହଜ ନୁହେଁ।

ପ୍ରଶାନ୍ତ ବଶିଷ୍ଠଙ୍କ ବ୍ୟାଖ୍ୟା ଅନୁସାରେ, ଯଦି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏହିପରି ଉଚ୍ଚ ସ୍ତରରେ ରହେ, ତେବେ ତୈଳ କମ୍ପାନୀଗୁଡ଼ିକ ନିଜର ବ୍ରେକ୍-ଇଭେନ୍ (ଯେଉଁଠି କ୍ଷତି ନହୋଇ ବ୍ୟବସାୟ ସମାନ ରହେ) ସ୍ଥିତିକୁ ଆଣିବା ପାଇଁ ଆଗାମୀ ଦିନରେ କିସ୍ତି ଅନୁସାରେ ଦରକୁ ଆହୁରି ବଢ଼ାଇବାକୁ ବାଧ୍ୟହେବେ।

ବଜାର ବିଶେଷଜ୍ଞ ଏବଂ ବ୍ରୋକରେଜ୍ ହାଉସ୍‌ଗୁଡ଼ିକର ଆକଳନ ଅନୁଯାୟୀ, କମ୍ପାନୀଗୁଡ଼ିକର ସମ୍ପୂର୍ଣ୍ଣ କ୍ଷତି ଭରଣା କରିବାକୁ ହେଲେ ପେଟ୍ରୋଲ ଏବଂ ଡିଜେଲ୍ ଦରରେ ସାମଗ୍ରିକ ଭାବେ ୧୨ ଟଙ୍କାରୁ ନେଇ ୨୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାର ଆବଶ୍ୟକତା ରହିଛି।

ଜୁନ ୧ ତାରିଖରେ, ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ରିପୋର୍ଟ କରିଥିଲେ ଯେ ବିଶ୍ୱବ୍ୟାପୀ ମୂଲ୍ୟ ବୃଦ୍ଧି ଯୋଗୁଁ କମ୍ପାନୀଗୁଡ଼ିକ କେବଳ ଅଟୋ ଇନ୍ଧନ ଉପରେ ନୁହେଁ ବରଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଇନ୍ଧନ ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଣ୍ଡର-ରିକଭରୀର ସମ୍ମୁଖୀନ ହେଉଛନ୍ତି। ଘରୋଇ ରନ୍ଧନ ଗ୍ୟାସ ବିକ୍ରୟ ଉପରେ କମ୍ପାନୀଗୁଡ଼ିକ ପ୍ରତି ସିଲିଣ୍ଡର ୬୫୦ କ୍ଷତି ସହୁଛନ୍ତି। ସେମାନେ ଜେଟ୍ ଇନ୍ଧନ ଉପରେ ପ୍ରତି ଲିଟର ୩୦ କ୍ଷତି ମଧ୍ୟ କରୁଛନ୍ତି। ପଶ୍ଚିମ ଏସିଆ (ମଧ୍ୟପ୍ରାଚ୍ୟ)ରେ ଇରାନ ଯୁଦ୍ଧ ଏବଂ ଉତ୍ତେଜନା ନିରନ୍ତର ବୃଦ୍ଧି ପାଉଛି, ଯାହା ବିଶ୍ୱ ଅଶୋଧିତ ତୈଳ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରୁଛି। ଏହି ସଂଘର୍ଷ ଯୋଗୁଁ, ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତେଲ ମୂଲ୍ୟ ବ୍ୟାରେଲ ପ୍ରତି ଉଚ୍ଚତମ ଦରରେ ରହିଛି।

# ଶପଥ ନେଲେ ୫ ନୂଆ ବିଚାରପତି

## ସୁପ୍ରିମକୋର୍ଟରେ ଜଜ୍‌ଙ୍କ ସଂଖ୍ୟା ୩୭କୁ ବୃଦ୍ଧି



**ନୂଆଦିଲ୍ଲୀ, ୨୬/ଏଜେନ୍ସି:** ସୁପ୍ରିମକୋର୍ଟର ୫ ନବନିଯୁକ୍ତ ବିଚାରପତି ମଙ୍ଗଳବାର ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟରେ ଆୟୋଜିତ ଏକ ସମାରୋହରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଶୀଲ ନାଗୁ, ଜଷ୍ଟିସ୍ ଚନ୍ଦ୍ରଶେଖର, ଜଷ୍ଟିସ୍ ସଞ୍ଜୀବ ସଚ୍ଚଦେବା, ଜଷ୍ଟିସ୍ ଅରୁଣ ପଲ୍ଲୀ ଏବଂ ବରିଷ୍ଠ ଆଇନଜୀବୀ ଭି. ମୋହନାଙ୍କୁ ଶପଥ ପାଠ କରାଇଛନ୍ତି। ଗତ ମେ ୨୨ ଏବଂ ମେ ୨୭ ରେ ଅନୁଷ୍ଠିତ ବୈଠକରେ ସୁପ୍ରିମକୋର୍ଟ କଲେଜିୟମ୍ ଦ୍ୱାରା କରାଯାଇଥିବା ସୁପାରିଶ ଆଧାରରେ କେନ୍ଦ୍ର ସରକାର ଗତକାଲି ସେମାନଙ୍କ ନିଯୁକ୍ତି ସମ୍ପର୍କରେ ବିଜ୍ଞପ୍ତି ଜାରି କରିଥିଲେ। ତେବେ ଆଜିର ଏହି ୫ ବିଚାରପତିଙ୍କୁ ମିଶାଇ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି। ଫଳରେ ସୁପ୍ରିମକୋର୍ଟ ଏହାର ମଞ୍ଜୁରୀପ୍ରାପ୍ତ ତଥା ମୋଟ୍ ସାମର୍ଥ୍ୟ ସଂଖ୍ୟକ ୩୮ ଜଣ ବିଚାରପତିଙ୍କ ସଂଖ୍ୟାର ଆହୁରି ନିକଟତର ହୋଇପାରିଛି। ଅନ୍ୟପକ୍ଷେ ଚଳିତ ମାସ ଶେଷ ଆଡ଼କୁ ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ୍ ପଙ୍କଜ ମିଥଲଙ୍କ ଅବସର ପରେ ସୁପ୍ରିମକୋର୍ଟରେ ପୁଣି ଦୁଇଟି ପଦବୀ ଖାଲି ହେବାର ସମ୍ଭାବନା ରହିଛି।

ଆଜିର ଏହି ୫ ନବନିଯୁକ୍ତ ବିଚାରପତିଙ୍କ ମଧ୍ୟରେ ଜଷ୍ଟିସ୍ ଭି.ମୋହନାଙ୍କୁ ବାଦ୍ ଦେଲେ ବାକି ୪ଜଣ ଭିନ୍ନ ଭିନ୍ନ ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟଭାର ତୁଲାଇଆସୁଥିଲେ। ତେବେ ବରିଷ୍ଠ ଆଇନଜୀବୀ ଭି. ମୋହନା କିନ୍ତୁ ଏହାପୂର୍ବରୁ ସୁପ୍ରିମକୋର୍ଟରେ ଜଣେ ସିନିଅର ମୋଷ୍ଟ ଆଡଭୋକେଟ୍ ଭାବେ ଦାୟିତ୍ୱ ତୁଲାଉଥିଲେ। ଭି. ମୋହନାଙ୍କ ନିଯୁକ୍ତି ସହ ସୁପ୍ରିମକୋର୍ଟରେ ମହିଳା ବିଚାରପତିଙ୍କ ପ୍ରତିନିଧିତ୍ୱ ମଧ୍ୟ ବୃଦ୍ଧି ପାଇଛି। ତାଙ୍କ ନିଯୁକ୍ତି ପୂର୍ବରୁ କୋର୍ଟରେ ଜଷ୍ଟିସ୍ ବି.ଭି. ନାଗରତ୍ନା ଏକମାତ୍ର ମହିଳା ବିଚାରପତି ଭାବେ କାର୍ଯ୍ୟ କରୁଥିଲେ। ଅଗଷ୍ଟ ୨୦୨୧ ପରଠାରୁ ସୁପ୍ରିମକୋର୍ଟରେ କୌଣସି ମହିଳା ବିଚାରପତି ନିଯୁକ୍ତ ହୋଇନଥିଲେ।

# ୨ ବସ୍ ଧକ୍କା, ୭ ମୃତ

**ସୁରତ, ୨୬/ଏଜେନ୍ସି:** ଗୁଜରାଟରେ ୨ଟି ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁ ପ୍ରାୟ, ୭ଜଣଙ୍କ ପ୍ରାଣହାନୀ ହୋଇଥିବା ଭଳି ସମ୍ବାଦ ସାମ୍ନାକୁ ଆସିଛି। ଏହି ଘଟଣାରେ ଅନ୍ୟ ୧୦ଜଣ ମଧ୍ୟ ଆହତ ହୋଇଛନ୍ତି, ଯେଉଁମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଏକ ବସ୍ ଦ୍ରୁତଗତିରେ ଆସୁଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ଡିଭାଇଡର୍ ପାର୍ କରି ଅପରପାର୍ଶ୍ୱରେ ଯାଉଥିବା ଅନ୍ୟ ବସ୍ ସହ ପିଟିହୋଇଥିଲା। ଗୁଜରାଟର ସୁରତ



ଜିଲ୍ଲା ବାର୍ଡୋଲି ନିକଟରେ ଏହି ଭୟାବହ ଦୁର୍ଘଟଣା ଘଟିଛି। ଧକ୍କା ହେବା ପରେ ଗୋଟିଏ ବସ୍ ଓଲଟି ପଡ଼ିଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା। ପ୍ରାୟ ଅଧ ଘଣ୍ଟାର ଚେଷ୍ଟା ପରେ ଦମକଳ ବାହିନୀ (ଫାୟାର ବ୍ରିଗେଡ୍) ନିଆଁକୁ ଆୟତ୍ତ କରିଥିଲେ। ଦୁର୍ଘଟଣାର ଶିକାର ଦୁଇଟି ଯାକ ବସ୍ ମହାରାଷ୍ଟ୍ରର ବୋଲି ଜଣାପଡ଼ିଛି। ରାସ୍ତାରେ ଓଲଟି ପଡ଼ିଥିବା ଏକ ଟ୍ୟାଙ୍କରକୁ ବଞ୍ଚାଇବାକୁ ଚେଷ୍ଟା କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଟ୍ୟାଙ୍କର ସହ ଧକ୍କା ହେବାରୁ ରକ୍ଷା ପାଇବାକୁ ଯାଇ ଗୋଟିଏ ବସ୍‌ର ଚାଳକ ଷ୍ଟିଅରିଂ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ଫଳରେ ବସ୍‌ଟି ଡିଭାଇଡର୍ ପାର୍ କରି ଅନ୍ୟ ଏକ ଲେନ୍ ?କୁ ଚାଲିଯାଇଥିଲା ଏବଂ ସମ୍ମୁଖରୁ ଆସୁଥିବା ଅନ୍ୟ ଏକ ବସ୍ ସହ ମୁହାଁମୁହିଁ ପିଟି ହୋଇଥିଲା। ଦୁଇଟି ଯାକ ବସ୍ ଅତ୍ୟଧିକ ବେଗରେ ଥିଲେ। ସେଥିମଧ୍ୟରୁ ଗୋଟିଏ ବସ୍ ରାସ୍ତା କଡ଼ରେ ଓଲଟି ପଡ଼ିବା ମାତ୍ରେ ସେଥିରେ ନିଆଁ ଲାଗିଯାଇଥିଲା। ସମସ୍ତ ଆହତଙ୍କୁ ବାର୍ଡୋଲିର ବିଭିନ୍ନ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।



# କିସ୍ତୱାଡ୍‌ରେ ବାଦଲଫଟା ବର୍ଷା

**ଭୂସ୍ଖଳନ ଯୋଗୁଁ ରାସ୍ତା ବନ୍ଦ, ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସୁରକ୍ଷାବଳ**

**ଶ୍ରୀନଗର, ୨୬/ଏଜେନ୍ସି:** ଜମ୍ମୁ-କାଶ୍ମୀରର କିସ୍ତୱାଡ଼ ଜିଲ୍ଲାରେ ମଙ୍ଗଳବାର ଦୁଇଟି ସ୍ଥାନରେ ବାଦଲଫଟା (କ୍ଲାଉଡ୍ ବର୍ଷ୍ଟ) ବର୍ଷା ହୋଇଥିବା ସୂଚନା ମିଳିଛି। ପ୍ରଥମ ବାଦଲଫଟା ବର୍ଷା ସରଥଲ୍‌ର ଗହନ ଅଞ୍ଚଳରେ ଏବଂ ଦ୍ୱିତୀୟଟି ମାଛିପାଲ୍ ଅଞ୍ଚଳରେ ହୋଇଛି। କେତେକ ଅଞ୍ଚଳରେ ଭୂସ୍ଖଳନ (ଲ୍ୟାଣ୍ଡସ୍ଲାଇଡ୍) ଯୋଗୁଁ ରାସ୍ତାଗୁଡ଼ିକ ବନ୍ଦ ହୋଇଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା କୌଣସି ଧନଜୀବନ ହାନି ହୋଇଥିବା ଖବର ମିଳିନାହିଁ। ପୁଲିସ୍, ରେଡ୍ କ୍ରସ୍, ରାଜସ୍ୱ ବିଭାଗ ଏବଂ ଅନ୍ୟାନ୍ୟ ଏଜେନ୍ସିର ଟିମ୍ ଗୁଡ଼ିକୁ ଘଟଣାସ୍ଥଳକୁ ପଠାଯାଇଛି। ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ସ୍ଥାନୀୟ ଲୋକଙ୍କ ସହ କ୍ରମାଗତ ଭାବେ ଯୋଗାଯୋଗ ରକ୍ଷା କରାଯାଉଛି, ଯେପରି ଆବଶ୍ୟକ ପଡ଼ିଲେ ତୁରନ୍ତ ସହାୟତା ଯୋଗାଇ ଦିଆଯାଇପାରିବ। ଅନ୍ୟପଟେ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ଝଡ଼ବର୍ଷା ଯୋଗୁଁ ୫ ଜଣଙ୍କର ମୃତ୍ୟୁ ହୋଇଛି। ମଧ୍ୟପ୍ରଦେଶର ନିମଚ୍‌ରେ ସୋମବାର ରାତିରେ ଏକ ଘରର ଛାତ ଭୁଶୁଡ଼ି ପଡ଼ିବାରୁ ମାଆ ଓ ପୁଅଙ୍କର ମୃତ୍ୟୁ ଘଟିଛି। ସେହିପରି, ରାଜସ୍ଥାନର ଜୈସଲମେର ଏବଂ ବାରମେର୍‌ରେ କାନ୍ଥ ଭୁଶୁଡ଼ି ପଡ଼ିବା ଯୋଗୁଁ ଦୁଇଟି ଶିଶୁଙ୍କ ସମେତ ୩ ଜଣଙ୍କର ଜୀବନ ଚାଲିଯାଇଛି।

**ଶିବସେନା, ଏନ୍‌ସିପି ପରି ଦଶା ଭୋଗିବ କି ମମତାଙ୍କ ଦଳ ?**

# ଦୁଇ ଗୋଷ୍ଠୀରେ ଭାଗ ହୋଇଯିବ ଟିଏମ୍‌ସି

**କୋଲକାତା, ୨୬/ଏଜେନ୍ସି:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ପାଇଁ ଏବେ ସମୟ ଆଦୌ ଅନୁକୂଳ ନୁହେଁ। ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ବିଜେପି ଠାରୁ ଏକ ବଡ଼ ମାର୍ଜିନ୍‌ରେ ପରାଜିତ ହେବା ପରେ ଉଭୟ ମମତା ଏବଂ ଅଭିଷେକ ଏବେ ନିଜ ରାଜ୍ୟବାସୀଙ୍କ ଦ୍ୱାରା ହିଁ ତିରସ୍କାର ତଥା ଭର୍ତ୍ସନାର ଶିକାର ହେଉଛନ୍ତି। ନିକଟରେ ଅଭିଷେକଙ୍କ ଉପରେ ଆକ୍ରମଣ ତଥା ଠେଲାପେଲା ଭଳି ଘଟଣା ଦେଖିବାକୁ ମିଳିଥିଲା। ମମତା ମଧ୍ୟ ନିଜ ଦଳର ବିଜୟୀ ବିଧାୟକଙ୍କ ଦ୍ୱାରା ପ୍ରତାରିତ ହେଉଥିବାର ଦେଖିବାକୁ ମିଳୁଛି। ମମତା ନିକଟରେ ବିଧାୟକ ଦଳ ବୈଠକ ଡକାଇଥିଲେ ମଧ୍ୟ ୮୦%ରୁ ଊର୍ଦ୍ଧ୍ୱ ବିଧାୟକ ଏଥିରେ ଅନୁପସ୍ଥିତ ରହିବା ଦେଖିବାକୁ ମିଳିଥିଲା। ଏହାରି ମଧ୍ୟରେ ମମତା ମଧ୍ୟ ଦୁଇ ବିଧାୟକଙ୍କୁ ଦଳ ବିରୋଧୀ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଥିବା ଅଭିଯୋଗରୁ ଦଳରୁ ବହିଷ୍କାର କରିଛନ୍ତି। ତେବେ ଏସବୁ ମଧ୍ୟରେ ମମତା ଏବଂ ତାଙ୍କ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଅସ୍ତିତ୍ୱ ମଧ୍ୟ ଏବେ ସଂକଟରେ ପଡ଼ିଯାଇଛି। ରିପୋର୍ଟ ଅନୁସାରେ ଟିଏମ୍‌ସିରୁ ବହିଷ୍କୃତ ୨ ବିଧାୟକ ରତବ୍ରତ ବାନାର୍ଜୀ ଏବଂ ସନ୍ଦୀପନ ଶାହ କହିଛନ୍ତି ଯେ, "ସେମାନେ ହିଁ ଅସଲି ତୃଣମୂଳ: ତାଙ୍କ ସହ ୫୦ ରୁ ଅଧିକ



ବିଧାୟକ ଅଛନ୍ତି। ଏପରିକି ସେମାନେ ବିରୋଧୀ ଦଳ ନେତା ପଦ ଏବଂ ନିର୍ବାଚନ ସଙ୍କେତ ଦାବି କରିବା ଆରମ୍ଭ କରିଦେଇଛନ୍ତି। ଯଦି ଏପରି ହୁଏ ତେବେ ମମତାଙ୍କ ଦଳ ଦୁଇଟି ଦଳରେ ବିଭକ୍ତ ହେବାର ସମ୍ଭାବନା ରହିଛି। ନିକଟ ଅତୀତରେ ଶିବସେନା ଏବଂ ଏନ୍‌ସିପି ସହ ଯାହା କିଛି ଘଟିଥିଲା ଏବେ ଟିଏମ୍‌ସି ସହ ମଧ୍ୟ ସେସବୁ ଘଟିବାକୁ ଯାଉଛି। ସୂଚନାଯୋଗ୍ୟ, ଦଳରୁ ବହିଷ୍କୃତ ନେତା ରିଜୁ ଦତ୍ତ ଦାବି କରିଛନ୍ତି ଯେ ଟିଏମ୍‌ସିର ମୋଟ୍ ନିର୍ବାଚିତ ୮୦ ବିଧାୟକଙ୍କ ମଧ୍ୟରୁ ୫୦ ରୁ ଅଧିକ ବିଧାୟକ ଏବେ ମମତାଙ୍କ ଠାରୁ ପୃଥକ୍ ହେବାକୁ ଚାହୁଁଛନ୍ତି। ଏସବୁ ବିଧାୟକ ନିଜକୁ ଅସଲି ତୃଣମୂଳ କଂଗ୍ରେସର ସଦସ୍ୟ ଭାବେ ଦର୍ଶାଇବାକୁ ଚାହାନ୍ତି। ରିଜୁ ଦାବି କରିଛନ୍ତି ଯେ, "ଏହି ସମସ୍ତ ବିଧାୟକ ବିଧାନସଭା ବାଚସ୍ପତିଙ୍କ ପାଖକୁ ଯିବେ ଏବଂ ଆମକୁ ହିଁ ଅସଲି ତୃଣମୂଳ କଂଗ୍ରେସର ସଦସ୍ୟ ଭାବେ ସ୍ୱୀକୃତି, ଦ୍ୱିତୀୟରେ ଶୋଭନଦେବ ନୁହଁନ୍ତି, ବରଂ ରତବ୍ରତ ବିରୋଧୀ ଦଳର ନେତା ହେବେ ଏବଂ ଆମ ପାଖରେ ଦୁଇ-ତୃତୀୟାଂଶ ବହୁମତ ରହିଥିବାରୁ ନିର୍ବାଚନ ସଙ୍କେତ (ନିର୍ବାଚନୀ ଚିହ୍ନ) ଆମର ହେବା ଉଚିତ୍ ଭଳି ଦାବି ଉପସ୍ଥାପନ କରିବେ। ପ୍ରକାଶ, ରତବ୍ରତ ବାନାର୍ଜୀ ହାୱଡ଼ାର ଉଲୁବେରିଆ ପୂର୍ବ ଆସନ ଏବଂ ସନ୍ଦୀପନ ଶାହା ମଧ୍ୟ କୋଲକାତାର ଏଣ୍ଟାଲି ଆସନରୁ ବିଧାୟକ ଅଟନ୍ତି।

ପ୍ରକାଶ, ନୂତନ ଗୋଷ୍ଠୀକୁ ମାନ୍ୟତା ମିଳିବା ପାଇଁ ଦୁଇ-ତୃତୀୟାଂଶ ଅର୍ଥାତ୍ ୫୪ ଜଣ ବିଧାୟକଙ୍କ ଆବଶ୍ୟକତା ରହିବ। ଏହାଠାରୁ କମ୍ ବିଧାୟକ ଥିଲେ ବାଚସ୍ପତି ନୂତନ ଗୋଷ୍ଠୀକୁ ମାନ୍ୟତା ଦେବେ ନାହିଁ। ଦଳ ଭାଙ୍ଗିବାର ଦାବି କରୁଥିବା ରିଜୁ ଦତ୍ତ ନିଜେ ଜଣେ ବିଧାୟକ ନୁହଁନ୍ତି। ଅନ୍ୟପଟେ ସୋମବାର ଦିନ ଟିଏମ୍‌ସିରୁ ବହିଷ୍କୃତ ହୋଇଥିବା ୨ ବିଧାୟକ ସନ୍ଦୀପନ ସାହା ଏବଂ ରତବ୍ରତ ବାନାର୍ଜୀ କୋଲକାତାର ବିଧାୟକ ହଷ୍ଟେଲରେ ଟିଏମ୍‌ସିର ଅନେକ ବିଧାୟକଙ୍କ ସହ ଏକ ବୈଠକ କରିଛନ୍ତି। ଏଥିରେ ମମତାଙ୍କର କେତେକ ଅତି ବିଶ୍ୱସ୍ତ ବିଧାୟକ ମଧ୍ୟ ସାମିଲ ହୋଇଥିଲେ।

# ଧାରଣାରେ ବସିଲେ ମମତା ବାନାର୍ଜୀ

**କୋଲକାତା, ୨୬/ଏଜେନ୍ସି:** ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସପ୍ଲାନେଡ୍‌ର 'ୱାଇ-ଚ୍ୟାନେଲ'ସ୍ଥିତ ଧାରଣା ସ୍ଥଳରେ ପହଞ୍ଚି ଧାରଣାରେ ବସିଛନ୍ତି। ସେ ପୂର୍ବରୁ ରାଣୀ ରାସମଣୀ ରୋଡ୍‌ରେ ପ୍ରତିବାଦ ପ୍ରଦର୍ଶନ କରିବା ପାଇଁ ପୁଲିସ ପ୍ରଶାସନକୁ ଅନୁମତି ମାଗିଥିଲେ ମଧ୍ୟ ପ୍ରଶାସନ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା। ଫଳରେ ମମତା ଏଠାରେ ଧାରଣା ଦେବା ଆରମ୍ଭ କରିଛନ୍ତି। ଟିଏମ୍‌ସିର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏବଂ ଦଳର ବରିଷ୍ଠ ନେତା କଲ୍ୟାଣ ବାନାର୍ଜୀଙ୍କ ଉପରେ ଆକ୍ରମଣ ସହ ରେଳବାଇର ହକର (ରାସ୍ତାକଡ଼ ବ୍ୟବସାୟୀ) ଉଚ୍ଛେଦ ଅଭିଯାନ ପଛରେ ବିଜେପି ସରକାରଙ୍କ ସମ୍ପୃକ୍ତି ତଥା ପୁଲିସ୍ ପ୍ରଶାସନର ଉଦାସୀନତାକୁ କେନ୍ଦ୍ରକରି ମମତା ଏହି ପ୍ରତିବାଦ କରୁଛନ୍ତି।

ମମତା ଅଭିଯୋଗ କରିଛନ୍ତି ଯେ, ସାଧାରଣ ଲୋକ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ଭୟର ବାତାବରଣ ମଧ୍ୟରେ ରହୁଛନ୍ତି ଏବଂ ଉପଯୁକ୍ତ ପୁନର୍ବାସ ଯୋଜନା ବିନା ହକରମାନଙ୍କୁ ଉଚ୍ଛେଦ କରାଯାଉଛି। ଶାସକ ବିଜେପି ତାଙ୍କ ଦଳରେ



ବିଭାଜନ ସୃଷ୍ଟି କରିବା ପାଇଁ 'ଟଙ୍କା ଏବଂ କ୍ଷମତା'ର ଅପବ୍ୟବହାର କରୁଛି ବୋଲି ମମତା ଅଭିଯୋଗ କରିଛନ୍ତି। ମମତାଙ୍କ କହିବାନୁସାରେ ଭୋଟ୍ ଜାଲିଆତି କରି କ୍ଷମତାକୁ ଆସିଥିବା ପ୍ରଦେଶ ବିଜେପି ଅତ୍ୟନ୍ତ ଅହଂକାରୀ ହୋଇପଡିଛି। ରାଜନୈତିକ ଆକ୍ରୋଶ ରଖି ଏବେ ଉଦ୍ଦେଶ୍ୟମୂଳକ ଭାବେ ଟିଏମ୍‌ସି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଉଛି। ତେବେ ତାଙ୍କୁ ସରକାର କିମ୍ବା ପୁଲିସ୍ ପକ୍ଷରୁ ପ୍ରତିବାଦ କରିବାକୁ ଅନୁମତି ମିଳୁ କି ନ ମିଳୁ, ସେ ପ୍ରତିବାଦ ଜାରି ରଖିବେ। ଗରିବ ଲୋକଙ୍କ ସ୍ୱାର୍ଥ ପାଇଁ ସେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରିଆସିଥିଲେ ଏବଂ ସେମାନଙ୍କ ପାଇଁ ସେ ସ୍ୱର ଉଠାଇବା ଜାରି ରଖିବେ।

ଏତଦ୍‌ବ୍ୟତୀତ ତାଙ୍କ ଦଳରୁ ଏବେ ଅନେକ ବିଧାୟକ ତଥା ସାଂସଦ ଇସ୍ତଫା ଦେଇ ଛାଡି ଚାଲିଯାଉଥିବା ପ୍ରସଙ୍ଗରେ ମଧ୍ୟ ମମତା ପ୍ରତିକ୍ରିୟା ରଖିଛନ୍ତି। ମମତା କହିଛନ୍ତି, ଯେଉଁମାନେ ଦଳର ପରାଜୟ ପରେ ଛାଡି ଚାଲିଯାଉଛନ୍ତି ସେମାନେ କେବଳ ଆପଣା ସ୍ୱାର୍ଥ ପାଇଁ ଦଳରେ ଥିଲେ। ଆଉ କିଛି ଦଳର ନେତାଙ୍କୁ ଟିଏମ୍‌ସି ଛାଡିବାକୁ ବିଜେପି ଏବେ ଚାପ ପ୍ରୟୋଗ କରୁଛି ବୋଲି ମଧ୍ୟ ମମତା ଅଭିଯୋଗ କରିଛନ୍ତି। ତେବେ ସେମାନଙ୍କ ଯିବା ଦ୍ୱାରା ଦଳ ଦୁର୍ବଳ ହେବନି ବରଂ ତୃଣମୂଳ ସ୍ତରରୁ ଆହୁରି ଅଧିକ ସଶକ୍ତ ତଥା ସାଂଗଠନିକ ହେବ। ତାଙ୍କ ଦଳ ପୁଣିଥରେ କ୍ଷମତାକୁ ଫେରିବ, ଯାହା ପଶ୍ଚିମବଙ୍ଗ ରାଜନୀତି ଇତିହାସରେ କଦାପି ଦେଖିବାକୁ ମିଳିନାହିଁ। ପ୍ରକାଶ, ପଶ୍ଚିମବଙ୍ଗ ରାଜନୀତିରେ ଥରେ କ୍ଷମତା ହରାଇଥିବା ଦଳ ପୁନର୍ବାର କ୍ଷମତାକୁ ଫେରିବାର କୌଣସି ଦୃଷ୍ଟାନ୍ତମୂଳକ ଉଦାହରଣ ନାହିଁ।

ନିତିଦିନ NITIDIN

## କୋଇଲା ବୋଝେଇ ଟ୍ରକ୍‌ରେ ନିଆଁ

**ମୁଣ୍ଡମୁହାଣ,୨୬/ଏନ୍‌ଏନ୍‌ଏସ୍:** ରାଜଧାନୀ ଉପକଣ୍ଠ ୧୬ନଂ ଜାତୀୟ ରାଜପଥ ଯାଁଳା ଓ ଭର୍ ବ୍ରିଜ ଠାରେ ଏକ କୋଇଲା ବୋଝେଇ ଟ୍ରକ ଜଳିଯିବା ପୂର୍ବରୁ ଅଳ୍ପକେ ବର୍ତ୍ତିଯାଇଥିବା ଜାଣିବାକୁ ମିଳିଛି। ସୂଚନାଥାଉ କି ଅତ୍ୟଧିକ ଗରମ ଯୋଗୁ ଗତକାଲି ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍‌ରେ ହଠାତ୍ କୋଇଲାରେ ନିଆଁ ଲାଗି ଧୂଆଁ ଉଠିଥିଲା। ଟ୍ରକ୍ ଚାଳକ ଏହା ଦେଖିପାରି ଟ୍ରକ୍‌ଟିକୁ ଜାତୀୟ ରାଜପଥ କଡ଼ ଯାଁଳା ଓଭର୍ ବ୍ରିଜ ନିକଟରେ ରଖି ସ୍ଥାନୀୟ ଲୋକଙ୍କ ସହାୟତାରେ ପାଣି ପକାଇଥିଲେ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନିକଟସ୍ଥ ଜଟଣୀରୁ ଅଗ୍ନିସେବା ବାହିନୀ ଆସି ଟ୍ରକ୍‌ରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଉଛି।



# ଅଖ ଉପରକୁ ଉଠିଲା ତିନିରଥର ଦଣ୍ଡା ଫ୍ରେମ୍



ଶେଷ ହୋଇଛି ତିନିରଥର ଦଣ୍ଡା ଗୋଳେଇ କାର୍ଯ୍ୟ

**ପୁରୀ,୨୬/ଏନ୍‌ଏନ୍‌ଏସ୍:** ଆଜି ରଥ ନିର୍ମାଣର ୪୩ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ସକାଳ ୮ଘଟିକା ପୂର୍ବରୁ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଜି ରଥ ନିର୍ମାଣ ରେ ତିନିରଥ ମହାରଣା ସେବକ ୭୭ ଜଣ, ଭୋଇ ସେବକ ୭୭ ଜଣ, କରତୀ ସେବକ ୪ ଜଣ, ତିନି ରଥ କମାର ସେବକ ୨୦ ଜଣ, ଚୁନ୍ଧ ବିନ୍ଧ କାରିଗର ୨ ଜଣ, ପାହି ମହାରଣା ୨ ଜଣ, ରୂପକାର ସେବକ ୨୧ ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୨୦୪ ଜଣ ଯୋଗ ଦେଇଥିଲେ। ଗତକାଲି ତିନିରଥର ଚକ - ଅଖ ଥାକ ସହ ଦିଗ ନିର୍ଣ୍ଣୟ କାର୍ଯ୍ୟ ତିନିରଥ ମୁଖ୍ୟ ମହାରଣା, ସହଯୋଗୀ ମହାରଣା ଏବଂ ଭୋଇ ସେବକ ମାନଙ୍କ ସହାୟତାରେ ଶେଷ ହେଇଥିଲା। ଆଜି ପୂର୍ବାହ୍ନରେ ମୁଖ୍ୟ ମହାରଣା ମାନଙ୍କ ଦ୍ୱାରା ତିନିରଥର ଦଣ୍ଡା ରେ ନଡ଼ିଆ ବାଡେଇ ଅନୁକୂଳ ପୂଜା ପରେ ସହଯୋଗୀ ମହାରଣା ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକ ମାନଙ୍କ ସହଯୋଗରେ ତିନିରଥ ଅଖ ଉପରକୁ ଦଣ୍ଡା ଫ୍ରେମ୍ ଉଠିବା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥି ସହ ଆଜି ଶେଷ ହୋଇଛି ତିନିରଥର ଦଣ୍ଡା ଗୋଳେଇ କାର୍ଯ୍ୟ (ଦଣ୍ଡା ଗୁଡିକରେ ଅର୍ଦ୍ଧ ଚନ୍ଦ୍ରାକାର ଖୋଦେଇ ବା କାପ କାର୍ଯ୍ୟ) ଆଜି ତିନିରଥ ଅଖ ଉପରକୁ ଦଣ୍ଡା ଉଠିବାପରେ ମୁଖ୍ୟ ମହାରଣା ମାନଙ୍କ ମାର୍ଗ ଦର୍ଶନରେ ସହଯୋଗୀ ମହାରଣା ମାନେ ତିନିରଥର ଦଣ୍ଡା ଗୁଡିକରେ ଦଣ୍ଡା ଗୋଳେଇ ମାପ ଚିହ୍ନ ଦେବା ସହ ଦଣ୍ଡା ଗୋଳେଇ ବା ଖୋଦେଇ କାର୍ଯ୍ୟ ଶେଷ କରିଥିଲେ। ତତ୍ ପରେ ତିନିରଥ ଦଣ୍ଡାକୁ ଅଖ ସହ ସେଟିଂ କରାଯାଇ ପାଞ୍ଚ ଦଣ୍ଡା ଆଗ, ପଛ ମୁହାଁଟ ସଂଯୋଗ ହୋଇ ଆଗ ମୁହାଁଟରେ ସାଲ ଗୁଜ ଏବଂ ପଛ ମୁହାଁଟ ରେ ଜଳଯନ୍ତ୍ର ଏବଂ ଦୁଇଟି ସାଲ ଗୁଜ ଉଠି ଗୁଜ ଉପରେ ନିରାଡ଼ି ପଡ଼ି କୁତୁକା ସଂଯୋଗ ହୋଇ ଦାଣ୍ଡରେ କଣ୍ଟା ବାଡ଼ିଆ କାର୍ଯ୍ୟ ପାଇଁ କତା ଦଉଡ଼ିରେ ଟାଣ ଦେଇ ବାନ୍ଧେଣୀ କାର୍ଯ୍ୟ ଶେଷ ହୋଇଛି। ଆସନ୍ତାକାଲି ପୂର୍ବାହ୍ନରେ ଓଝା କମାର ସେବକଙ୍କ ଦ୍ୱାରା ସମ୍ପନ୍ନ ହେବ ତିନିରଥ ଦାଣ୍ଡରେ କଣ୍ଟା ପଡ଼ିବା କାର୍ଯ୍ୟ। ଏଥିସହ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ତିନିରଥର ସମସ୍ତ ଗଯଳ ର ଚଉପଟ କାର୍ଯ୍ୟ। ସେହିପରି ରୂପକାର ସେବକ ମାନେ ତିନିରଥର ବେଦୀ ସିଂହାସନ ମୁହାଁଟ ରେ ଚିତ୍ର ଖୋଦେଇ ସହ ତିନିରଥର ନାଟ ଗୋଡ଼ ରେ ଗନ୍ଧର୍ବ ରୂପ ଖୋଦେଇ ଜାରୀ ରଖିଛନ୍ତି। ଅନ୍ୟପଟେ ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ସେବା ପୂଜା ନୀତି ପାଇଁ କାଠ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ସେହିପରି ଦୋଳବେଦୀ କମାର ଶାଳ ରେ ଓଝା ସେବକମାନେ ପୋଟଳ କଣ୍ଟା ନିର୍ମାଣ ସହ, ତିନିରଥର ଦାଣ୍ଡରେ କଣ୍ଟା ପଡ଼ିବା ପାଇଁ ସମସ୍ତ ଦଣ୍ଡାକଣ୍ଟା ସାଇତା କାର୍ଯ୍ୟ ଶେଷ କରିଛନ୍ତି।

## ବ୍ୟାଙ୍କ ମିତ୍ରଙ୍କ ଜାଲିଆତି ଘଟଣାର କାର୍ଯ୍ୟାନୁଷ୍ଠାନ କେବେ

**ଟାଙ୍ଗୀ,୨୬/ଏନ୍‌ଏନ୍‌ଏସ୍:** ସରକାରୀ କାର୍ଯ୍ୟାଳୟରେ କୌଣସି ଦୁର୍ନୀତି ଚାଲିବ ନାହିଁ କି ଦୁର୍ନିତି କାର୍ଯ୍ୟରେ ଲିପ୍ତ ଥିବା କର୍ମଚାରୀ ଙ୍କୁ ତ୍ରାହି ନାହିଁ ବୋଲି ବିଜେପି ସରକାର ଡେଙ୍ଗୁରା ପିଟୁଥିବା ବେଳେ ସରକାର ବଦନାମ କରିବାକୁ ତିଳେ ମାତ୍ର ହେଳା କରୁ ନାହାନ୍ତି ପଦବୀରେ ଥିବା ଅଧିକାରୀମାନେ। ଏଭଳି ଘଟଣା ସାମ୍ନାକୁ ଆସିଛି ଟାଙ୍ଗୀ ଚୌଦ୍ୱାର ବ୍ଲକରେ। ବ୍ୟାଙ୍କ ମିତ୍ର ସୀମାରାଣୀ ରାଏ ଜାଲିଆତି କରି ଜରିପଡା ପଞ୍ଚାୟତ ଦର୍ଶାଇ ଉଚ୍ଚପଦା ପଞ୍ଚାୟତ ଦମକା ଗ୍ରାମର ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧୦ଲକ୍ଷ ଟଙ୍କା ଋଣ ପ୍ରଦାନ କରିବା ଟାଙ୍ଗୀ ଚୌଦ୍ୱାର ବିଡ଼ିଓ ନିକଟରେ ଅଭିଯୋଗ ହୋଇଥିଲା। ପର ମୁହୂର୍ତ୍ତରେ ବ୍ୟାଙ୍କ ମିତ୍ର ନିଜ ଦୋଷ ଲୁଚେଇବାକୁ ଯାଇ ବ୍ୟାଙ୍କରେ ଟଙ୍କା ଜମା କରିଛନ୍ତି। ତେବେ ବ୍ୟାଙ୍କ ମିତ୍ରଙ୍କ ଜାଲିଆତିର କଳା ଚିଠା ବିଡ଼ିଓଙ୍କୁ ଦିଆଯାଇଥିବା ବେଳେ ତଦନ୍ତ ପାଇଁ ଜରିପଡା ପଞ୍ଚାୟତ ମିଶନ ଶକ୍ତି ସଭାପତିଙ୍କୁ ବିଡ଼ିଓ ଚିଠି କରିଥିଲେ। ସଭାପତି ବିଡ଼ିଓଙ୍କ ଚିଠିକୁ ହେ ଜ୍ଞାନ କରିବା ସହ ଚିଠିର ଉତ୍ତରଦେବାକୁ ୨୦ ଦିନ ମଧ୍ୟ ଲାଗିଯାଉଛି। ବିଡ଼ିଓଙ୍କ ଏଭଳି କୋହଳ ମନୋଭାବ ପାଇଁ ଦୁର୍ନୀତିର ସୀମା ବଢ଼ିଚାଲିଥିବାବେଳେ ମାଳ ମାଳ ଅଭିଯୋଗ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ହୋଇ ପଡ଼ିଛି। ତେବେ ବ୍ୟାଙ୍କ ମିତ୍ରଙ୍କ ନାମରେ ଅଭିଯୋଗକୁ ମାସ ମାସ ବିତିବା ସମସ୍ତ ପ୍ରମାଣ ମିଳି ସାରିଥିଲେ ମଧ୍ୟ ବ୍ଲକ ଅଧିକାରୀଙ୍କ କୋହଳ ମନୋଭାବ ପଦାରେ ପଡ଼ିବା ସହ ଜରିପଡା ପଞ୍ଚାୟତ ମିଶନଶକ୍ତି ସଭାପତିଙ୍କୁ ଦାୟିତ୍ୱ ଦେଇ ନିଜେ ମୁଣ୍ଡରୁ ଦୋଷ ଖସାଇ ବସି ପଡ଼ିଛନ୍ତି। ଅପରପକ୍ଷେ ଜରିପଡା ପଞ୍ଚାୟତ ମିଶନଶକ୍ତି ସଭାପତି ବ୍ୟାଙ୍କ ମିତ୍ର ସୀମାରାଣୀଙ୍କ ଭିତରେ ମଧୁଚନ୍ଦ୍ରିକା ଥିବାବେଳେ ସଭାପତି ଘଣ୍ଟ ଘୋଡାଇ ଚାଲିଛନ୍ତି। ଅନ୍ୟପଟେ ଜରିପଡା ପଞ୍ଚାୟତରେ ମିଶନଶକ୍ତିର ସବ୍‌ସିଡି ଋଣକୁ ଗୋଲାପ ଚାଷ, କୁକୁଡ଼ା ଚାଷ ନାମରେ ଲକ୍ଷାଧିକ ଟଙ୍କା ଜାଲିଆତି କରାଯାଇଥିବା ସାମ୍ନାକୁ ଆସିଛି। ଏମିତି କି ବ୍ୟାଙ୍କ ମିତ୍ର ସୀମାରାଣୀଙ୍କ ନାମରେ ଧୀରେ ଧୀରେ ଅନେକ ଅଭିଯୋଗ ସାମ୍ନାକୁ ଆସୁଥିବା ବେଳେ ସଭାପତିଙ୍କୁ ଢାଲ କରି ନିଜର ଦୋଷ ଚାପିବାକୁ ଉଦ୍ୟମ କରୁଛନ୍ତି। ଏ ନେଇ ବିଡ଼ିଓ ଏନ୍ ଏମ୍ ରାଜଲକ୍ଷ୍ମୀ ଓଝାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଆର୍‌ଏମ୍‌ସିର ହିସାବରକ୍ଷକ ନିଲମ୍ବିତ
## ୩୧.୫ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗ

**ସାକ୍ଷୀଗୋପାଳ,୨୬/ଏନ୍‌ଏନ୍‌ଏସ୍:** ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି (ଜଗଉ)ର ହିସାବରକ୍ଷକ ଜଗତଜ୍ୟୋତି ସାହୁଙ୍କୁ ଗୁରୁତର ଆର୍ଥିକ ଅନିୟମିତତା ଓ ବିପୁଳ ଅର୍ଥ ଆତ୍ମସାତ ଅଭିଯୋଗରେ ନିଲମ୍ବନ କରାଯାଇଛି। ଏନେଇ ଆର୍‌ଏମ୍‌ସି ପକ୍ଷରୁ ଆଦେଶ ସଂଖ୍ୟା–୧୧୮, ତାରିଖ ୨୧ ମେ ୨୦୨୬ରେ ନିଲମ୍ବନ ଆଦେଶ ଜାରି କରାଯାଇଛି। ସୂଚନା ଅନୁସାରେ, ପୂର୍ବରୁ ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତରରେ ଶ୍ରୀ ସାହୁ ଅର୍ଥ ଆତ୍ମସାତ ସମ୍ପର୍କିତ ତଥ୍ୟ ସ୍ୱୀକାର କରିଥିଲେ। ତେବେ ସେ ତତ୍କାଳୀନ ପରିସ୍ଥିତିକୁ ଦାୟୀ କରି ନିଜ ପକ୍ଷ ରଖିଥିଲେ। କିନ୍ତୁ ତାଙ୍କ ଉତ୍ତରକୁ କର୍ତ୍ତୃପକ୍ଷ ଗ୍ରହଣଯୋଗ୍ୟ ମନେ ନକରି ଖାରଜ କରିଦେଇଛନ୍ତି। ଅଡିଟ୍ ରିପୋର୍ଟ ଅନୁଯାୟୀ, ପ୍ରାୟ ୩୧.୫ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ରହିଛି। ସେହିପରି ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ଆଦାୟ ହୋଇଥିବା ୭୬.୬୫ ଲକ୍ଷ ଟଙ୍କାର ହିସାବ କ୍ୟାଶ ବୁକ୍ ?ରେ ଦାଖଲ ହୋଇନଥିବା ଅଭିଯୋଗ ମଧ୍ୟ ଉଠିଛି। ଏଥିମଧ୍ୟରୁ ପ୍ରାୟ ୨୪.୨୮ ଲକ୍ଷ ଟଙ୍କାର ବୈଧ ଭାଉଚର ଥିବାବେଳେ, ୨୭.୩୮ ଲକ୍ଷ ଟଙ୍କାର ଭାଉଚରରେ ସକ୍ଷମ କର୍ତ୍ତୃପକ୍ଷଙ୍କ ସ୍ୱାକ୍ଷର ନାହିଁ ଏବଂ ୨୪.୯୯ ଲକ୍ଷ ଟଙ୍କାର କୌଣସି ଭାଉଚର ଉପଲବ୍ଧ ନାହିଁ। ଏହାଛଡ଼ା, ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମୋଦନ ବିନା ଶପ୍-କମ୍-ଗୋଡାଉନ, ଦୋକାନ ଓ ଖୋଲା ସ୍ଥାନ ବଣ୍ଟନ କରିବା ଏବଂ ହିସାବ ପୁସ୍ତକର ସଠିକ୍ ରକ୍ଷଣାବେକ୍ଷଣ ନ କରିବା ଭଳି ଅଭିଯୋଗ ମଧ୍ୟ ତାଙ୍କ ବିରୋଧରେ ଆଣାଯାଇଛି। ଏହି ଘଟଣାରେ ଶ୍ରୀ ସାହୁଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବା ସହ ତଦନ୍ତ ଜାରି ରହିଛି।

## କମ୍ପାନୀ କଣ୍ଟେନର୍ ତଳେ ଚାପି ହୋଇ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ



**ଖୋର୍ଦ୍ଧା,୨୬/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ନିମିଧାସ୍ଥିତ ଏମ.ଜି.ଏମ କମ୍ପାନୀର ସମ୍ପ୍ରସାରଣ କାର୍ଯ୍ୟପାଇଁ ନିୟୋଜିତ ଗୋଟିଏ ମୋବାଇଲ କଣ୍ଟେନର ଛିଡିପଡିବାରୁ ତଳେ କାର୍ଯ୍ୟ ତଦାରଖ କରୁଥିବା ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମର ଯୁବ ଇଂଜିନିୟର ଶତାବ୍ଦୀ ରାଜମୋହନଙ୍କ ଉପରେ ପଡିଥିଲା। କଣ୍ଟେନର ତଳେ ଚାପି ହୋଇରହିଥିବା ଇଂଜିନିୟରଙ୍କୁ ଉପସ୍ଥିତ କର୍ମଚାରୀ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟ, ସମ ହସ୍ପିଟାଲ ପରେ କଟକ ପୁରୀ ରୋଡ଼ରେ ଥିବା ଶ୍ରୀ ହସ୍ପିଟାଲ, ଅବସ୍ଥା ଗୁରୁତର ହେବାରୁ ରାଜଧାନୀର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ତେବେ ଶନିବାର ରାତିରେ ଶତାବ୍ଦୀଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଉକ୍ତ ଯୁବ ଇଂଜିନିୟରଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ତାଙ୍କ ଅବସ୍ଥା ଗୁରୁତର ଥିବା ସତ୍ତ୍ୱେ ତାଙ୍କୁ କାହିଁକି କଟକ ବଡ଼ ମେଡିକାଲ ଛାଡି ଭୁବନେଶ୍ୱର ଅଣାଗଲା ଯଦି ବି ଅଣାଗଲା ପ୍ରଥମେ ଭର୍ତ୍ତି କରାଯାଇଥିବା ସମ୍‌ରୁ ଫେରାଇ ଆଣି ଏକ ଛୋଟ ଶ୍ରୀ ହସ୍ପିଟାଲରେ ଭର୍ତ୍ତି କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ସେଠାରେ ୨୪ ଘଣ୍ଟା ପକାଇ ରଖି କୌଣସି ଉତ୍ତମ ଚିକିତ୍ସା ନ ହେବାରୁ ପରିବାର ଲୋକ ପହଞ୍ଚି ଆପୋଲୋ ହସ୍ପିଟାଲକୁ ନେଇଥିଲେ ହେଲେ ସେଠାରେ ଶତାବ୍ଦୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ କମ୍ପାନୀରେ କାମକରୁଥିବା କିଛି କର୍ମଚାରୀ ସାଂଘାତିକ ତଥ୍ୟ ଦେଇଛନ୍ତି। ଗୁରୁତର ଅବସ୍ଥାରେ ଯୁବ ଇଂଜିନିୟର ଶତାବ୍ଦୀଙ୍କୁ ଅଣା ଯାଇଥିବା କମ୍ପାନୀ ଆମ୍ବୁଲାନ୍ସରେ ଅକ୍ସିଜେନ ନଥିଲା କି ଏସି ଚାଲୁ ନଥିଲା। ଅବସ୍ଥା ଗୁରୁତର ହେଉଥିବାରୁ କର୍ମଚାରୀମାନେ କଟକରେ ଭଲ ହସ୍ପିଟାଲରେ ଭର୍ତ୍ତିକରିବାକୁ କହିଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ତାଗିଦ୍ କରି ଶ୍ରୀ ହସ୍ପିଟାଲକୁ ନେବାକୁ କହିଥିଲେ। ଏ ନେଇ କମ୍ପାନୀ ସୁରକ୍ଷା ଅଧିକାରୀ ପ୍ରମୋଦ ଶ୍ରୀବାସ୍ତବ କହିଛନ୍ତି ଘଟଣାର ତଦନ୍ତ କରାଯାଉଛି। ଅନ୍ୟପଟେ ଶେଷ ମୁହୂର୍ତ୍ତରେ ହସ୍ପିଟାଲ ଆସିଥିବା କମ୍ପାନୀ ଏଚ୍.ଆର୍ ପ୍ରଶାନ୍ତ ରଥଙ୍କୁ ମୃତ ଇଞ୍ଜିନିୟରଙ୍କ ସମ୍ପର୍କୀୟ ଘଟଣା ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇପାରି ଲୁଚି ପଳାଇଯାଇଥିଲେ। ତାଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ।

## ଖଙ୍ଗୁରିଆ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



**ବୋଲଗଡ଼,୨୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଖଙ୍ଗୁରିଆ ପଂଚାୟତରେ 'ପଲ୍ଲୀରେ ପ୍ରସାଶନ' ସ୍ଥାନୀୟ ହରିପୁର ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା ଆହୂତ ବିଭିନ୍ନ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ଓ ସଚେତନତା ସହ ଆବେଦନ ଓ ଅଭିଯୋଗ ଶୁଣାଣି ନେଇ ଆୟୋଜନ ହୋଇଥିଲା। ବୋଲଗଡ଼ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ରତିକାନ୍ତ ମିଶ୍ର, ଅତିରିକ୍ତ ତହସିଲଦାର ରାଜକିଶୋର ଜେନାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ଅନାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମିଳିତ ଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା, ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ପଞ୍ଚାୟତ ସମିତିସଭ୍ୟା ବିନୋଦିନୀ ଦତ୍ତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରବିନ୍ଦ୍ର ପରିଡା ଓ ଏଡିଇଓ ଶୁଭକାନ୍ତ ରାଉତରାୟ ପ୍ରମୁଖ ସହାୟତା ସହ ସମସ୍ତ ଅଭିଯୋଗର ଆଧାରିତକୁ ନେଇ ସମାଧାନରେ ସହଯୋଗ କରିଥିଲେ। ବ୍ୟାଙ୍କ ଲିଙ୍କ୍ ଏଜ୍ ଅଫ୍ ଏସ୍‌ଏଚ୍‌ଜି ବାବଦରେ ୨ଗୋଟି ଅଭିଯୋଗ ଆସିଥିବା ବେଳେ କୃଷି ବାବଦରେ ୪ଗୋଟି, ଗୋ-ସୁଗମ ବାବଦ ୫ଗୋଟି, ଅଟଳ ପେନସନ ବାବଦ ୨ଗୋଟି, ପିଏମ୍‌ଏସ୍‌କେଓୱାଇ ୧ଗୋଟି,ଭତ୍ତା ବାବଦ ୩ଗୋଟି, ଖାଉଟି ବାବଦ ୭ ଗୋଟି, ସୁଭଦ୍ରା ଯୋଜନା ବାବଦ ୪ଗୋଟି ଓ ମମତା ଯୋଜନା ବାବଦ ସମ୍ପର୍କରେ ୧ଗୋଟି ରହି ଏହିପରି ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୨୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତେବେ ତନ୍ମଧ୍ୟରୁ ୧୯ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ବଳକା ୧୦ଗୋଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ମୁଖ୍ୟ କିରାଣି ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀ ପରିଚାଳନା କରିଥିଲେ।

## ପୁଣି ରେଳ ପ୍ରକଳ୍ପକୁ ବିରୋଧକଲେ କୁଆଁରିଆ ବିସ୍ଥାପିତ



**ଦଶପଲ୍ଲା,୨୬/ଏନ୍‌ଏନ୍‌ଏସ୍:** ପୁଣି ଖୋରଧା-ବଲାଙ୍ଗୀର ରେଳ ପ୍ରକଳ୍ପ କୁ ବିରୋଧ କରିଛନ୍ତି କୁଆଁରିଆ ବିସ୍ଥାପିତ। ଦଶପଲ୍ଲା ବ୍ଲକ ବୁଗୁଡା ଠାରେ ଏହି ବିସ୍ଥାପିତ ମାନେ ବିରୋଧ କରିଛନ୍ତି। ଘଟଣା ସ୍ଥଳରେ ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ ପହଞ୍ଚି ବିସ୍ଥାପିତ ଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳିନାହିଁ। ସୂଚନାଯୋଗ୍ୟଯେ, ଦଶପଲ୍ଲା କୁଆଁରିଆ ଜଳଭଣ୍ଡାର ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିବା ପରିବାରଙ୍କୁ ଥଇଥାନ କରିବା ପାଇଁ ଦଶପଲ୍ଲା ବ୍ଲକ ବୁଗୁଡା କଲୋନୀଠାରେ ଜାଗା ପ୍ରଦାନ କରାଯିବା ସହ ଅସ୍ଥାୟୀ ପଟା ପ୍ରଦାନ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ବିସ୍ଥାପିତମାନଙ୍କ ପାଇଁ କୌଣସି ସୁବିଧା କରା ନ ଯିବାରୁ ବିସ୍ଥାପିତମାନେ କେବଳ ଅସ୍ଥାୟୀ ପଟା ଧରି ଅନ୍ୟ ସ୍ଥାନରେ ଘରବାରି କରି ରହି ଆସୁଛନ୍ତି। ଇତି ମଧ୍ୟରେ ବିସ୍ଥାପିତମାନଙ୍କୁ ମିଳିଥିବା ଜାଗା ଉପରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପଥ ନିର୍ମାଣ ଚାଲିଥିବା ବେଳେ ଏଜି ବିସ୍ଥାପିତମାନେ ବିରୋଧ କରିଛନ୍ତି। ବିସ୍ଥାପିତମାନେ ପୂର୍ବରୁ ବିରୋଧ କରି ଆସୁଥିବା ବେଳେ ଗତ ଫେବୃଆରୀ ମାସରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ବିସ୍ଥାପିତଙ୍କ ସହ ଆଲୋଚନା କରାଯାଇ କ୍ଷତିପୂରଣ ଦିଆଯିବା ପାଇଁ ଜିଲ୍ଲାପାଳ ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ବିସ୍ଥାପିତମାନଙ୍କୁ କୌଣସି କ୍ଷତିପୂରଣ ନ ମିଳିବାରୁ ପୁଣିଥରେ ବିସ୍ଥାପିତମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କ୍ଷତିପୂରଣ ନ ମିଳିବା ଯାଏ ଏହି ବିରୋଧ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ସୌମ୍ୟଙ୍କ ପରିବାରକୁ ଭେଟିଲେ ଏନ୍‌ଏଚ୍‌ଆର୍‌ସି ଟିମ୍



**କଣ୍ଟାପଡ଼ା,୨୬/ଏନ୍‌ଏନ୍‌ଏସ୍:** ବହୁଚର୍ଚ୍ଚିତ ସୌମ୍ୟ ହତ୍ୟାକାଣ୍ଡ ଘଟଣା ଦିନକୁ ଦିନ ତଦନ୍ତର ଗତି ଜୋରଦାର ହେବା ସହ ତଦନ୍ତ ଦିଗ ବ୍ୟାପକ ଓ ଗତିଶୀଳ ହେବାରେ ଲାଗିଛି। ପ୍ରଥମେ ପୋଲିସ ପ୍ରଶାସନ ପରେ ପରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ପରେ ବ୍ୟାପକ ଗିରଫଦାରୀ ସହିତ ତଦନ୍ତକୁ ନିରପେକ୍ଷତାର ସହ ଗତିଶୀଳ କରିବା ସହ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ନେଇ କ୍ରାଇମବ୍ରାଞ୍ଚ ଏଡିଜିଙ୍କ ସ୍ୱଷ୍ଟ ପ୍ରତିକ୍ରିୟ ପ୍ରତିକ୍ରିୟା ପରେ ଏବେ ଏବେ ସୌମ୍ୟଙ୍କ ପୈତୃକ ବାସଭବନ ଓଲଟପୁର ଥାନା ଅନ୍ତର୍ଗତ ମରଜପୁର ଗ୍ରାମରେ ସବିଶେଷ ସ୍ଥିତି ସଂପର୍କରେ ଓ ଘଟଣାର ଅନ୍ତରାଳେ କ'ଣ କ'ଣ ସବୁ ତଥ୍ୟ ଲୁଚିରହିଛି ଓ ସେ ସମସ୍ତ ଦିଗକୁ ତଦନ୍ତକାରୀ ଅଧିକାରୀମାନେ ତଦନ୍ତ ପରିସର ଭୁକ୍ତ କରାଯାଇଛି କି ନାହିଁ ଓ ବିଶେଷକରି ସରକାରଙ୍କ ତରଫରୁ କଣକଣ ସବୁ ମାନବୀୟ ଆଇନ ସହାୟତା ଦିଆଯାଇଛି ସେ ସଂପର୍କରେ ସବିଶେଷ ଅନୁଧ୍ୟାନ ନିମନ୍ତେ ମଉଜପୁରରେ ପହଞ୍ଚି ସୈମ୍ୟଙ୍କ ପିତା, ମାତା ଓ ଗ୍ରାମର ଅନେକ ବ୍ୟକ୍ତିବିଶେଷଙ୍କ ସହିତ ବିଚାରବିମର୍ଶ କରିଛନ୍ତି। ମାନବିକ ଅଧିକାର କମିଶନଙ୍କ ସଦସ୍ୟଙ୍କର ଅଚାନକ ଗସ୍ତ ପରେ ତଦନ୍ତର ଗତି ଓ ଦିଗ କେଉଁ ଆଧାରରେ ଗତି କରୁଛି ତାକୁ ଏବେ ଦେଖିବାର ଅଛି।

## ଦୁଇ ସଂସ୍କୃତ ଶିକ୍ଷକଙ୍କ ଅବସର ଗ୍ରହଣ

**ଓଡ଼ଗାଁ,୨୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ରଘୁନାଥ ସଂସ୍କୃତ ବିଦ୍ୟାଳୟର ପୁରାତନ ଛାତ୍ରସଂସଦର ସକ୍ରିୟସଭ୍ୟ ତଥା ସଂସ୍କୃତ ଶିକ୍ଷକ ରଞ୍ଜନ କୁମାର ଷଡଙ୍ଗୀ ପୋଲିସ ଉଚ୍ଚ ବିଦ୍ୟାଳୟ ପୁରୀ ଏବଂ ସଂସ୍କୃତ ଶିକ୍ଷକ ପବିତ୍ର ବେହେରା ପର୍ଣ୍ଣିମେଶ୍ୱରଦେବ ବିଦ୍ୟାପୀଠ, ତାଳତୁମ୍ଭ, ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କର ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏକ ଆଭାସୀ ସଭାରେ ରଘୁନାଥ ସଂସ୍କୃତ ବିଦ୍ୟାଳୟ ଓଡ଼ଗାଁ ପୁରାତନ ଛାତ୍ରସଂସଦର ବରିଷ୍ଠ ସଦସ୍ୟ ନବକିଶୋର ପାଣି ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଗୋପୀନାଥ ମହାପାତ୍ର,ସୁରେଶ ଚନ୍ଦ୍ର ଶତପଥୀ, ପଣ୍ଡିତ କାଶୀନାଥ ସାହୁ ପ୍ରମୁଖ ଯୋଗଦେଇ ଥିବାବେଳେ ଉପସ୍ଥିତ ସମସ୍ତ ସଦସ୍ୟ ବିଦାୟୀ ସଂସ୍କୃତ ଶିକ୍ଷକ ଦ୍ୱୟଙ୍କ କାର୍ଯ୍ୟାବଳୀର ପ୍ରଶଂସା କରିବା ସହିତ ସେମାନଙ୍କ ନିରାମୟ, ଶାନ୍ତିପୂର୍ଣ୍ଣ, ଦୀର୍ଘଜୀବନ କାମନା କରିଥିଲେ। ଡଃ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସଂଯୋଜନା କରିଥିବା ଜଣାପଡ଼ିଛି।

## ସୌଭାଗ୍ୟ ଫାଉଣ୍ଡେସନ ପକ୍ଷରୁ ଅଲିମ୍ପିକ କୁଇଜ୍ ପ୍ରତିଯୋଗିତା



**ଓଡ଼ଗାଁ,୨୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଞ୍ଚିରିଡ଼ା ମାନପୁର ସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସୋମବାର ଅଲିମ୍ପିକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୌଭାଗ୍ୟ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କୁଇଜ୍ ପ୍ରତିଯୋଗିତାରେ ଆଖପାଖ ବିଦ୍ୟାଳୟ ଗୁଡିକରୁ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ପ୍ରଥମସ୍ଥାନ ଅଧିକାର କରିଥିବା ଅମ୍ଳାନ ରଞ୍ଜନ ସାହୁ ଓ ଅଶୋକ କୁମାର ସାହୁଙ୍କ ସମେତ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ରମେଶ ଚନ୍ଦ୍ର ରାଜ, ସମ୍ପାଦକ ଗୌରାଙ୍ଗ ଚରଣ କରଣ, ସୌଭାଗ୍ୟ ଫାଉଣ୍ଡେସନର ଅଧ୍ୟକ୍ଷ ବିକ୍ରମ କେଶରୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିବାବେଳେ ଯୋଗଗୁରୁ ବୈକୁଣ୍ଠ ନାଥ ପ୍ରଧାନ କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିବା ଜଣାପଡ଼ିଛି।

## ଶ୍ରୀ ଶ୍ରୀ ରାଧା ବଲ୍ଲଭ ମନ୍ଦିରରେ ପଞ୍ଚରାତ୍ର ଜଗନ୍ନାଥଙ୍କ କଥାମୃତ

**ଖୋର୍ଦ୍ଧା,୨୬/ଏନ୍‌ଏନ୍‌ଏସ୍:** ରାଧାବଲ୍ଲଭ ମନ୍ଦିର ପରିସରରେ ଅନୁଷ୍ଠିତ ପଞ୍ଚରାତ୍ର ଜଗନ୍ନାଥ କଥାମୃତ ପ୍ରବଚନ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଆଶୁତୋଷ ମିଶ୍ର ସ୍କନ୍ଦ ପୁରାଣର ଚତୁର୍ଥ ଓ ପଞ୍ଚମ ଅଧ୍ୟାୟର ଶ୍ରୀକ୍ଷେତ୍ରର ସୀମା, ବିଶେଶ୍ୱର ଶିବଙ୍କ ମହିମା, ଜମେଶ୍ୱର ଓ ନୀଳକଣ୍ଠେଶ୍ୱର ମହିମା, ଶଙ୍ଖ କ୍ଷେତ୍ରର ନାମକରଣ, କପାଳମୋଚନ ଶିବ, ଶକ୍ତି ମା' ବିମଳା, ଅକ୍ଷୟ ବଟ, ଅର୍ଦ୍ଧାଶିନୀ, ଅକ୍ଷୟ ବଟ, ପୁରୁଷୋତ୍ତମ କ୍ଷେତ୍ରର ଶ୍ରେଷ୍ଠତ୍ୱ, ମୁକ୍ତିର ମାର୍ଗ, ଅଷ୍ଟ ଶକ୍ତି, ଅଷ୍ଟ ଶମ୍ଭୁ, ଅମ୍ବରୀଶ ଓ ପୁଣ୍ଡାରୀକଙ୍କର ନୀଳାଦ୍ରି ଯାତ୍ରା ଓ ମହାପ୍ରଭୁଙ୍କର ଦର୍ଶନ ଓ ସ୍ତୁତି ବିଷୟରେ ବିଶଦ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଦୟାନିଧି ରାଉତରାୟ, ହରିପ୍ରସାଦ ଦୋରା, ଚିତ୍ତରଞ୍ଜନ ଦାସ, ରଶ୍ମିତା ଦାସ, ଗାୟତ୍ରୀ ପ୍ରସାଦ, ଇନ୍ଦିରା ଭଗତ, ପ୍ରଫୁଲ୍ଲ ମିଶ୍ର, ନିର୍ମଳଦାସ ଓ ବହୁ ଭାଗବତ ପ୍ରେମୀଙ୍କ ସାମଗମ ହୋଇଥିଲା। କାର୍ଯ୍ୟକ୍ରମକୁ ରବି ମହାପାତ୍ର, କାଶୀନାଥ ରାୟ, ଅଧାପକ ସୁଶାନ୍ତ ମିଶ୍ର, ଗୌରଚରଣ ପ୍ରଧାନ, ଶୁଭମ ବେହେରା ଓ ପଦ୍ମିନୀ ରଥ ପରିଚାଳନା କରିଥିଲେ।

## ୨୭ତମ କୋଣାର୍କ ରଜ ଉତ୍ସବ ପ୍ରସ୍ତୁତି ବୈଠକ



**କୋଣାର୍କ,୨୬/ଏନ୍‌ଏନ୍‌ଏସ୍:** ଅର୍କଶ୍ରୀ ପକ୍ଷରୁ କୋଣାର୍କ ମାଭଗବତୀ ଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ୨୭ତମ କୋଣାର୍କ ରଜ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହେବ। ଏହାକୁ ଅଧିକ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ରବିବାର ଅପରାହ୍ନରେ କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତା ନିକଟ କୋଣାର୍କ ଅର୍କଶ୍ରୀ ଶିଳ୍ପୀ ବାଟିକା ସମ୍ମୁଖ ଜଟବାବାଙ୍କ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଉମେଶ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଶିକ୍ଷକ ପ୍ରତାପ ରାଉତ, ରବୀନ୍ଦ୍ର ବାହିନୀପତି, ଶିକ୍ଷାବିତ ରାମକୃଷ୍ଣ ମହାନ୍ତି ,ଜିଲ୍ଲା ମହିଳା ସଙ୍ଘର ସଭାପତି ମୀନାକ୍ଷୀ ପୃଷ୍ଟି, ଗୁରୁ ଜୟ କୃଷ୍ଣନାୟକ, ଶିକ୍ଷକ କାମଦେବ ବିଶ୍ୱାଳ, ସାମ୍ବାଦିକ ସନ୍ତୋଷ ଗୋଛାୟତ, ଗୋପ ବ୍ଲକ ମହିଳା ସଂଘର ସମ୍ପାଦକ ରେଣୁବାଳା ନାୟକ, ମହାବୀର ଭଜନ ଧାରାର ଭରତ ହାତୀ, ମଧୁ ସ୍ୱାଇଁ , ସୁଷମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଚଳିବ ବର୍ଷ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା ରଜ ଉତ୍ସବକୁ ଉଦଘାଟନ କରିବାକୁ ପ୍ରତିଶ୍ରୁତି ଦେଇଥିବା ସମ୍ପାଦକ ପ୍ରକାଶ କରିଥିଲେ। ବୈଠକରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରଜ ସମ୍ମାନରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବା ନିମନ୍ତେ ନିଷ୍ପତି ନିଆଯାଇଥିଲା। ରଜ ଉତ୍ସବସ୍ଥଳରେ ମହିଳା ଙ୍କ ଦ୍ୱାରା ତିଆରି ହସ୍ତଶିଳ୍ପ ସାମଗ୍ରୀ ଷ୍ଟଲ ମାଧ୍ୟମରେ ପଦର୍ଶିତ ହେବା ସହ ୪ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିବର୍ଷ ପରି ରଜ ଉତ୍ସବ ସ୍ଥଳରେ ସୁରକ୍ଷିତ ରଜ ଉତ୍ସବ ପାଳନ ପାଇଁ ଟ୍ରାଫିକ ସମସ୍ୟା ସହ ସୁରକ୍ଷା ବ୍ୟବସ୍ଥା ପାଇଁ ପର୍ଯ୍ୟାପ୍ତ ପୋଲିସ ମୁତୟନ କରାଯିବା ପାଇଁ ପୋଲିସର ସହଯୋଗ ନିଆଯିବା ପାଇଁ ନିଷ୍ପତ୍ତି ନିଯାଇଥିଲା। ଏଥି ସହିତ ପ୍ରତିବର୍ଷ ପରି ଚଳିତବର୍ଷ ଝୋଟି, ଚିତ୍ରାଙ୍କନ, କାନ୍ଦଣା, ହୁଳହୁଳି, ରଜଦୋଳି, ରଜପିଠା ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସ୍ଥିର ହୋଇଛି।

## ଜଙ୍ଗଲ ସୁରକ୍ଷା ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



**ଅସ୍ତରଙ୍ଗ,୨୬/ଏନ୍‌ଏନ୍‌ଏସ୍:** ପୁରୀ ସୁରକ୍ଷା ପରିଷଦ ଓ ଲତା ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପକ୍ଷରୁ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଅବସରରେ କାକଟପୁର ଦେଉଳିମଠ ପରିସରରେ ଜଙ୍ଗଲ ସୁରକ୍ଷା ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଆୟୋଜନ ସମିତିର ଅଧକ୍ଷ ବିନୟ ନୃସିଂହ ମହାପାତ୍ର ଆଲୋଚନା ଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଆଲୋଚନାଚକ୍ରରେ ଉଦ୍ଭିଦ ବିଜ୍ଞାନର ପ୍ରାଧାପକ ପ୍ରଫେସର ଅଭିମନ୍ୟୁ ଭୂୟାଁ ଯୋଗଦେଇଥିଲେ। ପ୍ରାକ୍ତନ ସହକାରୀ ବନ ସଂରକ୍ଷକ ଦୟାନିଧି ତ୍ରିପାଠୀ ଯୋଗଦେଇ ଆବଶ୍ୟକତା ଠାରୁ ଗଛ କାଟିବା ବନ୍ଦ କରିବା, ଲୋକଙ୍କୁ ଜଙ୍ଗଲର ଉପକାରିତା ସମ୍ପର୍କରେ ବୁଝାଇବା ଏବଂ ସ୍କୁଲ ସ୍ତରରେ ସଚେତନତା କରାଇବା ପାଇଁ ପରାମର୍ଶ ଦେଇଥିଲେ। ଲତା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଲତା ଦାସ ଯୋଗଦେଇ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଏକତ୍ରିତ କରି ପରିବେଶ ସମ୍ବନ୍ଧରେ ବୁଝାଇବା ସହିତ ସପ୍ତାହରେ ଥରେ ମାତ୍ର ବାଡ଼ି ବଗିଚାରେ ବୃକ୍ଷ ରୋପଣ କରି ତା'ର ଯତ୍ନ ନେବା ପାଇଁ ସଂକଳ୍ପ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ଲଲାଟେନ୍ଦୁ ମିଶ୍ର ଓ କାଳୀପ୍ରସାଦ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦୁଇଜଣ ମଙ୍ଗଳା ମହାବିଦ୍ୟାଳୟ ଛାତ୍ରୀ ସ୍ମୃତିରେଖା ମଲ୍ଲ ଓ ତୁଳସୀ ବେହେରା ଆଲୋଚନାରେ ଭାଗ ନେଇ ବୃକ୍ଷ ରୋପଣ ପାଇଁ ସଂକଳ୍ପ ନେଇଥିଲେ। ଝାନ୍ସୀ ମିଶ୍ର, ସୁଜାତା ଶତପଥି, ଜ୍ୟୋତିପ୍ରଭା ପ୍ରୀତମ, ପୀତବାସ ରଥ, ପ୍ରସାଦ କୁମାର ଭୂୟାଁ, ରାଜକିଶୋର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସନ୍ଦୀପ କର୍ମକାର।

**ନିତି ଭାରତୀ**

ତୁମର ଦୁଇଗୋଟି ହାତ ଅଛି- ଗୋଟିଏ ନିଜକୁ ଏବଂ ଅନ୍ୟଟି ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ। - ପ୍ରବାଦ

NITIDIN ନିତିଦିନ
ବୁଧବାର, ୩ ଜୁନ ୨୦୨୬

# ସଂସ୍କାର ଅପେକ୍ଷାରେ ପରୀକ୍ଷା ପ୍ରଣାଳୀ



ସୌମ୍ୟ ରଞ୍ଜନ ଦାଶ

ଶିକ୍ଷା ଓ ପ୍ରତିଯୋଗିତାମୂଳକ ପରୀକ୍ଷା କେବଳ କ୍ୟାରିୟର ଗଢ଼ିବାର ମାଧ୍ୟମ ନୁହେଁ, ବରଂ ଏହା ଜଣେ ଯୁବକର ଭବିଷ୍ୟତ, ତା'ର ପରିବାରର ଆଶା ଏବଂ ସର୍ବୋପରି ଏକ ରାଷ୍ଟ୍ରର ପ୍ରଗତିର ଆଧାରଶିଳା। ଜଣେ ଛାତ୍ର କିମ୍ବା ଚାକିରି ପ୍ରାର୍ଥୀ ବର୍ଷ ବର୍ଷ ଧରି ନିଜର ସମୟ, ଅକ୍ଳାନ୍ତ ପରିଶ୍ରମ, ଅର୍ଥ ଏବଂ ସର୍ବୋପରି ନିଜର ସ୍ୱପ୍ନକୁ ଏହି ପରୀକ୍ଷା ମଇଦାନରେ ବାଜି ଲଗାଇ ଥାଏ। ସେ ନିଜ ଜୀବନର ଅନେକ ଛୋଟ ବଡ଼ ସୁଖ, ସାମାଜିକ ଉତ୍ସବ ଏବଂ ଆରାମକୁ ଜଳାଞ୍ଜଳି ଦେଇ କେବଳ ଗୋଟିଏ ଲକ୍ଷ୍ୟକୁ ଧରି ଅନ୍ଧାରିଆ କୋଠରୀରେ ମୁଣ୍ଡ ଗୁଞ୍ଜି ପାଠ ପଢ଼ିଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଆଜିର ଭାରତରେ ପରୀକ୍ଷା ବାତିଲ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି, ଯାହା ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭର ଅସଫଳତାକୁ ଦର୍ଶାଉଛି। ପେପର ଲିକ୍, ବ୍ୟାପକ ଅନିୟମିତତା ଓ ପ୍ରଶାସନିକ ପରିଚାଳନାର ବିଫଳତା ହେତୁ ବାରମ୍ବାର ପରୀକ୍ଷା ବାତିଲ ହେବା କେବଳ ଏକ ବୈଷୟିକ ତ୍ରୁଟି ନୁହେଁ, ବରଂ ଏହା ଲକ୍ଷ ଲକ୍ଷ ଯୁବ ପିଢ଼ିର ଭବିଷ୍ୟତ ଓ ସେମାନଙ୍କ ସ୍ୱପ୍ନ ସହ ଏକ କ୍ରୂର ପରିହାସ।

ସମ୍ପ୍ରତି ଦେଶରେ ପରୀକ୍ଷା ପରିଚାଳନାକୁ ନେଇ ସବୁଠୁ ବଡ଼ ବିବାଦ ନିଟ୍-ୟୁଜି ପରୀକ୍ଷାକୁ କେନ୍ଦ୍ର କରି ଦେଖା ଦେଇଛି। ପ୍ରାୟ ୨୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ଚିକିତ୍ସା ବିଜ୍ଞାନ ପ୍ରବେଶିକା ପରୀକ୍ଷା ପାଇଁ ଦିନରାତି ଏକ କରିଥିଲେ। କିନ୍ତୁ ପରୀକ୍ଷା ପରେ ଯେଉଁଭଳି ଭାବେ ପ୍ରଶ୍ନପତ୍ର ପ୍ରଘଟର ଅଭିଯୋଗ ଆସିଲା ଏବଂ ଗ୍ରେସ୍ ମାର୍କ୍ ଭଳି ଅଜବ ନିୟମ ସାମ୍ନାକୁ ଆସିଲା, ତାହା ସାରା ଦେଶକୁ ସ୍ତବ୍ଧ କରି ଦେଇଛି। ଏହା କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଷର କଥା ନୁହେଁ, ବରଂ ଏହା ଏକ ପୁନରାବୃତ୍ତି ପ୍ରକ୍ରିୟାରେ ପରିଣତ ହେଲାଣି। ଏହା ବ୍ୟତୀତ ବିଭିନ୍ନ ରାଜ୍ୟରେ ପୁଲିସ ନିଯୁକ୍ତି, ଶିକ୍ଷକ ନିଯୁକ୍ତି ଏବଂ ଅନ୍ୟାନ୍ୟ ପ୍ରଶାସନିକ ସେବା ପାଇଁ ହେଉଥିବା ପରୀକ୍ଷାଗୁଡ଼ିକରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳୁଛି। ଏସ୍ଏସ୍‌ସି ଜିଡିଠାରୁ ଆରମ୍ଭ କରି ରେଳବାଇ ପରୀକ୍ଷା ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ପରୀକ୍ଷାର୍ଥୀଙ୍କ ମନରେ ଏକ ପ୍ରକାର ଭୟ ବସା ବାନ୍ଧିଲାଣି ଯେ ସେମାନେ ଦେଉଥିବା ପରୀକ୍ଷାଟି ପ୍ରକୃତରେ ସଫଳତାର ସହ ଶେଷ ହେବ ତ? ଏହି ଅନିଶ୍ଚିତତା ଯୁବ ସମାଜ ମଧ୍ୟରେ ଏକ ଗଭୀର ମାନସିକ ଅବସାଦ ସୃଷ୍ଟି କରୁଛି।

ଜଣେ ସାଧାରଣ ବର୍ଗର କିମ୍ବା ମଧ୍ୟବିତ୍ତ ପରିବାରର ଛାତ୍ର ପାଇଁ ପରୀକ୍ଷା ଦେବା କେବଳ ଏକ ତିନି ଘଣ୍ଟାର ପ୍ରକ୍ରିୟା ନୁହେଁ। ଏହା ତାଙ୍କ ପରିବାରର ଆର୍ଥିକ ବୋଝ ଏବଂ ଆଶାର ପ୍ରତିଫଳନ। ଅନେକ ଛାତ୍ର ଗାଁ ଗହଳିରୁ ଆସି ସହରର ଛୋଟ ମେସ୍‌ରେ ରହି, ଖାଇବା ପିଇବାରେ କଷ୍ଟ ଭୋଗ କରି ପାଠ ପଢ଼ିଥାନ୍ତି। ପରିବାରର ଲୋକେ ଋଣ କରି କିମ୍ବା ଜମିବାଡ଼ି ବିକ୍ରି କରି ପିଲାଙ୍କୁ କୋଚିଂ ପାଇଁ ପଠାଇଥାନ୍ତି। ଯେତେବେଳେ ଶେଷ ମୁହୂର୍ତ୍ତରେ ଘୋଷଣା କରାଯାଏ ଯେ ପରୀକ୍ଷା ବାତିଲ ହୋଇ ଯାଇଛି, ସେତେବେଳେ ସେହି ପରିବାରର ମେରୁଦଣ୍ଡ ଭାଙ୍ଗିଯାଏ। ପୁଣିଥରେ ସେହି ବହିପତ୍ର ଖୋଲିବା, ସେହି ଚାପକୁ ସହିବା ଏବଂ ପୁଣିଥରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଜଣେ ସାଧାରଣ ମଣିଷ ପକ୍ଷେ ଅତ୍ୟନ୍ତ କଷ୍ଟକର। ଏହି ବିଳମ୍ବ କାରଣରୁ ଅନେକ ପରୀକ୍ଷାର୍ଥୀଙ୍କ ବୟସ ସୀମା ମଧ୍ୟ ଅତିକ୍ରମ କରିଯାଉଛି, ଯାହା ସେମାନଙ୍କୁ ଚାକିରି ପାଇବାର ସୁଯୋଗରୁ ସବୁଦିନ ପାଇଁ ବଞ୍ଚିତ କରୁଛି।

ଏହି ଅନବରତ ପରୀକ୍ଷା ବାତିଲ ପ୍ରକ୍ରିୟା ଯୁବ ପିଢ଼ିର ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ଗମ୍ଭୀର ପ୍ରଭାବ ପକାଉଛି। ଆଜିର ପ୍ରତିଯୋଗିତାମୂଳକ ଯୁଗରେ ପିଲାମାନେ ଆଗରୁ ହିଁ ଅତ୍ୟଧିକ ଚାପରେ ରହୁଛନ୍ତି। ପଢ଼ାପଢ଼ିର ଚାପ ସାଙ୍ଗକୁ ପରିବାରର ଆଶା ଓ ସାମାଜିକ ପ୍ରତିଷ୍ଠାର ଭୟ ସେମାନଙ୍କୁ ସବୁବେଳେ ବ୍ୟତିବ୍ୟସ୍ତ କରି ରଖିଥାଏ। ଏଭଳି ସ୍ଥିତିରେ ପେପର ଲିକ୍ କିମ୍ବା ଦୁର୍ନୀତି ଖବର ସେମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ କରି ଦେଉଛି। ଯେତେବେଳେ ଜଣେ ଯୁବକ ଅନୁଭବ କରେ ଯେ ତା'ର ପରିଶ୍ରମର କୌଣସି ମୂଲ୍ୟ ନାହିଁ ଏବଂ କେବଳ ଅସାଧୁ ଉପାୟରେ ଲୋକେ ସଫଳତା ପାଉଛନ୍ତି, ସେତେବେଳେ ସେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଏ। ଏହା କେବଳ ଏକ ବ୍ୟକ୍ତିଗତ କ୍ଷତି ନୁହେଁ, ବରଂ ଏହା ଦେଶର ମାନବ ସମ୍ବଳର ବଡ଼ ଅପଚୟ।

ସବୁଠୁ ବିପଜ୍ଜନକ କଥା ହେଉଛି, ଏହି ବ୍ୟବସ୍ଥା ଯୁବ ପିଢ଼ିର ନୈତିକତା ଓ ମୂଲ୍ୟବୋଧକୁ ମଧ୍ୟ କ୍ଷୟ କରୁଛି। ଯେଉଁ ଯୁବକମାନେ ଆଗାମୀ ଦିନରେ ଦେଶର ଶାସନ ଓ ପ୍ରଶାସନ ଚଳାଇବେ, ସେମାନେ ଯଦି ଆରମ୍ଭରୁ ଦୁର୍ନୀତି ଓ ପ୍ରଶ୍ନପତ୍ର କାରବାର ଦେଖିବେ, ତେବେ ସେମାନଙ୍କ ମନରେ ନୈତିକତା ରହିବ କେଉଁଠୁ? ସିଷ୍ଟମ୍ ଉପରେ ଅବିଶ୍ୱାସ ସୃଷ୍ଟି ହେଲେ ଯୁବ ପିଢ଼ି ବିପଥଗାମୀ ହେବାର ସମ୍ଭାବନା ଅଧିକ ଥାଏ। ଯେତେବେଳେ ପରିଶ୍ରମୀ ପିଲାଟିଏ ଦେଖେ ଯେ ଟଙ୍କା ବଳରେ କିଛି ଲୋକ ପ୍ରଶ୍ନପତ୍ର କିଣି ସଫଳ ହେଉଛନ୍ତି, ସେତେବେଳେ ତା'ର ଲୋକତନ୍ତ୍ର ଉପରୁ ଭରସା ତୁଟିଯାଏ। ଏହା ସମାଜରେ ଏକ ବିପଜ୍ଜନକ ସଙ୍କେତ ପ୍ରଦାନ କରୁଛି। ଏକ ସୁସ୍ଥ ସମାଜ ଗଠନ ପାଇଁ ଯୋଗ୍ୟତା ଏବଂ ସ୍ୱଚ୍ଛତା ଅପରିହାର୍ଯ୍ୟ, ଯାହା ଆଜିର ସମୟରେ ବିପଦରେ ପଡ଼ିଥିବା ପରି ମନେ ହେଉଛି।

ଏହି ସଙ୍କଟ ପାଇଁ ସରକାର ଏବଂ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଯଥା- ଏନ୍‌ଟିଏ କିମ୍ବା ରାଜ୍ୟ ଚୟନ ଆୟୋଗମାନଙ୍କ ଦାୟିତ୍ୱହୀନତାକୁ କେବେ ବି ଅସ୍ୱୀକାର କରାଯାଇ ପାରିବ ନାହିଁ। ପ୍ରଶ୍ନପତ୍ର ତିଆରି ହେବାଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ଯଦି ସୁରକ୍ଷା ବ୍ୟବସ୍ଥା ଏତେ ଦୁର୍ବଳ ରହୁଛି, ତେବେ ଏହା ଏକ ଯୋଜନାବଦ୍ଧ ଅପରାଧ ବୋଲି କହିବା ଭୁଲ୍ ହେବ ନାହିଁ। କେବଳ ଘଟଣା ଘଟିବା ପରେ ତଦନ୍ତ ନିର୍ଦ୍ଦେଶ ଦେବା କିମ୍ବା କିଛି କର୍ମଚାରୀଙ୍କୁ ନିଲମ୍ବିତ କରିଦେଲେ ସମସ୍ୟାର ସମାଧାନ ହୋଇ ନଥାଏ। ଏଥିପାଇଁ ଏକ ସମ୍ପୂର୍ଣ୍ଣ ସଂସ୍କାରର ଆବଶ୍ୟକତା ରହିଛି। ସରକାର ନିକଟରେ 'ସାର୍ବଜନୀନ ପରୀକ୍ଷା ଅଧିନିୟମ, ୨୦୨୪' ପ୍ରଣୟନ କରିଛନ୍ତି, ଯେଉଁଥିରେ କଠୋର ଦଣ୍ଡ ଓ ଜୋରିମାନାର ବ୍ୟବସ୍ଥା ରହିଛି। କିନ୍ତୁ ଆଇନର ପ୍ରକୃତ ସଫଳତା ଏହାର କାର୍ଯ୍ୟକାରିତା ଉପରେ ନିର୍ଭର କରେ।

ସମସ୍ୟାର ସମାଧାନ ପାଇଁ ପରୀକ୍ଷା ପ୍ରଣାଳୀକୁ ଅଧିକ ଡିଜିଟାଲ୍ ଏବଂ ସୁରକ୍ଷିତ କରିବା ଜରୁରୀ। କୃତ୍ରିମ ବୁଦ୍ଧିମତ୍ତା ଏବଂ ବ୍ଲକ୍‌ଚେନ୍ ଟେକ୍ନୋଲୋଜି ସାହାଯ୍ୟରେ ପ୍ରଶ୍ନପତ୍ରର ସୁରକ୍ଷା ବଳୟକୁ ଅଧିକ ଦୃଢ଼ କରାଯାଇ ପାରିବ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ କେବଳ ସରକାରୀ ସଂସ୍ଥାମାନଙ୍କୁ ସାମିଲ କରିବା ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ଉପରେ କଠୋର ନଜର ରଖିବା ଆବଶ୍ୟକ। ପେପର ସେଟିଂ ପ୍ରକ୍ରିୟାରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରହିବା ସହ ସେମାନଙ୍କର କାର୍ଯ୍ୟକଳାପକୁ କଡ଼ାକଡ଼ି ମନିଟରିଂ କରାଯିବା ଉଚିତ। ଏହା ସହିତ ପରୀକ୍ଷା ପରିଚାଳନା କରୁଥିବା ଅଧିକାରୀମାନଙ୍କୁ ଜବାବଦେହିତା ଭିତରକୁ ଅଣାଯିବା ଦରକାର। ଯଦି କୌଣସି ପରିଚାଳନାଗତ ତ୍ରୁଟି ଯୋଗୁଁ ପରୀକ୍ଷା ବାତିଲ ହୁଏ, ତେବେ ସମ୍ପୃକ୍ତ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ।

ଏହା ବ୍ୟତୀତ ଛାତ୍ରଛାତ୍ରୀମାନଙ୍କୁ କେବଳ ଏକ ରୋଲ୍ ନମ୍ବର ଭାବେ ନଦେଖି ସେମାନଙ୍କୁ ଜଣେ ଜଣେ ମଣିଷ ଭାବେ ସମ୍ମାନ ଦେବା ଶିଖିବାକୁ ହେବ। ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରତି ସରକାର ଓ ଶିକ୍ଷା ସଂସ୍ଥାଗୁଡ଼ିକ ଅଧିକ ଯତ୍ନବାନ୍ ହେବା ଉଚିତ। ପରୀକ୍ଷା ବାତିଲ ପରେ ପରୀକ୍ଷାର୍ଥୀମାନଙ୍କୁ ମାଗଣା ଯାତାୟାତ ସୁବିଧା, ପରବର୍ତ୍ତୀ ପରୀକ୍ଷା ପାଇଁ ଆର୍ଥିକ ସହାୟତା ଏବଂ ସର୍ବୋପରି ମନସ୍ତାତ୍ତ୍ୱିକ ପରାମର୍ଶ ପ୍ରଦାନ କରାଯିବା ଆବଶ୍ୟକ। ଯୁବ ପିଢ଼ିଙ୍କ ମଧ୍ୟରେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଶିକ୍ଷାୟତନଗୁଡ଼ିକରେ କାର୍ଯ୍ୟକ୍ରମମାନ ହେବା ଦରକାର। ନ୍ୟାୟିକ ସଂସ୍ଥାଗୁଡ଼ିକ ମଧ୍ୟ ଏପରି ମାମଲାଗୁଡ଼ିକର ଶୁଣାଣିକୁ ତ୍ୱରାନ୍ୱିତ କରିବା ଉଚିତ, ଯାହାଦ୍ୱାରା ଅପରାଧୀମାନଙ୍କ ମନରେ ଭୟ ସୃଷ୍ଟି ହେବ ଏବଂ ନିର୍ଦ୍ଦୋଷ ଛାତ୍ରମାନେ ନ୍ୟାୟ ପାଇ ପାରିବେ।




ପରିଶେଷରେ କୁହାଯାଇପାରେ ଯେ ପରୀକ୍ଷା ବାତିଲ ହେବା କେବଳ ଏକ ପ୍ରଶାସନିକ ସମସ୍ୟା ନୁହେଁ, ଏହା ଏକ ଜାତୀୟ ସଙ୍କଟ। ଯେଉଁ ଦେଶର ଯୁବ ସମାଜ ନିରାଶାବାଦୀ ହୋଇ ପଡ଼ନ୍ତି, ସେହି ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ। ଭାରତ ପରି ଏକ ଯୁବ ବହୁଳ ଦେଶରେ ଯଦି ପ୍ରତିଭାର ଉପଯୁକ୍ତ ମୂଲ୍ୟାଙ୍କନ ହୋଇ ପାରିବ ନାହିଁ, ତେବେ 'ବିକଶିତ ଭାରତ'ର ସ୍ୱପ୍ନ କେବଳ ଏକ ସ୍ଲୋଗାନ୍‌ରେ ସୀମିତ ରହିଯିବ। ସରକାର, ପ୍ରଶାସନ, ଶିକ୍ଷାବିତ୍ ଏବଂ ସମାଜର ପ୍ରତ୍ୟେକ ବର୍ଗଙ୍କୁ ଏକାଠି ହୋଇ ଏହି ଦୁର୍ନୀତି ବିରୋଧରେ ଲଢ଼ିବାକୁ ହେବ। ଯୁବ ପିଢ଼ିର ପରିଶ୍ରମକୁ ସମ୍ମାନ ଦେବା ଏବଂ ସେମାନଙ୍କ ସ୍ୱପ୍ନକୁ ସୁରକ୍ଷିତ ରଖିବା ହେଉଛି ଏକ ସଭ୍ୟ ରାଷ୍ଟ୍ରର ସବୁଠୁ ବଡ଼ କର୍ତ୍ତବ୍ୟ। ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଦିଗରେ ଦୃଢ଼ ପଦକ୍ଷେପ ନେବାର ସମୟ ଏବେ ଆସିଯାଇଛି, ନଚେତ୍ ଇତିହାସ କେବେ ବି ଏହି ଦାୟିତ୍ୱହୀନତାକୁ କ୍ଷମା କରିବ ନାହିଁ। ଯୁବକମାନଙ୍କ ଆଖିରେ ଥିବା ସ୍ୱପ୍ନଗୁଡ଼ିକ ଯେମିତି ଲୁହରେ ପରିଣତ ନ ହୁଅନ୍ତି, ସେଥିପାଇଁ ଆମକୁ ଏକ ଦୁର୍ନୀତିମୁକ୍ତ ଓ ସୁଦୃଢ଼ ପରୀକ୍ଷା ପ୍ରଣାଳୀ ଗଠନ କରିବାକୁ ପଡ଼ିବ।

**ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ**
**ମୋ: ୮୮୯୫୯୫୨୩୧୫**

# ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ବାଣପୁର ଓ ବୀର ପୁଙ୍ଗବ କୃତ୍ତିବାସ



ସତ୍ୟବାଦୀ ବଳିଆରସିଂହ

ଖ୍ରୀଷ୍ଟାବ୍ଦ ୧୮୧୭ର ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ବାଣପୁରରୁ ହିଁ ବିପ୍ଳବର ଧ୍ୱନି ପ୍ରକମ୍ପିତ ହୋଇଥିଲା। ବକ୍ସି ଜଗବନ୍ଧୁ ଓ ଦେବାନ୍ କୃଷ୍ଣଚନ୍ଦ୍ରଙ୍କ ପାଇଁ ବାଣପୁର ବିପ୍ଳବର ଧ୍ୱନି ଶତସିଂହର ବଳ ଆଣି ଦେଇଥିଲା। ସେ ଦୁହେଁ ତତ୍କାଳ ପରିସ୍ଥିତିର ପୂର୍ଣ୍ଣ ସୁଯୋଗ ନେଇ ସେହି ବିପ୍ଳବର ନେତୃତ୍ୱ ନେଲେ। ବାଣପୁର ଅଞ୍ଚଳରେ ବକ୍ସିଙ୍କ ପ୍ରଧାନ ସହଯୋଗୀ ଥିଲେ ଭାଟପଡ଼ା ଦଳବେହେରା ଦୀନବନ୍ଧୁ ସାମନ୍ତରାୟ, ପଞ୍ଚୁପଲ୍ଲୀ ଦଳବେହେରା ଶ୍ରୀହରି ମାନସିଂହ, ଛତ୍ରଗଡ଼ର ବିଶୋଇ ରଥୀ ସାମନ୍ତସିଂହାର ଓ ଅରାଙ୍ଗ ଅଞ୍ଚଳର ଦଳବେହେରା ଶ୍ୟାମସୁନ୍ଦର ପାଟ୍ଟଶାଣୀ। ପାଇକ ସର୍ଦ୍ଦାର ଦୀନବନ୍ଧୁ ସାମନ୍ତରାୟଙ୍କ ନିଜ ଅଧୀନରେ ଥିବା ଶହେ ପାଇକ ବ୍ୟତୀତ ଘୁମୁସର ଅଞ୍ଚଳରୁ ଆସିଥିବା ବେତନଭୋଗୀ ଶହେ କନ୍ଧ ପାଇକ ଥିଲେ। ଘୁମୁସର ଅଞ୍ଚଳରେ ଇଂରେଜମାନଙ୍କ ବିରୋଧରେ ଲୁଟ୍‌ପାଟ୍ କରୁଥିବା କନ୍ଧମାନେ ବକ୍ସିଙ୍କ ଶ୍ୱଶୁର ଶେରଗଡ଼ ରାଜା ଓ ମଳାସୁର ଘୁମୁସର ରାଜାଙ୍କ ନିର୍ଦ୍ଦେଶରେ ଘଞ୍ଚ ଜଙ୍ଗଲ ଦେଇ ବାଣପୁର ମାଡ଼ି ଆସିଲେ। ସେଇ ବାଣପୁରରେ ହିଁ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପରିଚାଳିତ ଐତିହାସିକ ପାଇକ ବିଦ୍ରୋହର ପ୍ରଥମ ଅଗ୍ନିକଣା ପ୍ରଚଣ୍ଡ ବନାଗ୍ନି ରୂପ ଧରି ଦାଉ ଦାଉ ହୋଇ ଜଳି ଉଠିଲା। ବିଦ୍ରୋହୀମାନଙ୍କ ଦ୍ୱାରା ବାଣପୁର ଖଜଣା ଖାନାରୁ ୧୫,୦୦୦ ଟଙ୍କା ଲୁଟି ହୋଇଗଲା। ବାଣପୁରରେ ଥାନା ସମେତ ସମସ୍ତ ସରକାରୀ କୋଠାବାଡ଼ି ଭସ୍ମୀଭୂତ ହୋଇଗଲା। ଚାହୁଁ ଚାହୁଁ ଛତ୍ରଗଡ଼ଠାରୁ ଦାରୁଠେଙ୍ଗ ପର୍ଯ୍ୟନ୍ତ ଏବଂ ପାଞ୍ଚଗଡ଼ଠାରୁ ପୁରୁଷୋତ୍ତମ କ୍ଷେତ୍ର ପର୍ଯ୍ୟନ୍ତ ସମସ୍ତ ଖୋର୍ଦ୍ଧା ରାଜ୍ୟକୁ ବିଦ୍ରୋହ ଭୟଙ୍କର ବେଗରେ ବ୍ୟାପିଗଲା। କଟକର କୁଜଙ୍ଗରେ ମଧ୍ୟ ବିଦ୍ରୋହର ନିଆଁ ଜଳି ଉଠିଲା।

ପାଇକ ବିଦ୍ରୋହ ସମୟରେ ବାଣପୁର, ପାଞ୍ଚଗଡ଼, ଖୋର୍ଦ୍ଧା, ଗଙ୍ଗପଡ଼ା, କଣାସର ଦୋବନ୍ଧା, ପୁରୀ, ପିପିଲି, ବାଲକାଟି, ଚନ୍ଦକା, ହରିଶପୁର, କୁଜଙ୍ଗ ଆଦି ବିଭିନ୍ନ ସ୍ଥାନରେ ସାମୟିକ ଭାବେ ସଂଗ୍ରାମ ଲାଗିରହି ଇଂରେଜ ଶାସନକୁ ଟଳମଳ କରି ରଖିଥିଲା। ଏହି ପାଇକ ବିଦ୍ରୋହ ୧୮୧୭ରୁ ୧୮୨୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ଆଠ ବର୍ଷ ଧରି ଲାଗି ରହିଥିଲା। ଇଂରେଜମାନଙ୍କ ବିରୋଧରେ ହୋଇଥିବା ଯେତେ ବିଦ୍ରୋହ, ଏପରିକି ସିପାହୀ ବିଦ୍ରୋହ, ପାଇକ ବିଦ୍ରୋହ ଭଳି ଦୀର୍ଘ ସମୟ ଲାଗି ନଥିଲା। ବାସ୍ତବରେ ଏହା ଥିଲା ଏକ ଗଣ ବିପ୍ଳବ। ସମାଜର ପ୍ରତ୍ୟେକ ବର୍ଗର ଲୋକେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହା ଗଣ ବିପ୍ଳବ ହୋଇ ଥିବାରୁ ଏହା ଦୀର୍ଘ ସମୟ ଲାଗି ରହିଥିଲା। ପାଇକ ବିଦ୍ରୋହ ବାଣପୁର ଅଞ୍ଚଳରୁ ଆରମ୍ଭ ହୋଇଥିଲା। ପୁନଶ୍ଚ, ୧୮୩୬ ଖ୍ରୀଷ୍ଟାବ୍ଦରେ ବାଣପୁର ଅରାଙ୍ଗ ଗଡ଼ର ଦଳବେହେରା ଶ୍ୟାମସୁନ୍ଦର ପାଟ୍ଟଶାଣୀଙ୍କ ପୁତ୍ର କୃତ୍ତିବାସ ପାଟ୍ଟଶାଣୀଙ୍କ ନେତୃତ୍ୱରେ ବିଦ୍ରୋହ ସଂଘଟିତ ହୋଇ ଇଂରେଜମାନଙ୍କୁ ବାଣପୁରରୁ ୧୮୩୬ ଜୁନ୍ ୪, ୫, ୬ ତାରିଖ ତିନି ଦିନ ଧରି ବାଣପୁର ଇଂରେଜ କବଳରୁ ମୁକ୍ତ ହୋଇଥିଲା। ଜୁନ୍ ୧, ୨, ୩ ତିନି ଦିନ ଧରି ଖଜଣାଖାନା ଲୁଟ୍ ସହ ଇଂରେଜମାନଙ୍କୁ ବିତାଡ଼ିତ କରାଯାଇଥିଲା।

ପାଇକ ବିଦ୍ରୋହ ପରେ ଖୋର୍ଦ୍ଧାର ପାଇକ ସର୍ଦ୍ଦାରମାନେ ମଝିରେ ମଝିରେ ଇଂରେଜ ଶାସନ ବିରୋଧରେ ବିଦ୍ରୋହ କରୁଥିଲେ। ୧୮୨୭ରେ ତାପଙ୍ଗ ଗଡ଼ର ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ବିଦ୍ରୋହ ଫଳରେ ଇଂରେଜ ସୈନ୍ୟଙ୍କୁ ତାଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିଥିଲା। କିନ୍ତୁ ୧୮୧୭ ପାଇକ ବିଦ୍ରୋହର ଦୀର୍ଘ ୧୯ ବର୍ଷ ପରେ ୧୮୩୬ ଖ୍ରୀଷ୍ଟାବ୍ଦରେ ପୁଣି ଥରେ ବାଣପୁର ଅରାଙ୍ଗଗଡ଼ର ଦଳବେହେରା କୃତ୍ତିବାସ ପାଟ୍ଟଶାଣୀଙ୍କ ଇଂରେଜ ଶାସନକୁ ମୁକ୍ତ କରି ବାଣପୁରର ସ୍ୱାଧୀନତା ଘୋଷଣା କରିଥିଲେ।

ସ୍ୱର୍ଗତଃ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କର 'ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଇତିହାସ' ପୁସ୍ତକରେ ବାଣପୁର ବିଦ୍ରୋହ ବା ପଞ୍ଚୁଆ ଫତୁରି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ରୋଡ଼ଙ୍ଗ ଗଡ଼ର ପଞ୍ଚାନନ ନାୟକ (ଡାକନାମ ପଞ୍ଚୁଆ) ତିନି ଦିନ ବ୍ୟାପି ବିଦ୍ରୋହ ସମୟରେ ବାଣପୁରର ରାଜା ହୋଇଥିବାରୁ ସେ ବିଦ୍ରୋହକୁ 'ପଞ୍ଚୁଆ ଫତୁରି' ଆଖ୍ୟା ଦେଇଥିଲେ। ଫକୀର ହରିଚନ୍ଦନ ତାଙ୍କ ରଚିତ ପୁସ୍ତକ 'ଖୋର୍ଦ୍ଧା ଇତିହାସର ଅନ୍ତରାଳେ' ଏହା ବିଶଦ ଭାବେ ବର୍ଣ୍ଣନା କରିଛନ୍ତି।

ବାଣପୁର ଅରାଙ୍ଗର ମଧୁ ବିଷୋଇ ପାଇକ ବିଦ୍ରୋହରେ ବକ୍ସିଙ୍କର ଜଣେ ସହଯୋଗୀ ବିଦ୍ରୋହୀ ଥିଲେ। ତାଙ୍କର ଦୁଇ ପୁଅ ଲୋଚନ ବିଷୋଇ, ଶିବ ବିଷୋଇ ଓ ଅରାଙ୍ଗ ଦଳବେହେରା ଶ୍ୟାମସୁନ୍ଦର ପାଟ୍ଟଶାଣୀଙ୍କ ପୁଅ କୃତ୍ତିବାସ ପାଟ୍ଟଶାଣୀ 'ପଞ୍ଚୁଆ ଫତୁରି'ର ମୁଖ୍ୟ ନାୟକ ଥିଲେ। ୧୮୩୬ ଜୁନ୍ ମାସ ୧ ତାରିଖରେ ଅରାଙ୍ଗର କୃତ୍ତିବାସ ପାଟ୍ଟଶାଣୀ, ଲୋଚନ ବିଷୋଇ, ଶିବ ବିଶୋଇ, ପଞ୍ଚାନନ ନାୟକ, ସାଧୁ ଜାନି, ଦୀନା ଜାନି ପ୍ରଭୃତି ବିଦ୍ରୋହୀ ନେତାମାନେ ଏକ ବୈଠକରେ ମିଳିତ ହୋଇ ବାଣପୁରକୁ ଇଂରେଜ ଶାସନରୁ ମୁକ୍ତ କରିବାକୁ ସିଦ୍ଧାନ୍ତ ନେଲେ ଏବଂ ସେହି ବୈଠକରେ ରୋଡ଼ଙ୍ଗ ବକ୍ସିଙ୍କ ଅନୁରୂପେ ପଞ୍ଚାନନ ନାୟକଙ୍କୁ ବିଦ୍ରୋହର ନେତା ରୂପେ ମନୋନୀତ କରାଗଲା। ସେହି ବୈଠକରେ ହିଁ ବାଣପୁରର ରାଜା ଶରଣସିଂହ ବୋଲି ଘୋଷଣା କରାଗଲା। କୃତ୍ତିବାସ ପାଟ୍ଟଶାଣୀ ରାଜା ଶରଣସିଂହଙ୍କର ପ୍ରଧାନମନ୍ତ୍ରୀ ତଥା ସେନାପତି ହେଲେ ଏବଂ ପ୍ରବଳ ଆନନ୍ଦ ଓ ଉନ୍ମାଦନା ଭିତରେ ରାଜା ଓ ସେନାପତିଙ୍କର ଶାଢ଼ିବନ୍ଧା ଉତ୍ସବ ପାଳିତ ହେଲା।

୧୮୩୬ ଜୁନ୍ ୪ ତାରିଖ ଶନିବାର ରାତିରେ ରାଜା ଶରଣସିଂହ, ସେନାପତି କୃତ୍ତିବାସ ପାଟ୍ଟଶାଣୀ ଓ ସର୍ଦ୍ଦାର ଲୋଚନ ବିଶୋଇ ତାଙ୍କର କନ୍ଧ ପାଇକ ବାହିନୀ ଧରି ଅରାଙ୍ଗରୁ ବାଣପୁର ଅଭିଯାନ ଆରମ୍ଭ କଲେ। ସେମାନଙ୍କ ସହିତ ଆଖପାଖ ଗାଁର ପାଇକ ଓ ଦଳବେହେରାମାନେ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହିତ ଯୋଗ ଦେଲେ। ଶହ ଶହ ବିଦ୍ରୋହୀ ପାହାନ୍ତା ବେଳକୁ ବାଣପୁର ନିକଟରେ ରୁଣ୍ଡ ହେଲେ। ୫ ତାରିଖ ରବିବାର ସକାଳୁ ବିଦ୍ରୋହୀମାନେ ହଜାର ହଜାର ସଂଖ୍ୟାରେ ମେଳି ହୋଇ ବାଣପୁର ସହରରେ ପଶିଲେ ଓ ସରକାରୀ ପକ୍ଷ ଲୋକଙ୍କ ଘର ପୋଡ଼ି ଲୁଟ୍ କଲେ। ବିଦ୍ରୋହୀମାନେ ଖଜଣାଖାନା ଲୁଟ୍ କଲେ। ଥାନା ପୋଡ଼ି ଦେଲେ। ଥାନା ପୁଲିସ ଓ ସରକାରୀ ଲୋକେ ପ୍ରାଣ ଭୟରେ ଚିଲିକା କୂଳ ବଡ଼କୂଳକୁ ଚାଲିଗଲେ। ସେମାନଙ୍କ ସଂଖ୍ୟା କମ୍ ଥିବାରୁ ପାଇକ ବାହିନୀର ମୁକାବିଲା କରିପାରି ନଥିଲେ। ଶରଣସିଂହଙ୍କ ନାଁରେ ପରୱାନା ଜାରି କରାଯାଇ ଦଳେଇ ଦଳବେହେରାଙ୍କୁ ପାଇକ ଓ ଅସ୍ତ୍ରଶସ୍ତ୍ର ପଠାଇବାକୁ ହୁକୁମନାମା ପଠାଗଲା।



ସୋମବାର ଦ୍ୱିପ୍ରହର ବେଳକୁ ବିଦ୍ରୋହୀମାନେ ବଡ଼କୂଳ ଅଭିଯାନରେ ବାହାରିଲେ। ସେଠାରେ ଥିବା ଲୁଣ ଗୋଦାମ ଘର ପୋଡ଼ି ଦେଲେ। ସେଠାରେ ଆଶ୍ରୟ ନେଇଥିବା ପୁଲିସ୍ ଓ ସରକାରୀ କର୍ମଚାରୀମାନେ ବଡ଼କୂଳ ଛାଡ଼ି ପଳେଇ ଗଲେ। ଏହା ପରେ କଟକରୁ ଇଂରେଜ ସିପାହୀ ଚାଲି ଆସିଲେ। ଇଂରେଜକୁ ଭଲ ପାଉଥିବା କିଛି ଲୋକଙ୍କ ସାହାଯ୍ୟ ଓ କୌଶଳକ୍ରମେ ଭୀମପୁରଠାରେ ପାଇକମାନଙ୍କୁ ଗିରଫ କରାଗଲା। କିନ୍ତୁ ବିପ୍ଳବର ନେତା କୃତ୍ତିବାସ ପାଟ୍ଟଶାଣୀଙ୍କୁ ଗିରଫ କରାଯାଇ ପାରି ନଥିଲା। ସେଥିଲେ ଦେବୀ ଭକ୍ତ। ହନ୍ତୁଆଡ଼ଠାରେ ଟିକିରେଇ ଠାକୁରାଣୀଙ୍କ ମନ୍ଦିରରେ ସୂକ୍ଷ୍ମ ଚାରୁକଳା ବିମଣ୍ଡିତ ଉଗ୍ରତାରା ମୂର୍ତ୍ତି ଏକଦା ବଙ୍କାଡ଼ ଗଡ଼ରେ ପୂଜା ପାଉଥିଲେ। କୃତ୍ତିବାସ ନିତି ରାତ୍ରରେ ଦେବୀଙ୍କୁ ଦର୍ଶନ କରିବାକୁ ଯାଆନ୍ତି। ବାସୁଦେବ ନରେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତି ଇଂରେଜଙ୍କଠାରୁ ତାଙ୍କୁ ଧରାଇ ଦେବା ପାଇଁ ଘୋଷଣା ହୋଇଥିବା ୮ ବାଟି ୧୦ ମାଣ ଜମି ସମ୍ପତ୍ତି ଲୋଭରେ ତାଙ୍କୁ କୌଶଳକ୍ରମେ ଘରକୁ ଡାକି ଧରାଇ ଦେଇଥିଲେ।

ବାଣପୁର ବିଦ୍ରୋହରେ ଅଭିଯୁକ୍ତମାନଙ୍କ ବିଚାର ଅଦାଲତରେ ୯ ମାସ ଧରି ଚାଲିବା ପରେ ତା ୨୫.୦୩.୧୮୩୭ ରିଖରେ କଟକର କମିଶନର କୋଲକାତାର ଫୋର୍ଟ ୱିଲିୟମ୍‌ସ୍ଥିତ ବ୍ରିଟିଶ ସରକାରଙ୍କ ବିଚାର ବିଭାଗ ଶାସନ ସଚିବଙ୍କ ନିକଟକୁ ପଠାଇ ଥିବା ୬୧୦ ନମ୍ବର ଚିଠି ମୁତାବକ ଯେଉଁମାନଙ୍କୁ ଦଣ୍ଡ ବିଧାନ କରାଯାଇଥିଲା। ସେମାନେ ହେଲେ- ୧) ଶରଣସିଂହ, କୃତ୍ତିବାସ ପାଟ୍ଟଶାଣୀ, ଶିବୁ ନାୟକ ଓ ପାଦୁକୀ- ୪ ଜଣଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ। ୨) ଜଳଧର ନାୟକ ଓ ଅନ୍ୟ ୨୨ ଜଣଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ (ବେଡ଼ି ସହିତ)। ୩) ଶୁକଦେବ ଦାସ ଓ ଅନ୍ୟ ୩୭ ଜଣଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ (ବେଡ଼ି କିମ୍ବା ତା'ବଦଳରେ ଟ୨୫/-ଙ୍କା ଜୋରିମାନା ସହ)। ୪) ନାଲୁ ସାଉ ଓ ଅନ୍ୟ ୧୪ ଜଣଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ (ବେଡ଼ି କିମ୍ବା ତା'ବଦଳରେ ଟ୨୦/-ଙ୍କା ଜୋରିମାନା ସହିତ)।

ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ହେଉ କି କୃତ୍ତିବାସ ପାଟ୍ଟଶାଣୀଙ୍କ ନେତୃତ୍ୱରେ ବାଣପୁର ବିଦ୍ରୋହ ହେଉ- ଉଭୟ ବିଦ୍ରୋହରେ ବାଣପୁର ଅଧିବାସୀଙ୍କର ଅବଦାନ ଅତୁଳନୀୟ। ସେମାନଙ୍କର ବୀରତ୍ୱ ଓ ଶୌର୍ଯ୍ୟ ଗାଥା ଯୁଗ ଯୁଗ ଧରି କୀର୍ତ୍ତି ବିମଣ୍ଡିତ ହୋଇ ରହିବ। ୧୮୩୬ ଜୁନ୍ ୧ ତାରିଖରୁ ଅରାଙ୍ଗ ଗଡ଼ର ଦଳବେହେରା ଦେଓଗାଁ ନିବାସୀ କୃତ୍ତିବାସ ପାଟ୍ଟଶାଣୀ ଇଂରେଜ କବଳରୁ ମୁକ୍ତ ହେବା ପାଇଁ ବାଣପୁର ମୁକ୍ତି ଆନ୍ଦୋଳନ କରିଥିଲେ। ଏହି ବୀରତ୍ୱ ଓ ସ୍ୱାଭିମାନର ଦିବସକୁ ମନେ ରଖିବା ପାଇଁ ବିପ୍ଳବୀ କୃତ୍ତିବାସଙ୍କ ଜନ୍ମସ୍ଥାନ ବାଣପୁର ଗମ୍ଭାରୀମୁଣ୍ଡା ସନ୍ନିକଟ ଗିରିମାଳା ବେଷ୍ଟିତ ଦେଓଗାଁରେ ବିପ୍ଳବର ଶହେ ନବେ ବର୍ଷ ପରେ ବିପ୍ଳବୀ କୃତ୍ତିବାସଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇ ଜାତୀୟତାର ଶୌର୍ଯ୍ୟଗାଥା ପ୍ରକଟିତ ହେବ।

**ଏମ୍-୨୩, ଖୋର୍ଦ୍ଧା ବିଡିଏ କଲୋନୀ**
**ଖୋର୍ଦ୍ଧା, ମୋ: ୯୨୩୭୦୮୯୫୦୯**

# ଦେଖିବା-ଦେଖେଇବା

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁଙ୍କ ପରେ ନରେନ୍ଦ୍ର ମୋଦୀ ହୁଏତ ପ୍ରଥମ ପ୍ରଧାନମନ୍ତ୍ରୀ ହେବେ ଯିଏକି ପିଲାମାନଙ୍କ ସହିତ ନିଜକୁ ବେଶୀ ଜଡ଼ିତ ରଖିଥାନ୍ତି। ପରୀକ୍ଷା ଋତୁରେ ସେ ବିଦ୍ୟାର୍ଥୀମାନଙ୍କ ସହିତ ଭାବ ବିନିମୟ କରିଥାନ୍ତି ଏବଂ ଏମିତିକି ସେ 'ପରୀକ୍ଷା ପେ ଚର୍ଚ୍ଚା' ନାମରେ ଏକ ସିରିଜ୍ ଆରମ୍ଭ କରିଛନ୍ତି, ଯେଉଁଥିରେ ସେ ପାଠପଢ଼ା ବାବଦରେ ନିଜର ଅନୁଭୂତିକୁ ପିଲାମାନଙ୍କ ସହିତ ବାଣ୍ଟିଥାନ୍ତି ଏବଂ ପରୀକ୍ଷାରେ ଭଲ ମାର୍କ୍ ରଖିବା ନିମନ୍ତେ ସେ ପିଲାମାନଙ୍କୁ କେତେକ ଟିପସ୍ ବା ସୂତ୍ର ମଧ୍ୟ ବତାଇଥାନ୍ତି। କିନ୍ତୁ ପରିତାପର ବିଷୟ, ପିଲାମାନଙ୍କ ଭବିଷ୍ୟତ ପାଇଁ ସେ ନିଜେ ଯେତିକି ଚିନ୍ତିତ ଥିବା ଦେଖାଇଥାନ୍ତି, ତାହା କାର୍ଯ୍ୟରେ ତାଙ୍କ ସରକାର  ପରିଣତ କରି ନାହାନ୍ତି ଏବଂ ରିପୋର୍ଟଗୁଡ଼ିକ ମୁତାବକ, ତାଙ୍କୁ ବାଧ କରିଛନ୍ତି ପରୀକ୍ଷାଗୁଡ଼ିକ ଅନୁଷ୍ଠିତ କରିବା ବେଳେ ସରକାରୀ ଏଜେନ୍ସି ବା ସଂସ୍ଥାମାନଙ୍କ ଦ୍ୱାରା ଲଗାତର ହୋଇଥିବା କେତେକ ତ୍ରୁଟି ଉପରେ ନଜର ରଖିବାକୁ। ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥିବାକୁ ଦର୍ଶାଇଛି ପରୀକ୍ଷାଗୁଡ଼ିକ ନିୟମିତ ଭାବରେ ସୁରୁଖୁରୁରେ ସମ୍ପାଦନ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ସଶସ୍ତ୍ର ସେନା ବଳଙ୍କ ସେବାକୁ ଉପଯୋଗ କରିବାର ଯୋଜନା ସମ୍ପର୍କିତ ରିପୋର୍ଟ ସମୂହ। ଭାରତୀୟ ଅମଲାତନ୍ତ୍ର ହେଉଛି ଏକ ବିସ୍ତୃତ ଅନୁଷ୍ଠାନ, ଯାହା ପ୍ରତ୍ୟେକଟି କାର୍ଯ୍ୟ ଓ ସଂକଟର ତତ୍ତ୍ୱାବଧାନ କରି ପାରିବ; ଏହା କେବଳ ଯାହା ରାଜନୀତିକ କାର୍ଯ୍ୟନିର୍ବାହୀମାନଙ୍କ ଦ୍ୱାରା ନୀତିଗତ ନିର୍ଦ୍ଦେଶ ଏବଂ ତଦାରଖ ଆବଶ୍ୟକ କରେ। ତିନି ଗୋଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ସମ୍ପାଦନରେ ଲଗାତର ବିଫଳତା- ଅଣ୍ଡର ଗ୍ରାଜୁଏଟ୍ ଡାକ୍ତରୀ ପାଠ୍ୟକ୍ରମଗୁଡ଼ିକରେ ନାମଲେଖା ନିମନ୍ତେ ଅନୁଷ୍ଠିତ ନ୍ୟାସନାଲ ଏଲିଜିବିଲିଟି-ତଥା-ଏଣ୍ଟ୍ରାନ୍ସ ଟେଷ୍ଟ୍ (ନିଟ୍) ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଦ୍ୱାଦଶ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ପରୀକ୍ଷା ଉତ୍ତର ଖାତାର ବେପରୁଆ ମୂଲ୍ୟାୟନ ଏବଂ ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ସେମାନଙ୍କ ସହିତ ଅଂଶଗ୍ରହଣକାରୀ ଅନୁଷ୍ଠାନମାନଙ୍କରେ ଅଣ୍ଡର ଗ୍ରାଜୁଏଟ୍ ପାଠ୍ୟକ୍ରମଗୁଡ଼ିକରେ ନାମ ଲେଖାଇବା ନିମନ୍ତେ ଅନୁଷ୍ଠିତ କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ୍ (ସିୟୁଇଟି) ଭଳି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଦେଖା ଦେଇଥିବା ବୈଷୟିକ ତ୍ରୁଟି- ଏକ ବ୍ୟବସ୍ଥାଗତ ବିଫଳତାକୁ ଯେତିକି ପରିମାଣରେ ଦର୍ଶାଉଛି, ତା' ସହିତ ସେତିକି ପରିମାଣରେ ମଧ୍ୟ ପ୍ରତିଫଳିତ କରୁଛି ଏସବୁ ପରୀକ୍ଷାଗୁଡ଼ିକୁ ସମ୍ପାଦନ କରିବା ପାଇଁ ଦାୟୀ ପୁରୁଷ ଏବଂ ମହିଳା କର୍ମଚାରୀମାନଙ୍କ ପକ୍ଷେ ବେପରୁଆ ମନୋଭାବ ଓ ଆଳସ୍ୟ ପରାୟଣତାର ଜ୍ଞାନକୁ। ନିଟ୍ ପ୍ରଶ୍ନପତ୍ରଗୁଡ଼ିକର ପ୍ରଘଟ ଉପରେ ହୋଇଥିବା ତଦନ୍ତ ବର୍ତ୍ତମାନ ଏଥିରେ ଏନ୍‌ଟିଏ କର୍ମଚାରୀମାନଙ୍କ ସମ୍ପୃକ୍ତି ସମ୍ପର୍କରେ ସୂଚନା ପ୍ରଦାନ କରୁଛି; ଏହା ବ୍ୟବସ୍ଥାରେ ଦୁର୍ନୀତିର ଚେର ଅନେକ ଗଭୀରକୁ ଯାଇଥିବା ସମ୍ପର୍କରେ ସଙ୍କେତ ପ୍ରଦାନ କରୁଛି।

ଏହି କାର୍ଯ୍ୟର ଦାୟିତ୍ୱରେ ରହିଥିବା ବ୍ୟକ୍ତି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏବଂ ସିବିଏସ୍‌ଇ ଭଳି ସଂସ୍ଥାମାନଙ୍କର କାର୍ଯ୍ୟ ପ୍ରଣାଳୀର ତଦାରଖ କରିବା ଅପେକ୍ଷା ଶିକ୍ଷାରେ ଗୈରିକ କାର୍ଯ୍ୟସୂଚୀକୁ ଭର୍ତ୍ତି କରି ଶିକ୍ଷାର ରାଜନୀତିକରଣରେ ଅଧିକ ଆଗ୍ରହୀ ଥିବା ଭଳି ମନେ ହେଉଛନ୍ତି। ଏମିତିକି ସିବିଏସ୍‌ଇ ପାଠ୍ୟକ୍ରମରେ ନବମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କ ପାଇଁ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ ଏକ ତୃତୀୟ ଭାଷା ଭାବରେ ପ୍ରଚଳନ କରିବାକୁ ବିଜେପି ନେତାମାନଙ୍କର ଧାରଣା ମଧ୍ୟ ଅଗ୍ରହଣୀୟ। ଗୋଟିଏ କାର୍ଯ୍ୟକ୍ରମକୁ ଯେତେବେଳେ କିଛି ରାଜ୍ୟ ପ୍ରଚଳନ କରିବାକୁ ସହମତ ନହେଲେ, ସେତେବେଳେ ସେ ଅନ୍ୟ କାର୍ଯ୍ୟକ୍ରମ ପାଇଁ ମଧ୍ୟ କେନ୍ଦ୍ରୀୟ ସହାୟତା ପ୍ରଦାନ ବନ୍ଦ କରି ସହଯୋଗିତାମୂଳକ ସଂଘୀୟବାଦ ପ୍ରତି କ୍ୱଚିତ୍ କୌଣସି ସମ୍ମାନ ପ୍ରଦର୍ଶନ କରିଛନ୍ତି। ମନ୍ତ୍ରୀମାନେ ହୁଏତ ସେମାନଙ୍କ ପସନ୍ଦର ଯେ କୌଣସି ରାଜନୀତିକ ଆଦର୍ଶବାଦକୁ ଅନୁସରଣ କରି ପାରନ୍ତି, କିନ୍ତୁ ଅନ୍ୟମାନଙ୍କ ଉପରେ ତାହା ଲଦିଦେବା ଅଗ୍ରହଣୀୟ। ଏକଥା ସେତେବେଳେ ଆହୁରି ଅଧିକ ଅଗ୍ରହଣୀୟ ହୋଇଥାଏ, ଯେତେବେଳେ ସେମାନଙ୍କ ଉପରେ ନ୍ୟସ୍ତ କରାଯାଇଥିବା ପ୍ରାଥମିକ ଦାୟିତ୍ୱ ସହିତ ସେମାନେ କୌଣସି ପ୍ରକାରର ବୁଝାମଣା କରିଥାନ୍ତି।

ଚଳିତ ବର୍ଷ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ବିଦ୍ୟାର୍ଥୀମାନେ ଏକ ଖରାପ ଭାବରେ କାର୍ଯ୍ୟ କରୁଥିବା ରାଷ୍ଟ୍ରର ସ୍ୱାଦ ଚାଖିବାର ସୁଯୋଗ ପାଇଛନ୍ତି, ଯାହାର ହୁଏତ ଏକ ଗୁରୁତର ପ୍ରଭାବ ପଡ଼ିପାରେ ସେମାନେ ଆମ ଦେଶରେ ଯେଉଁଭଳି ଭାବରେ ଗଣତାନ୍ତ୍ରିକ ଶାସନ ବାବଦରେ ଭାବୁଛନ୍ତି, ତା' ଉପରେ। ସେମାନେ ହୁଏତ ଏକ ବ୍ୟବସ୍ଥାର ଅନୁପସ୍ଥିତିକୁ ଅନୁଭବ କରି ପାରନ୍ତି। ଭାରତ ଯଦି ଏକ ଦେଶ ଭାବରେ ଜନସାଂଖ୍ୟିକ ଲାଭାଂଶର ଅମଳ କରିବାକୁ ଅପେକ୍ଷା କରୁଛି, ତା'ହେଲେ ବର୍ତ୍ତମାନ ଏହାକୁ ଯୁବ ପିଢ଼ିଙ୍କର ବ୍ୟବସ୍ଥା ଉପରେ ଆସ୍ଥା ସ୍ଥାପନର ପୁନରୁଦ୍ଧାର କରିବାକୁ ହେବ। ପ୍ରଶ୍ନପତ୍ରକୁ ନେଇ ଭାରତୀୟ ବାୟୁସେନାର ବିମାନଗୁଡ଼ିକ ଉଡ଼ାଣ ଭରିବା ଏକ ସର୍ବୋତ୍କୃଷ୍ଟ ବ୍ୟବସ୍ଥା ନୁହେଁ; ମନ୍ତ୍ରୀଙ୍କ ସମେତ ପରୀକ୍ଷା ସହିତ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଦାୟୀ କରିବା ହେଉଛି ପ୍ରକୃତ ଉତ୍ତରଦାୟିତ୍ୱ। ଶିକ୍ଷା ବ୍ୟବସ୍ଥାରେ ଏବେ କ'ଣ ଘଟୁଛି, ତା' ଉପରେ ପ୍ରଧାନମନ୍ତ୍ରୀ ନିଜେ ଏକ ସାମଗ୍ରିକ ଦୃଷ୍ଟିପାତ କରିବା ନିମନ୍ତେ ଏବଂ ଏଥି ସହିତ ସମ୍ପୃକ୍ତ ସମସ୍ତ ଏଜେନ୍ସି ବା ସଂସ୍ଥାମାନଙ୍କ ଦ୍ୱାରା ଦେଶ ପ୍ରତିଷ୍ଠା କରିଥିବା ଯାଞ୍ଚ ଓ ଭାରସାମ୍ୟ ରକ୍ଷା କ୍ଷେତ୍ରରେ ଦାୟିତ୍ୱହୀନ କାର୍ଯ୍ୟକଳାପ ନିମନ୍ତେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବା ସଙ୍ଗେ ସଙ୍ଗେ ଏକ ବଳିଷ୍ଠ ସମାଧାନ ବ୍ୟବସ୍ଥା କରି ପୀଡ଼ିତମାନଙ୍କୁ ସେମାନଙ୍କର ଭରସା ବଜାୟ ରଖିବାକୁ ଆଶ୍ୱସ୍ତ କରିବାର ସମୟ ଉପଗତ ହୋଇଛି। ସମ୍ପ୍ରତି ଶ୍ରୀଯୁକ୍ତ ମୋଦୀ ଯୁବ ପିଢ଼ିଙ୍କୁ ବ୍ୟବସ୍ଥା ଉପରେ ଆସ୍ଥା ସ୍ଥାପନ କରାଇବାର ଏକ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନକୁ ସାମ୍‌ନା କରୁଛନ୍ତି। ଏହି ଲକ୍ଷ୍ୟ ହାସଲ କରିବା ନିମନ୍ତେ ଯାହାକିଛି ବି କରିବାକୁ ପଡ଼ିବ, ତାହା ସେ କରିବା ଉଚିତ।

# ଶେଷ ପାହାଚ

ସୁଦୂରରେ ଅଛି ପର୍ବତ। ସମସ୍ତଙ୍କୁ ଦେଖା ଯାଉଥିଲା। ବହୁ ଲୋକଙ୍କର ଧାଡ଼ି ଲାଗିଥିଲା ସେ ପର୍ବତ ଉପରକୁ। ସମସ୍ତଙ୍କ କାନ୍ଧରେ ଥିଲା ପାଣି ଭାର। ସେ ଭାର ପୁଣି ଯାହିତାହି ନଥିଲା। ଥିଲା ପଥରରେ ତିଆରି ବାଲ୍‌ଟି। ବାଲ୍‌ଟିରେ ପାଣି ଭର୍ତ୍ତି। ବାଟସାରା ଚାଲି ଚାଲି ଗଲାବେଳେ ଥକି ପଡୁଥିଲେ କେତେକ ଲୋକ। ତଥାପି ବାଟ ଚାଲୁଥିଲେ। କେହି ଜଣେ ସେ ପାହାଡ଼ ଆଡକୁ ହାତ ବଢ଼ାଇ ଚିହ୍ନାଇ ଦେଇଛି- 'ପାହାଡ଼ ଉପରେ ଥିବା କୋଠରୀରେ ଏ ପାଣିତକ ଢାଳିଦେଲେ ଅଧିକ ଶାନ୍ତି ମିଳିଯାଏ। ତାହା ପୁଣି ସୂର୍ଯ୍ୟାସ୍ତ ପୂର୍ବରୁ ହେବା ଉଚିତ୍। ପାହାଡ଼ ଆଡ଼କୁ ଯିବାବେଳେ କାନ୍ଧରେ ପାଣି ଭାର ବୋହିବାରେ ତ ଶାନ୍ତି ଅଛି। ସନ୍ଧ୍ୟା ପୂର୍ବରୁ ପାହାଡ଼ରେ ନ ପହଞ୍ଚିଲେ ସବୁତକ ଶାନ୍ତି ହରାଇ ବସିବ।'

ଏହି ଧାରଣା ନେଇ ସମସ୍ତେ ଦୂର ପାହାଡ଼ରେ ପହଞ୍ଚନ୍ତି। ସେତେବେଳକୁ ସନ୍ଧ୍ୟା ହୋଇ ଯାଇଥାଏ। ସେଇଠି ଥକ୍କା ମାରି ବସି ପଡ଼ନ୍ତି। କେହି କେହି ଶୋଇ ବି ଯାଆନ୍ତି। ବୋହି ବୋହି ନେଇଥିବା ପାଣିରୁ ମୁନ୍ଦାଏ ପିଇବା ପାଇଁ ସାମର୍ଥ୍ୟ ନଥାଏ। ସକାଳ ହେଲା ବେଳକୁ ଆଉ ନିଦ ଭାଙ୍ଗେନା। ସମ୍ପର୍କୀୟମାନେ କୁହନ୍ତି- ଆମେ ବି ପୂର୍ବପୁରୁଷମାନଙ୍କ ପରି ଦୂର ପାହାଡ଼କୁ ଯିବା।

ପାଠକେ! ସେ ଦୂର ପାହାଡ଼ର ଯାତ୍ରୀ ଆଉ କେହି ନୁହନ୍ତି; ଆମେ ସମସ୍ତେ। କିଏ ପାଣି ଭାର ବୋହି ବୋହି ନେଉଛି ତ କିଏ ଫାଙ୍କା ଚାଲୁଛି। କିନ୍ତୁ ସମସ୍ତଙ୍କ ଯାତ୍ରା ସେହି ଦୂର ପାହାଡ଼ ଆଡ଼କୁ। ବାଲ୍ୟକାଳରୁ ଆମର ଯାତ୍ରା ଆରମ୍ଭ ହୋଇଛି। ଦୁଃଖ, ଯନ୍ତ୍ରଣା, ମାନସିକ ଚାପ ରୂପକ ଭାର ବୋହି ଚାଲିଛେ। ସେ ଭାର ପୁଣି କେବେ ଘର ପାଇଁ ତ କେବେ ଚାକିରି ପାଇଁ। ଆଉ କେବେ ଧନ ରୋଜଗାର, ପଦ, ପ୍ରତିଷ୍ଠା, ପୁତ୍ର, କନ୍ୟା, ସମ୍ପର୍କୀୟଙ୍କ ପାଇଁ। ଏ ବୋଝର ଜ୍ୱାଳାରେ ବିଶ୍ରାମ କରିବାକୁ ସମୟ ନାହିଁ। କେହି ଖୁସିରେ ବିଶ୍ରାମ କରିପାରୁ ନାହିଁ ତ କିଏ ଦୁଃଖରେ। ସମସ୍ତଙ୍କ ଦୌଡ଼ ଅବିଶ୍ରାନ୍ତ। ପାହାଡ଼ର ଶୀର୍ଷଦେଶ ହେଉଛି ବୟସର ଅପରାହ୍ନ। ବୟସ ନଇଁଗଲା ବେଳକୁ ସାରା ଜୀବନରେ ଯୋଗାଡ଼ କରିଥିବା ବସ୍ତୁକୁ ଉପଭୋଗ କରି ପାରୁନା। ପାଣି ଭାର ନେଇ ଥକି ପଡ଼ିଥିବା ଯାତ୍ରୀଟିଏ ଯେମିତି ପାହାଡ଼ ଉପରେ ଶୋଇଯାଏ, ଆଉ ଉଠି ପାରେନା, ଠିକ୍ ସେମିତି ଆମେ ସଂଗ୍ରହ କରିଥିବା ଧନ, ଭୂମି ଇତ୍ୟାଦି ପଡ଼ି ରହିଥାଏ। ଆମେ ଉପଭୋଗ କରି ପାରୁନା।

ଧନ, କ୍ଷମତା, ବଳ ଖଟାଇ ତିଆରି କରିଥିବା ଉଚ୍ଚ ପ୍ରାସାଦକୁ ଯିବା ପାଇଁ  ଗୋଡ଼ ଚଳେନାହିଁ। ଦାମୀ ପାଇଖାନା ମଧ୍ୟ ମରଣ ଜନ୍ତା ପାଲଟି ଥାଏ। ସଂଗ୍ରହ କରିଥିବା ଖାଦ୍ୟ ବିଷ ପରି ହୋଇଥାଏ। ତୂଳୀତଳ୍ପ ଶଯ୍ୟାକୁ ମଧ୍ୟ ନିଷେଧ କରା ଯାଇଥାଏ। ଯୋଗାଡ଼ କରିଥିବା ପୋଷାକ ଶରୀର ପାଇଁ ଓଜନିଆ ହୋଇଯାଏ।

ଜୀବନର ଅପରାହ୍ନରେ ପହଞ୍ଚିବା ପୂର୍ବରୁ ଅନ୍ତତଃ ଥରୁଟିଏ ବୋଝମୁକ୍ତ ହେବାକୁ ଚେଷ୍ଟା କରିବା ଉଚିତ୍।

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ପୁରୀ ଜିଲ୍ଲାରେ ମଦ ଦୋକାନ ନିଲାମ

**ପୁରୀ,୨୬/ଏନ୍ଏନ୍ଏସ୍:** ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ପୁରୀ ଜିଲ୍ଲାର ୫୪ ଗୋଟି ମଦ ଦୋକାନ ନିଲାମ ପାଇଁ ନିଲାମ ପ୍ରକ୍ରିୟା ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଉପସ୍ଥିତ ରହି ନିଲାମ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ପରେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଙ୍କ ଅଧକ୍ଷତାରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।

ଜିଲ୍ଲାର ମୋଟ ୫୪ଟି ମଦ ଦୋକାନ ପାଇଁ ୧୭୯୧ଜଣ ଆବେଦନ କରିଥିଲେ। ଏଥିରେ ବିଦେଶୀ ମଦ ଦୋକାନ ୩୬ଗୋଟି ପାଇଁ ୧୨୫୮ଗୋଟି ଆବେଦନ ମିଳିଥିବା ବେଳେ ଓ ଦେଶୀ ମଦ ଦୋକାନ ୧୮ଗୋଟି ପାଇଁ ୫୩୩ଜଣ ଆବେଦନ କରିଥିଲେ। ଏହାକୁ ଲଟେରୀ ମାଧ୍ୟମରେ ଚୟନ କରାଯାଇଥିଲା। ଆବେଦନକାରୀଙ୍କ ଉପସ୍ଥିତିରେ ଟୋକନ ଗୁଡିକୁ ଏକ ଡବାରେ ପକାଯାଇ ଘଣ୍ଟା ଘଣ୍ଟି କରାଯାଇ ଅତିରିକ୍ତ ଜିଲ୍ଲାପାଳ ଆଖିରେ କଳା ପଟି ବାନ୍ଧି ଏହି ଡବାରୁ ଗୋଟିଏ ଗୋଟିଏ ଟୋକନ ଉଠାଇ ଲଟେରୀ ବିଜେତାଙ୍କ କ୍ରମିକ ସଂଖ୍ୟାକୁ ଘୋଷଣା କରିଥିଲେ। ପରେ ସେହି କ୍ରମିକ ସଂଖ୍ୟାର ନାମଧାରୀଙ୍କୁ ସଂପୃକ୍ତ ମଦ ଦୋକାନର ବିଜେତା ବୋଲି ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ସୂଚନା ବିଜ୍ଞାନ ଅଧିକାରୀ ଦୁର୍ଗାପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ ଓ ଅବକାରୀ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।




# ଗଛ ଲଗାଇବାରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ!

**ଆଠଗଡ଼,୨୬/ଏନ୍ଏନ୍ଏସ୍:** ଆଠଗଡ଼ ବନଖଣ୍ଡରେ ଗଛ ଲଗାଇବାକୁ ନେଇ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଦୁର୍ନୀତି ନିବାରଣ ବିଭାଗୀୟ ଅଧିକାରୀଙ୍କ ନିକଟରେ ସାଧାରଣରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଅନୁସାରେ ଦୁର୍ନୀତି ନିବାରଣ ବିଭାଗର ଏକ ୯ଜଣିଆ ଟିମ୍‌ର ଏସିଏଫ୍ ବବିତା ସୋରେନଙ୍କ ସମେତ ଦୁର୍ନୀତି ନିବାରଣ ନିରୀକ୍ଷକ ସପଲିନା ସୁଚରିତା ସାହୁ ପ୍ରଥମେ ଆଠଗଡ ବନଖଣ୍ଡର କୁଲାଇଲୋ ବିଟ୍ ଓରିଙ୍ଗାବାଡ଼ି ସଂରକ୍ଷିତ ଜଙ୍ଗଲରେ ପହଞ୍ଚି ଗଛ ଗଣିଥିଲେ। ଏହି ସବୁ ତଦନ୍ତ ଆଗକୁ ଦୁଇ ତିନିଦିନ ଚାଲିବ ବୋଲି ଦତନ୍ତକାରୀ ଟିମ୍ ପକ୍ଷରୁ ସୂଚନା ମିଳିଛି। ପୂର୍ବରୁ ଗଛ ଲଗାଇବାରେ ଫରେଷ୍ଟ ଆଶିଷ ନାଏକ ଅନିୟମିତତା କରିଥିବା ସେହି ବିଟ୍‌ର ଫରେଷ୍ଟ ଗାର୍ଡ ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପରେ ଅଭିଯୋଗ ଅନୁସାରେ ଆଠଗଡ଼ ସହକାରୀ ବନସଂରକ୍ଷକ ମନୋଜ କୁମାର ପାତ୍ର ଗତ ଏପ୍ରିଲ ମାସରେ ଏହାର ବିଭାଗୀୟ ତଦନ୍ତ କରିଥିଲେ ମଧ୍ୟ ଏହି ଅନିୟମିତତାକୁ ଘଣ୍ଟ ଘୋଡ଼ାଉଥିବା ଦୁର୍ନୀତି ନିବାରଣ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ଦୁର୍ନୀତି ନିବାରଣ ପକ୍ଷରୁ ଆଜି ତଦନ୍ତ ଆରମ୍ଭ କରାଯାଇଥିବା ଜଣାଯାଏ।

# ତରବୋଇ ରାସ୍ତାରେ ରାହାଜାନୀ ଉଦ୍ୟମ

**ବାଲିପାଟଣା,୨୬/ଏନ୍ଏନ୍ଏସ୍:** ପମ୍ପାଲୋ ପଞ୍ଚାୟତ ଅନ୍ତର୍ଗତ ତରବୋଇ ଠାରେ ଆଜି ସୋମବାର ଅପରାହ୍ନରେ ରାହାଜାନୀ ଉଦ୍ୟମ ହୋଇଛି। ବ୍ଲକ କାର୍ଯ୍ୟାଳୟ ରୁ କାମସାରି କୁଳନ୍ତିରା ତରବୋଇ ରାସ୍ତା ଦେଇ ବଦଳା ଶାସନକୁ ମଟରସାଇକେଲରେ ଫେରୁଥିବା ବିକାଶ ସ୍ୱାଇଁଙ୍କୁ ତରବୋଇ ଠାରେ ଦୁଇଜଣ ବ୍ୟକ୍ତି ରାସ୍ତା ନିଛାଟିଆ ଥିବାରୁ ଅଟକାଇ ଯାହା ଅଛି ଦେଇଦେ ବୋଲି କହିଥିଲେ। ଶ୍ରୀ ସ୍ୱାଇଁ ପୋଲିସକୁ ଫୋନ କରିବାକୁ ଉଦ୍ୟମ କରିବାରୁ ତାଙ୍କ ଠାରୁ ଫୋନ୍ ଛଡ଼ାଇ ନେଇ ଫୋପାଡ଼ି ଦେଇଥିଲେ। ଭୁଜାଲି କାଢ଼ି ଧମକାଇବା ବେଳେ ନିକଟରେ ଥିବା ଏକ ମନୋହାରୀ ଦୋକାନର ମାଲିକ ବାହାରି ଆସିବାରୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ପୋଲିସକୁ କହିଲେ ମାରିଦେବୁ ବୋଲି ଧମକାଇ ପଳାଇ ଯାଇଥିଲେ। ସେ ଦୁଇଜଣ ନରୋଦା ଗାମର ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ବିକାଶ ସ୍ୱାଇଁ ବାଲିପାଟଣା ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସୂର୍ଯ୍ୟମନ୍ଦିର ସମ୍ମୁଖ ମୁଖ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦକଲା ପ୍ରଶାସନ

**କୋଣାର୍କ,୨୬/ଏନ୍ଏନ୍ଏସ୍:** ସୋମବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ ମୁଖ୍ୟ ରାସ୍ତା ମଝିରେ ମେଡ଼ିକାଲ ଛକରୁ ପୂର୍ତ୍ତବିଭାଗ ଆଇବି ଛକପର୍ଯ୍ୟନ୍ତ ବେଆଇନ ଭାବେ ଜବରଦଖଲ କରି ଦୀର୍ଘ ୩ ବର୍ଷ ରୁ ଉର୍ଦ୍ଧ୍ୱ ଦିନ ହେବ ଆସ୍ଥାୟୀ ଭାବେ ବ୍ୟବସାୟ କରୁଥିବା ୫୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀମାନଙ୍କୁ କୋଣାର୍କ ଏନଏସି ପକ୍ଷରୁ ଉଚ୍ଛେଦ କରାଯାଇଛି ଜବରଦଖଲ ହଟାଯାଇଛି। ସୂଚନାଥାଉ କି ଦୀର୍ଘଦିନ ହେବ ସୂର୍ଯ୍ୟମନ୍ଦିର ପ୍ରବେଶପଥ ମୁଖ୍ୟ ରାସ୍ତାରେ ବେଆଇନ ଭାବେ ଜବରଦଖଲ କରି ବ୍ୟବସାୟୀମାନେ ବ୍ୟବସାୟ କରିବା ଯୋଗୁଁ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସୁଥିବା ହଜାର ହଜାର ସଂଖ୍ୟାରେ ଦେଶବିଦେଶ ପର୍ଯ୍ୟଟକଙ୍କ ସହ ଭିଆଇପିମାନଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଥିଲା। ଏନେଇ ବିଭିନ୍ନ ସମୟରେ ମଝିରାସ୍ତାରୁ ଜବରଦଖଲ ହଟାଇବା ପାଇଁ ଦାବି ହେବା ସତ୍ତ୍ୱେ କୋଣାର୍କ ଏନଏସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ମାତ୍ର ଆସନ୍ତା ୩ତାରିଖ ଠାରୁ ପୁରୀ ଠାରେ ଆନ୍ତର୍ଜାତୀୟ ବ୍ରିକ୍ସ ରାଷ୍ଟ୍ର ସମୂହ ସମ୍ମିଳନୀ ହେବାକୁ ଥିବାରୁ ବିଭିନ୍ନ ଦେଶର ରାଷ୍ଟ୍ର ମୁଖ୍ୟ ଙ୍କ ସହ ପ୍ରତିନିଧିମାନେ ଯୋଗ ଦେବାର ଥିବାରୁ ଓ ଏହି ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଓ ପ୍ରତିନିଧି ମାନେ ଚନ୍ଦ୍ରଭାଗା ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିବାର କାର୍ଯ୍ୟକ୍ରମ ରହିଥିବାରୁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ସୂର୍ଯ୍ୟମନ୍ଦିର ମୁଖ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ଗୋପ ଅତିରିକ୍ତ ତହସିଲଦାର ସତ୍ୟଜିତ ନାୟକ, କୋଣାର୍କ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନାଙ୍କ ଉପସ୍ଥିତିରେ କୋଣାର୍କ ଥାନା ଏସଆଇ କେଦାର ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଉଚ୍ଛେଦ କରାଯାଇଥିଲା।

# ଦୁଇଜଣଙ୍କୁ ହାଣିଦେଇଥିବା ଅଭିଯୁକ୍ତକୁ ଜେଲ୍ ଦଣ୍ଡାଦେଶ

**ନୟାହାଟ,୨୬/ଏନ୍ଏନ୍ଏସ୍:** ଦୁଇଜଣଙ୍କୁ ଆକ୍ରମଣକରି ହାଣିଥିବା ଜନୈକ ବ୍ୟକ୍ତି ଅଶୋକ ଭୋଇକୁ ଗିରଫ କରିବା ପାଇଁ ନୟାହାଟ ଫାଣ୍ଡି ଆଗରେ କନ୍ତିଲା ଗ୍ରାମବାସୀ ଧାରଣା ଦେବା ପରେ ଅଭିଯୁକ୍ତକୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ପ୍ରକାଶ ଯେ, କନ୍ତିଲା ଗ୍ରାମରେ ମାଛ ପୋଖରୀକୁ କେନ୍ଦ୍ରକରି ଅଶୋକ ଭୋଇ ଓ ଗ୍ରାମବାସୀ ମଧ୍ୟରେ ବିବାଦ ଦେଖାଯାଇଥିଲା। ଉଭୟପକ୍ଷର ଗଣ୍ଡଗୋଳ ଘଟି ତିନି ଜଣ ଆହତ ହୋଇଥିବା ବେଳେ ଆରତ ଭୋଇ ଓ ତାଙ୍କ ବୋଉ ବିଦୁଲତା ଭୋଇଙ୍କୁ ହାଣି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଗୋପ ଥାନାରେ କେସ ରୁଜୁ କରାଯାଇଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଗୋପରେ ଅଶୋକ ବୁଲୁଥିବା ଖବର ପାଇ ତାକୁ ଗିରଫକରି କୋଣାର୍କ କୋର୍ଟକୁ ଚାଲାଣ କରିଥିଲେ। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଆଶୋକକୁ ଜେଲ୍ ହାଜତକୁ ପଠାଯାଇଛି।

# ଅଗଷ୍ଟ ୨୧ରୁ ୨୩ 'ସମାଧାନ ସମାରୋହ'

**ପୁରୀ,୨୬/ଏନ୍ଏନ୍ଏସ୍:** ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ୱତନ୍ତ୍ର ଲୋକ ଅଦାଲତ 'ସମାଧାନ ସମାରୋହ' ଆସନ୍ତା ଅଗଷ୍ଟ ୨୧, ୨୨ ଏବଂ ୨୩ ତାରିଖରେ ଅନୁଷ୍ଠିତ ହେବ। ଉପରୋକ୍ତ ସମାଧାନ ସମାରୋହରେ ନିମ୍ନ ଲିଖିତ ମାମଲା ଗୁଡିକର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯିବାର ବ୍ୟବସ୍ଥା କରାଯାଇଛି। ବୈବାହିକ ବିବାଦ, ମୋଟରଯାନ ଜନିତ ଦୁର୍ଘଟଣା ମାମଲା, ଚେକ୍ ବାଉନ୍ସ ମାମଲା, ଜମି ଅଧିଗ୍ରହଣ ମାମଲା, ରଫାଯୋଗ୍ୟ ଫୌଜଧାରୀ ମାମଲା, ଶ୍ରମ ବିବାଦ, ଅପୋଷ ସହମତିରେ ସମାଧାନ ଯୋଗ୍ୟ ଅନ୍ୟାନ୍ୟ ଉପଯୁକ୍ତ ମାମଲା। ସମାଧାନ ସମାରୋହ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଗୁଡିକ ହେଲା ଉପରୋକ୍ତ ଲୋକ ଅଦାଲତରେ ନିଜର ମାମଲାର ସମାଧାନ ପାଇଁ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ୱେବ୍‌ସାଇଟ ମାଧ୍ୟମରେ ଉପଲବ୍ଧ ଗୁଗୁଲ ଫର୍ମ ପୂରଣ କରି ଅନୁରୋଧ କରିବେ। ଏହା ଏକ ସ୍ୱେଚ୍ଛାକୃତ ପ୍ରକ୍ରିୟା ଅଟେ ଏବଂ ମାମଲା ଗୁଡିକର ସମାଧାନ ଉଭୟପକ୍ଷଙ୍କ ସହମତି ଭିତ୍ତିରେ ହୋଇପାରିବ। ଉଭୟପକ୍ଷଙ୍କ ସହମତି ପାଇଁ ଲୋକଅଦାଲତ ପୂର୍ବରୁ ପ୍ରଶିକ୍ଷିତ ମଧ୍ୟସ୍ଥଙ୍କ ଦ୍ୱାରା ଜିଲ୍ଲା ଆଇନ ସେବା ପ୍ରାଧିକରଣ କିମ୍ବା ତାଲୁକ ଆଇନ ସେବା ସମିତିରେ ଏକ ମଧ୍ୟସ୍ଥତା ଅଧିବେଶନର ଆୟୋଜନ କରାଯିବ। ପକ୍ଷମାନେ ସିଧାସଳଖ କିମ୍ବା ସେମାନଙ୍କ ଅଧିବକ୍ତାଙ୍କ ମାଧ୍ୟମରେ ଆଭାଷୀ ଦ୍ୱାରା ଅଂଶଗ୍ରହଣ କରିପାରିବେ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ପୁରୀର ସମ୍ମୁଖ ଅଫିସରେ ଫୋନ ନମ୍ବର ୦୬୭୫୨-୨୨୪୧୩୩ ଏବଂ ଜାତୀୟ ନିଶୁଳ୍କ ସେବା ଟୋଲ ଫ୍ରୀ ଫୋନ ନମ୍ବର ୧୫୧୦୦ ରେ ଯୋଗାଯୋଗ କରିବାକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଯୋଗାଯୋଗ ଫୋନ ନମ୍ବର-୦୬୭୫୨-୨୨୪୧୩୩ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଟେଟ୍ରାହେଡ୍ରେନ୍ ଏଜୁକେସ୍‌ନାଲ୍ ଟ୍ରଷ୍ଟର ରକ୍ତଦାନ ଶିବିର



**ଟାଙ୍ଗୀ,୨୬/ଏନ୍ଏନ୍ଏସ୍:** ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତର ଅଭାବ ଦେଖାଦେଇଥିବା ବେଳେ ଏହାକୁ ଦୂର କରିବା ପାଇଁ ଟେଟ୍ରାହେଡ୍ରେନ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତର ଭଗତପୁର କଲ୍ୟାଣ ମଣ୍ଡପରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଦିନକୁ ଦିନ ରକ୍ତ ସଙ୍କଟ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଟେଟ୍ରାହେଡ୍ରେନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ସ୍‌ର ଅଧକ୍ଷ ତ୍ରିଦେବ ବେହେରା ଏବଂ ତାଙ୍କ ଧର୍ମପତ୍ନୀ ତଥା କେନ୍ଦ୍ରୀୟ ରକ୍ତ ଭଣ୍ଡାର ରେଡକ୍ରସର କଟକ ଜିଲ୍ଲା ସଂଯୋଜିକା ଡ଼. ସସ୍ମିତା ପଟ୍ଟନାୟକ ରକ୍ତସଙ୍କଟ ଦୂରୀକରଣ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଶିବିରରେ କଟକ ରେଡକ୍ରସ ପକ୍ଷରୁ ଅଭିଜ୍ଞ ଡାକ୍ତରୀ ଦଳ ଯୋଗଦେଇ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ମୋଟ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ସ୍ୱେଚ୍ଛାକୃତ ଭାବେ ରକ୍ତଦାନକରି ଉତ୍କୃଷ୍ଟ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ଏମ୍‌ବିବିଏସ୍ କ୍ରିକେଟ କ୍ଲବ ଏବଂ ମା' ଦୁର୍ଗା ନାଟ୍ୟକଳା ପରିଷଦ, ଭଗତପୁରର ଯୁବକମାନଙ୍କ ସହଯୋଗରେ ଏହି ଶିବିର ସଫଳତାର ସହ ଆୟୋଜିତ ହୋଇଥିବା ବେଳେ କ୍ଲବର ମୁଖ୍ୟ ବିଶ୍ୱଜିତ୍ ଅଞ୍ଚଳଙ୍କ ପରିଚାଳନାରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଦୀନବନ୍ଧୁ ନାଥ, ହିମାଂଶୁ କୁମାର ସାହୁ, ରବିନାରାୟଣ ପଣ୍ଡା, ପପୁ ଅଞ୍ଚଳ, ସନ୍ଦୀପ ଜେଠୀ, ସୁକାନ୍ତ ମହାରଣା, ଶୁଭମ ବେଜ, ସନ୍ତୋଷ କୁମାର ସାହୁ, ପ୍ରଦୀପ୍ତ ସ୍ୱାଇଁ ଏବଂ ଚୌଧୁରୀ ମାନସ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ରକ୍ତ ସଙ୍କଟ ଦୂର କରିବା ପାଇଁ ଏଭଳି ରକ୍ତଦାନ ଅଭିଯାନକୁ ଆହୁରି ବ୍ୟାପକ କରାଯିବ ବୋଲି ଡ଼. ସସ୍ମିତା ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର



**ଖୋର୍ଦ୍ଧା,୨୬/ଏନ୍ଏନ୍ଏସ୍:** ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ପାରମାଣିକସ୍ମିତ୍ ପୁରୁଷୋତ୍ତମ ଦାସଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧାସଂକଳ୍ପ ସ୍ୱସ୍ତିକ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀତପା ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୮୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା। ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୪ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ଋତୁରାଜ ଚିକିତ୍ସା ନିମନ୍ତେ କୁମାଣ୍ଡୋଳା ଗ୍ରାମ ପଞ୍ଚାୟତ, ବାଣପୁର ବ୍ଲକର ଅଭିଯୋଗକାରୀ ମଞ୍ଜୁ ବେହେରାଙ୍କୁ କର୍କଟରୋଗ ଚିକିତ୍ସା ନିମନ୍ତେ ୧୫ହଜାର ଏବଂ ଗୁରୁଜଙ୍ଗ ଗ୍ରାମ ପଞ୍ଚାୟତ, ଖୋର୍ଦ୍ଧା ବ୍ଲକର ଛବି ଦାସଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ୧୫ହଜାରକୁ ନେଇ ମୋଟ ୩୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗଗୁଡ଼ିକୁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ବିଡିଓ, ତହସିଲଦାର, ଜନପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

OIPR-24001/24019/3/26-27/0001 24001/204/2627

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗିର
## (ରାସ୍ତା ଓ ନିର୍ମାଣ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ନମ୍ବର : ୨୭୧ ତାରିଖ : ୩୦.୦୪.୨୦୨୬

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବଲାଙ୍ଗିର ଜିଲ୍ଲାର ବଲାଙ୍ଗିରର ବାଇପାସ୍ ରାସ୍ତା (ପଶ୍ଚିମ ପାର୍ଶ୍ୱ) ନିର୍ମାଣ ୦/୦ କିଲୋମିଟର ରୁ ୧୨/୮୦୦ କିମି ପର୍ଯ୍ୟନ୍ତ। ନିର୍ମାଣ ନିମନ୍ତେ ମୌଜା-ଧୁମାମରା, ଥାନା-ବଲାଙ୍ଗିର ନଂ-୧୫୯, ତହସିଲ-ବଲାଙ୍ଗିର, ଜିଲ୍ଲା-ବଲାଙ୍ଗିରରେ ନିମ୍ନ ତଫସିଲ ମତେ ପ୍ରାୟ ଏ:୦.୧୪୦୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ : ବଲାଙ୍ଗିର ର ବାଇପାସ୍ ରାସ୍ତା (ପଶ୍ଚିମ ପାର୍ଶ୍ୱ) ନିର୍ମାଣ ୦/୦ କିଲୋମିଟର ରୁ ୧୨/୮୦୦ କିମି ପର୍ଯ୍ୟନ୍ତ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ : କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ବଲାଙ୍ଗିର, ସାର୍ବଜନୀନ କାର୍ଯ୍ୟ ବିଭାଗ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତା କାରଣ : Construction of Bypass road , ବଲାଙ୍ଗିରର ବାଇପାସ୍ ରାସ୍ତା (ପଶ୍ଚିମ ପାର୍ଶ୍ୱ) ନିର୍ମାଣ ୦/୦ କିଲୋମିଟର ରୁ ୧୨/୮୦୦ କିମି ପର୍ଯ୍ୟନ୍ତ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଏଥି ସହିତ ସଂଲଗ୍ନ କରାଯାଇଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବଲାଙ୍ଗିର।
୬. ଜମିର ବିବରଣୀ : ଏଥି ସହିତ ଜମି ସଂଲଗ୍ନ କରାଯାଇଛି।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ବଲାଙ୍ଗିର ବାଇପାସ୍ ରାସ୍ତା (ପଶ୍ଚିମ ପାର୍ଶ୍ୱ) ନିର୍ମାଣ ୦/୦ କିଲୋମିଟର ରୁ ୧୨/୮୦୦ କିମି ପର୍ଯ୍ୟନ୍ତ। ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗିର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗୀତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗିର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, ବଲାଙ୍ଗିର

**Form-H**
**(See rule 3 of Odisha Right to Fair Compensation and Transparency in Land Acquisition, Rehabilitation and Resettlement Rules,2015)**
**Government of Odisha**
**Revenue & Disaster Management Department**
**Preliminary Notification**

No. 271 Date: 30.04.2026

Whereas it appears to the Government of Odisha that a total of 0.5870 acre land details of which have been given below, is required to be arquired for **Construction of Bypass road (west side) Balangir from 0/0 Km to 12/800 Km - Construction of Bypass Road Balangir** purpose. This notification is here by given for information of the general public. Any person interested in any land which is notified hereunder may, within sixty day from the date of publication of this notificatio, object to the area and suitability of land proposed to be arquired, justification offered for public purpose and the findings of the Social Impact Assessment report to the Collector in writing.

1. Nature of the public purpose : Construction of Bypass road Balangir, under Construction of Bypass road (west side) Balangir from 0/0 Km to 12/800 Km.
2. Name of the Requiring Body : Office of SE, Balangir (R&B) Division
3. Reason necessitating the displacement of affected persons : Construction of Bypass road to divert heavy traffic of NH-06
4. Summary of the Social Impact Assinssment (SIA) Report : As attached As attached
5. Particulars of the Administrator appointed for the pupose of rehabilitation and resettlement : Sub-Collector, Balangir
6. Land Details : As attached

No. person shall make any transaction or cause any transaction of land specified in this preliminary notification or create any encumbrance on such land from the date of publication of this notification with prior approval of the District Collector.

Objections to the acquisition, if any may be filed by the person interested within 60 (Sixty) days from the date of publication of this notification as provide under section 15 of the Right to Fair Compensation and Transparency in Land Acquisition, Rehabilitation and Resettlement Act, 2013 before the District Collector.

By order of the Governor
Sd/- Collector, Balangir
Authorised Officer
Revenue & Disaster Management Department

### ଖତିୟାନ କପି

ଜିଲ୍ଲା-ବଲାଙ୍ଗିର, ତହସିଲ-ବଲାଙ୍ଗିର, ରାଜସ୍ୱ ସର୍କଲ-ଚନ୍ଦନଭାଟି,
ମୌଜା - ସଦାଇପାଲି, ଥାନା-ବଲାଙ୍ଗିର, ଥାନା ନଂ-୧୬୦

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା (ଏକର ପ୍ରତି) | ପ୍ରଜାଙ୍କ ନାମ, ପିତାର ନାମ ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧. | ୧୫୯/୫୩୩ | ୫୦/୧୦୯୦ | ମାଲ ମାମୁଲି | ୦.୬୬୦ | ୦.୦୮୯ | ଅଭିମନ୍ୟୁ ମୁଣ୍ଡା, ସୁଧାଂଶୁ ମୁଣ୍ଡା ଗୌରୀ ମୁଣ୍ଡା, ସୁଭାଷିଣି ମୁଣ୍ଡା ପିତା-ରାଧୁଧର ମୁଣ୍ଡା, ଜାତି-ମୁଣ୍ଡା, ବା-ଲର୍ଡପାଲି |
| ୨. | ୧୫୯/୫୩୩ | ୫୦/୧୦୯୧ | ବେର୍ଣ୍ଣ ମାମୁଲି | ୦.୧୦୦ | ୦.୦୦୫ | |
| ୩. | ୧୫୯/୫୩୩ | ୨୭/୧୦୮୮ | ଅଟ ମାମୁଲି | ୧.୧୦୦ | ୦.୪୯୩ | |
| ମୋଟ ଅର୍ଜନ ରକବା | | | | | ୦.୫୮୭ | |

LARRMS Portal ଜରିଆରେ ଦିଆଯାଇଥିବା ସର୍ବମୋଟ ୦୫ (ପାଞ୍ଚ) ଗୋଟି ପ୍ଲଟ ରୁ ରକବା ଏ.୦.୯୯୧ ଡି. ମଧ୍ୟରୁ ୦୨ (ଦୁଇ) ଗୋଟି ପ୍ଲଟରୁ ରକବା ଏ.୦.୪୦୪ଡି. ଦ୍ୱିପାକ୍ଷିକ ବୁଝାମଣା ମାଧ୍ୟମରେ ସିଧାସଳଖ କ୍ରୟ କରାଯାଇଥିବାରୁ ସେଗୁଡ଼ିକୁ ଏଥିରୁ ବାଦ୍ ଦିଆଗଲା।

### ଖତିୟାନ କପି

ଜିଲ୍ଲା-ବଲାଙ୍ଗିର, ତହସିଲ-ବଲାଙ୍ଗିର, ରାଜସ୍ୱ ସର୍କଲ-ଚନ୍ଦନଭାଟି,
ମୌଜା - ଧୁମାମରା, ଥାନା-ବଲାଙ୍ଗିର, ଥାନା ନଂ-୧୫୯

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା (ଏକର ପ୍ରତି) | ପ୍ରଜାଙ୍କ ନାମ, ପିତାର ନାମ ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧. | ୧୧୧/୨୯୬ | ୫୯୭/୮୨୭ | ବାହାଲ ପାଣି ଦୁଇ | ୩.୧୬୦ | ୦.୫୪୭ | ଅମିତା ଝା, ସ୍ୱାମୀ-ବିଶ୍ୱନାଥ ଝା, ଜାତି-ବ୍ରାହ୍ମଣ, ବା-ରାମେଶ୍ୱର ନଗର, ବଲାଙ୍ଗିର |
| ୨. | ୧୧୧/୩୦ | ୨୯୩ | ବାହାଲ ମାମୁଲି | ୧.୧୬୦ | ୦.୦୦୬ | ବାସୁ ଚନ୍ଦ୍ରମଣି ରାଉତ, ପିତା-ବିଶ୍ୱମ୍ଭର ରାଉତ, ଜାତି-ଅଘରିଆ, ବା-ଲର୍ଡପାଲି |
| ୩. | ୧୧୧/୧୦୮୨ | ୨୫୭/୮୨୪ ୧୨୩୧ | ଅଟ ମାମୁଲି | ୦.୦୮୦ | ୦.୦୮୦ | ମିନାକ୍ଷି ପଣ୍ଡା, ସ୍ୱାମୀ-ସୁଶାନ୍ତ କୁମାର ପଣ୍ଡା ଜାତି-ବ୍ରାହ୍ମଣ, ବା-ଟିକ୍କା ପଡା, ବଲାଙ୍ଗିର |
| ମୋଟ ଅର୍ଜନ ରକବା | | | | | ୦.୬୩୩ | |

LARRMS Portal ଜରିଆରେ ଦିଆଯାଇଥିବା ସର୍ବମୋଟ ୦୩ (ତିନି) ଗୋଟି ପ୍ଲଟ ରୁ ରକବା ଏ.୦.୬୩୩ ଡି. ମଧ୍ୟରୁ କୌଣସିଟା ଦ୍ୱିପାକ୍ଷିକ ବୁଝାମଣା ମାଧ୍ୟମରେ ସିଧାସଳଖ କ୍ରୟ କରାଯାଇଥିବାରୁ ସେଗୁଡ଼ିକୁ ଏଥିରୁ ବାଦ୍ ଯାଇନାହିଁ।

### ଖତିୟାନ କପି

ଜିଲ୍ଲା-ବଲାଙ୍ଗିର, ତହସିଲ-ବଲାଙ୍ଗିର, ରାଜସ୍ୱ ସର୍କଲ-ଚନ୍ଦନଭାଟି,
ମୌଜା - ଧୁମାମରା, ଥାନା-ବଲାଙ୍ଗିର, ଥାନା ନଂ-୧୫୯

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା (ଏକର ପ୍ରତି) | ପ୍ରଜାଙ୍କ ନାମ, ପିତାର ନାମ ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧. | ୧୧୧/୫୬୨ | ୨୫୮/ ୧୩୯୩ | ଘରବାରି | ୦.୦୫୦ | ୦.୦୫୦ | ଶୁଭସ୍ମିତା ମିଶ୍ର, ପିତା-ସଚ୍ଚିଦାନନ୍ଦ ମିଶ୍ର ଜାତି-ବ୍ରାହ୍ମଣ, ବା-କୁବ ପଡା, ବଲାଙ୍ଗିର |
| ୨. | ୧୧୧/୩୯୩ | ୫୯୩/ ୧୨୦୪ | ଘରବାରି | ୦.୦୯୦ | ୦.୦୯୦ | ନୀଳମଣି ମହାନନ୍ଦିଆ, ପିତା-ସିଦ୍ଧେଶ୍ୱର ମହାନନ୍ଦିଆ, ଜାତି-ଗଣ୍ଡ, ବା-କଲେଜ ଛକ, ବଲାଙ୍ଗିର |
| ମୋଟ ଅର୍ଜନ ରକବା | | | | | ୦.୧୪୦ | |

LARRMS Portal ଜରିଆରେ ଦିଆଯାଇଥିବା ସର୍ବମୋଟ ୦୨ (ଦୁଇ) ଗୋଟି ପ୍ଲଟ ରୁ ରକବା ଏ.୦.୧୪୦ ଡି. ମଧ୍ୟରୁ କୌଣସିଟା ଦ୍ୱିପାକ୍ଷିକ ବୁଝାମଣା ମାଧ୍ୟମରେ ସିଧାସଳଖ କ୍ରୟ କରାଯାଇ ନଥିବାରୁ ସେଗୁଡ଼ିକୁ ଏଥିରୁ ବାଦ୍ ଯାଇନାହିଁ।

| Sd/- Junior Engineer Balangir R&B Section-IV | Sd/- Executive Engineer Balangir (R&B) Sub-Division No.II | Sd/- Superintending Engineer Balangir (R&B) Division | Sd/- R.I.L.A. Section Balangir | Sd/- Land Acquisition Officer Collectorate, Balangir |
|---|---|---|---|---|

# ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ସଚେତନତା ପଦଯାତ୍ରା



**ନବରଙ୍ଗପୁର,୨୬/ଏନ୍ଏନ୍ଏସ୍:** ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ନବରଙ୍ଗପୁର ସହରରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ବ୍ଲକ୍ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏଥିରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ପଦଯାତ୍ରା ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, ମଡେଲ୍ ଡିଗ୍ରୀ କଲେଜ, ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବହୁ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ହାତରେ ସଚେତନତା ପ୍ଲାକାର୍ଡ ଓ ବ୍ୟାନର୍ ଧରି ଏସ୍ଆଇଆର୍ ପ୍ରକ୍ରିୟାରେ ସାମିଲ୍ ହେବା ପାଇଁ ସ୍ଲୋଗାନ୍ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ

### ୪ରେ କେରଳମ୍ ଛୁଇଁବ ...

ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ରେକର୍ଡ କରାଯାଇଛି। ତଥାପି ମୌସୁମୀ ସଂପୂର୍ଣ୍ଣ ଭାବେ କେରଳମ୍‌ରେ ନିଜର ଉପସ୍ଥିତି ଜାହିର କରିପାରିନାହିଁ। ମୌସୁମୀ କେରଳମ୍‌ରେ ପହଞ୍ଚିବାକୁ ବିଳମ୍ବ ହେଉଥିବା ବେଳେ ଚଳିତ ବର୍ଷ ସ୍ୱାଭାବିକ ଠାରୁ କମ ବର୍ଷା ହେବ ବୋଲି ମଧ୍ୟ ଆଇଏମ୍‌ଡି କହିଛି।

### ଅଜା ଦୋକାନରେ ନାତି ...

ହୋଇଯାଇଥିବା ଜଣାଯାଇଛି। ଘଟଣା ସ୍ଥଳରେ ସୋରଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲାବେଳେ ସୋରଡା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

### ମା' ହେଲା ଜିନ୍ନତ ...

ମହାରାଷ୍ଟ୍ରର ତଡ଼ବା ଅନ୍ଧେରୀ ଅଭୟାରଣ୍ୟରୁ ଶିମିଳିପାଳକୁ ଆସିଥିଲା। ସେତେବେଳେ ୩ ବର୍ଷର ତରୁଣୀ ଥିଲା 'ଜିନ୍ନତ୍'। ଗତବର୍ଷ ଶିମିଳିପାଳରୁ ବାହାରି ଝାଡଖଣ୍ଡ ଦେଇ ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାର ବାନ୍ଧ୍ୱାନ ଜଙ୍ଗଲକୁ ପଳାଇଥିଲା। ପରେ ପଶ୍ଚିମବଙ୍ଗ ବନ ବିଭାଗର ସହଯୋଗରେ ଓଡ଼ିଶା ବନ ବିଭାଗ ଗତବର୍ଷ ଜାନୁଆରୀ ପହିଲାରେ 'ଜିନ୍ନତ'କୁ ଉଦ୍ଧାର କରି ଶିମିଳିପାଳ ଆଣିଥିଲେ। ଏହା ପରଠାରୁ ଜିନ୍ନତକୁ ପ୍ରଥମେ ସଫ୍ଟ ଏନକ୍ଲୋଜର, ତାପରେ ବଡ଼ ଏନକ୍ଲୋଜରରେ ରଖାଯିବା ପରେ ମେ' ମାସରେ ପୁଣି ଥରେ ଜଙ୍ଗଲକୁ ଛଡାଯାଇଥିଲା। ଏବେ ସେ ମା' ହୋଇଛି।

### ପୁଣି ବଢ଼ିଲା ଘରୋଇ ...

କିଲୋମିଟର ପିଛା ୯୪ ପଇସା ଥିଲା ବେଳେ ଏବେ ୯୬ ପଇସାକୁ ବୃଦ୍ଧି ପାଇଛି। ଡିଲକ୍ସ ବସ୍‌ର ଭଡ଼ା ପୂର୍ବରୁ କିଲୋମିଟର ପିଛା ୧୩୧ ପଇସା ଥିବା ବେଳେ ଏବେ ୪ ପଇସା ବଢ଼ି ୧୩୫ ପଇସାରେ ପହଞ୍ଚିଛି। ଏସି ଡିଲକ୍ସ ବସ୍ ଭଡ଼ା ମଧ୍ୟ ବୃଦ୍ଧି ପାଇଛି। ପୂର୍ବରୁ ଏହି ବର୍ଗର ବସ୍ ସେବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୧୫୯ ପଇସା ଦେବାକୁ ପଡୁଥିବା ବେଳେ ଏବେ ୧୬୩ ପଇସାକୁ ଦେବାକୁ ହେବ। ଅର୍ଥାତ୍ ଏହି ବସ୍‌ର ଭଡ଼ା ମଧ୍ୟ କିମି ପିଛା ୪ ପଇସା ବଢ଼ିଛି। ସୁପର ଡିଲକ୍ସ ବସ୍ ଭଡ଼ା କିଲୋମିଟର ପିଛା ୬ ପଇସା ବଢ଼ିଛି। ପୂର୍ବରୁ ଏହି ବର୍ଗର ବସ୍‌ରେ ଯାତ୍ରା କରିବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୨୪୭ ପଇସା ଦେବାକୁ ପଡୁଥିଲା। ଏବେ ସେମାନଙ୍କୁ କିମି ପିଛା ୨୫୩ ପଇସା ଦେବାକୁ ପଡ଼ିବ। ଡିଜେଲ୍ ଦର ବୃଦ୍ଧି ଯୋଗୁଁ ଅଟୋମେଟିକ ମେକାନିଜିମ ପ୍ରକ୍ରିୟାରେ ବସ ଭଡ଼ା ବୃଦ୍ଧି ନେଇ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ନିକଟରେ ରାଜ୍ୟ ଘରୋଇ ବସ ମାଲିକ ସଂଘ ତରଫରୁ ବସ ଭଡ଼ା ବୃଦ୍ଧି କରିବା ପାଇଁ ସରକାରଙ୍କୁ ୧୦ ଦିନିଆ ଡେଡଲାଇନ୍ ଦିଆଯାଇଥିଲା। ଡେଡଲାଇନ୍ ମଧ୍ୟରେ ବସ୍ ଭଡ଼ା ନବଢ଼ିଲେ ବସ୍ ଚଳାଚଳ ବନ୍ଦ ନେଇ ଚେତାବନୀ ଦେଇଥିଲା ସଂଘ।

### ଅଣ୍ଡରୱେଟ୍ ଶିଶୁଙ୍କ ...

ଦିଆଯିବ। ରାଜ୍ୟର ପ୍ରାୟ ୩୫,୦୦୦ ଅତିଶୟ କମ୍ ଓଜନର ଶିଶୁ ଏହି ସୁବିଧାର ସିଧାସଳଖ ଲାଭ ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦.୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବେ। ଅନୁରୂପ ଭାବେ, ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରାକ୍-ବିଦ୍ୟାଳୟ ଶିଶୁ (୩ ବର୍ଷରୁ ୬ ବର୍ଷ ବୟସ)ମାନଙ୍କ ସକାଳ ଜଳଖିଆ ବାବଦକୁ ଦୈନିକ ଖର୍ଚ୍ଚ ୧.୨୪ ଟଙ୍କାକୁ ବୃଦ୍ଧି କରାଯାଇ ୩.୫୬ ଟଙ୍କା କରାଯାଇଛି। ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ସକାଳ ଜଳଖିଆ ବାବଦକୁ ସରକାର ନିଜସ୍ୱ ବଜେଟ୍‌ରୁ ବାର୍ଷିକ ପ୍ରାୟ ୧୨୬.୮୩ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବେ।

### ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ...

ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟସ୍ତରରେ ସ୍ୱୀକୃତି ମିଳିଛି। ଏତଦ୍‌ବ୍ୟତୀତ, ମ୍ୟାକ୍ସିମମ ଭେଣ୍ଡର ରେଜିଷ୍ଟ୍ରେସନ' ବର୍ଗରେ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସଂକଳ୍ପବଦ୍ଧ ଏବଂ ଏହି ସଫଳତା ଆଗାମୀ ଦିନରେ ରାଜ୍ୟର ଶକ୍ତି କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ସହ ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନରେ ମୂଳଦୁଆ ପକାଇବ।

### ବଦଳିଲେ ସିବିଏସ୍ଇ ...

ଏହାକୁ ନେଇ ଛାତ୍ରଛାତ୍ରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରକାଶ, ମେ ୧୩ରେ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀର ରେଜଲ୍ଟ ପ୍ରକାଶ କରିଥିଲା। ଏଥର ପ୍ରଥମ ଥର ପାଇଁ ଖାତାଗୁଡ଼ିକ କମ୍ପ୍ୟୁଟର ସ୍କ୍ରିନ୍ (ଓଏସ୍ଏମ୍ ସର୍ଭିସ) ମାଧ୍ୟମରେ ଯାଞ୍ଚ କରାଯାଇଥିଲା। ରେଜଲ୍ଟ ଆସିବା ପରେ ଅନେକ ଛାତ୍ରଛାତ୍ରୀ ମାର୍କକୁ ନେଇ ଅଭିଯୋଗ କରିଥିଲେ, ଯାହା ପରେ ଏହି ସମଗ୍ର ମାମଲାର ଯାଞ୍ଚ ଆରମ୍ଭ କରାଯାଇଛି। ଅନ୍ୟପକ୍ଷେ ଓଏସ୍ଏମ୍ ବ୍ୟବସ୍ଥାରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ କରିଥିବା ୧୨ଶ ଶ୍ରେଣୀର ଛାତ୍ର ସାର୍ଥକ ସିଦ୍ଧାନ୍ତ (୧୭ବର୍ଷ) ଆଜି ଅପରାହ୍ନ ୧ଟା ସମୟରେ ସଂସଦର ସ୍ଥାୟୀ କମିଟି ସମ୍ମୁଖରେ ହାଜର ହୋଇଥିଲେ। କୌଣସି ମାମଲାରେ ଜଣେ ଛାତ୍ରଙ୍କୁ ନିଜର ପକ୍ଷ ରଖିବା ପାଇଁ ଡକାଯିବା ଏହା ପ୍ରଥମ ଘଟଣା ଅଟେ।

### 'ରୁଦ୍ରମ୍-୨'ର ସଫଳ ...

ଆକ୍ରମଣରୁ ବଞ୍ଚିବା ସହଜ ହେବନାହିଁ। ମୋଟାମୋଟି ରୁଦ୍ରମ୍-୨" ଶତ୍ରୁର ଏୟାର ଡିଫେନ୍ସ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ବିବେଚନା କରାଯାଉଛି, କାରଣ ରାଡାର୍ ନଷ୍ଟ ହେବା ମାତ୍ରେ ଶତ୍ରୁର ନଜର ରଖିବା ଏବଂ ସତର୍କ ସୂଚନା ଦେବାର କ୍ଷମତା ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଏ।

# ମଣ୍ଡିରୁ ଉଠୁନି ଧାନ, ରାଜରାସ୍ତାରେ ଚାଷୀ

## ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକ



**ଭବାନୀପାଟଣା,୨୬/ଏନ୍ଏନ୍ଏସ୍:** କଳାହାଣ୍ଡିରେ ପୁଣି ରାଜରାସ୍ତାରେ ଚାଷୀ। ଗତ ମାସ ୨୦ ତାରିଖରେ ମଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ଧାନ ଉଠୁନାହିଁ। କଟ୍‌ନୀ ଛଟ୍‌ନୀ ଓ ଧାନ ଉଠେଇବାରେ ଅହେତୁକ ବିଳମ୍ବକୁ ବିରୋଧ କରି କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍‌ର କୁଟ୍ରୁ ଛକରେ ଚାଷୀ ରାସ୍ତାରୋକ କରିଛନ୍ତି। ରବି ଧାନ ସଂଗ୍ରହରେ ବ୍ୟାପକ ଅବ୍ୟବସ୍ଥା ଓ ମିଲର୍‌ଙ୍କ ମନମୁଖୀ ପ୍ରତିବାଦରେ କୁଟ୍ରୁ ପ୍ୟାକ୍ସର ଶତାଧିକ ଚାଷୀ ଜୟପାଟଣା-ମୋଟେର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଭବାନୀପାଟଣା, ଜୟପୁର ଓ ଜୟପାଟଣା ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଥିଲା।

କଳାହାଣ୍ଡି ଜିଲ୍ଲାରେ ରବି ଧାନ କିଣାରେ ଦେଖାଦେଇଥିବା ମଣ୍ଡିରେ ଅବ୍ୟବସ୍ଥା ଏବେ ଚାଷୀଙ୍କୁ ଆନ୍ଦୋଳନ ପାଇଁ ବାଧ୍ୟ କରୁଥିବା ଜଣାପଡ଼ିଛି। ଚାଷୀଙ୍କ ପାଖରେ ଟୋକନ୍ ଥିଲେ ମଧ୍ୟ ମଣ୍ଡିରୁ ଧାନ ଉଠୁନଥିବାବେଳେ ମିଲର୍‌ମାନେ ସରକାରୀ ନିୟମକୁ ବେଖାତିର୍ କରି ନିଜ ଇଚ୍ଛା ମୁତାବକ ଚାଷୀଙ୍କଠାରେ କଟ୍‌ନୀ ଛଟ୍‌ନୀ ଫିକ୍ସ କରୁଥିବା ନେଇ ଚାଷୀମାନେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଦୀର୍ଘ ଦିନ ଧରି ମଣ୍ଡିରେ ଖୋଲା ଆକାଶ ତଳେ ଧାନ ପଡ଼ିରହିବା ଏବଂ ଅଦିନିଆ ବର୍ଷା ଯୋଗୁ ଧାନ ନଷ୍ଟ ହେବାରେ ଲାଗିଛି। ଚାଷୀ ଋଣ ବୋଝ ଯୋଗୁ ଗୁରୁତର ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ପାଖରେ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେଥିପାଇଁ ବାଧ୍ୟହୋଇ ରାସ୍ତାରୋକ କରିଛନ୍ତି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ ଗତ ୨୦ ତାରିଖରୁ ଜିଲ୍ଲାରେ ଧାନ ମଣ୍ଡି ଆରମ୍ଭ ହୋଇଥିଲା। ଚାଷୀଙ୍କୁ ମଣ୍ଡିକୁ ଧାନ ଆଣିବାକୁ କୁହାଗଲା। ତେବେ କ୍ୱିଣ୍ଟାଲ୍ ପିଛା ୭ କେଜି କଟ୍‌ନୀ କରିବାକୁ ମିଲର୍ସ ଏଜେଣ୍ଟ ଜିଦ୍ ଧରିଥିଲେ ଏବଂ ଚାଷୀ ରାଜି ନହେବାରୁ ଧାନ ଉଠେଇ ନଥିବା ଚାଷୀ ଅଭିଯୋଗ କରିଛନ୍ତି। ତେବେ ବାରମ୍ବାର ଅଭିଯୋଗ ଓ ଅନୁରୋଧ ସତ୍ତ୍ୱେ ମଣ୍ଡିରୁ ଧାନ ନେଉଥିବାରୁ ବିଜମରା ଓ ଦୁଲକିବନ୍ଧ ଅଞ୍ଚଳର ଚାଷୀମାନେ ମଙ୍ଗଳବାର ସକାଳେ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଆନ୍ଦୋଳନସ୍ଥଳରେ ତହସିଲଦାର୍ ସ୍ମରଣିକା ତୁଳ, ଅତିରିକ୍ତ ତହସିଲଦାର୍ ଦେବୀ ପ୍ରସନ୍ନ ଷଡ଼ଙ୍ଗୀ, ଉପଖଣ୍ଡ ଯୋଗାଣ ଅଧିକାରୀ ରାଜାରାମ ହୋତା, ବ୍ଲକ୍ ଯୋଗାଣ ଅଧିକାରୀ ଲିସା ସାହୁ ଓ ରାଜସ୍ୱ ନିରୀକ୍ଷକ ଅର୍ଚ୍ଚନା ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଚାଷୀ ରାସ୍ତା ଅବରୋଧରୁ ହଟିନଥିଲେ। ପରେ ଏଆର୍‌ଏସ୍ଏସ୍ ଘଟଣାସ୍ଥଳରେ ପହଞ୍ଚି ୫ କିଗ୍ରା କଟ୍‌ନୀ ଛଟ୍‌ନୀରେ ଖୁବ୍‌ଶୀଘ୍ର ଧାନ ଉଠିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା।

## ଜେଇଇ ଆଡଭାନ୍ସରେ ଯୁବୋଦୟ କଲେଜର ସଫଳତା

# କୌଶିକ ସାହୁ ପଶ୍ଚିମ ଓଡ଼ିଶା ଟପ୍ପର୍



**ବଲାଙ୍ଗୀର,୨୬/ଏନ୍ଏନ୍ଏସ୍:** ରାଜ୍ୟର ଶିକ୍ଷା କ୍ଷେତ୍ରରେ ନିରନ୍ତର ସଫଳତାର ନୂଆ ଅଧ୍ୟାୟ ରଚନା କରୁଥିବା ଯୁବୋଦୟ ଶିକ୍ଷାନୁଷ୍ଠାନ ଚଳିତ ବର୍ଷ ଜେଇଇ ଆଡଭାନ୍ସ ପରୀକ୍ଷାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଛି। ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଦୁଇ ତୃତୀୟାଂଶ ଛାତ୍ରଛାତ୍ରୀ ସଫଳତାର ସହ ଯୋଗ୍ୟତା ଅର୍ଜନ କରିଛନ୍ତି। ସେଥିମଧ୍ୟରୁ ଦୁଇ ଜଣ ଛାତ୍ର ଓ ଜଣେ ଛାତ୍ରୀ ୧୦୦୦ ସର୍ବଭାରତୀୟ ର୍ୟାଙ୍କରେ ସ୍ଥାନ ପାଇଥିବାବେଳେ ୭ ଜଣ ୧୦ ହଜାର ର୍ୟାଙ୍କ ଭିତରେ ନିଜ ସ୍ଥାନ ସୁନିଶ୍ଚିତ କରିଛନ୍ତି। ଅନୁଷ୍ଠାନର ମେଧାବୀ ଛାତ୍ର କୌଶିକ ସାହୁ ଜେଇଇ ଆଡଭାନ୍ସରେ ୪୩୮ତମ ସର୍ବଭାରତୀୟ ର୍ୟାଙ୍କ୍ ଓ ଜେଇଇ ମେନ୍‌ରେ ୯୯.୯୩ ଓ ଜେଇଇ ଆଡଭାନ୍ସରେ ପଶ୍ଚିମ ଓଡ଼ିଶାରେ ସର୍ବାଧିକ ଅଙ୍କ ହାସଲ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଜେଇଇ ଆଡଭାନ୍ସରେ କୌଶିକ ପଶ୍ଚିମ ଓଡ଼ିଶା ଟପ୍ପର୍ ହେବାସହ ରାଜ୍ୟରେ ପ୍ରଥମ ତିନି ସ୍ଥାନରେ ରହିଛନ୍ତି। ସେହିପରି ସୌମ୍ୟ ୩,୩୧୬, ଦେବ ୯,୯୨୯, ଅଭିନବ ୪,୭୫୪, ଶ୍ଳୋକ ୯,୭୦୯, ଧର୍ମେଶ ୧,୦୧୩, ଅମିଶା ୨୬୪, ପ୍ରତୀକ ୯,୯୨୭, ବିଶ୍ୱଜିତ ୯,୮୧୭ ଓ ରଷିକା ୫,୬୨୯ ସର୍ବଭାରତୀୟ ର୍ୟାଙ୍କ ହାସଲ କରି ଜେଇଇ ଆଡଭାନ୍ସ ପରୀକ୍ଷାରେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏହି ସଫଳତା ଯୁବୋଦୟ ଶିକ୍ଷାନୁଷ୍ଠାନର ଶିକ୍ଷାଦାନ ପ୍ରଣାଳୀ ଓ ଛାତ୍ରଛାତ୍ରୀଙ୍କ ନିଷ୍ଠାପୂର୍ଣ୍ଣ ପରିଶ୍ରମର ପ୍ରତିଫଳନ ବୋଲି ଅଭିଭାବକ ଓ ଶିକ୍ଷାବିତ୍ ମତପ୍ରକାଶ କରିଛନ୍ତି। ସାଧାରଣ ପରିବାରରୁ ଆସିଥିବା ଏହି ଛାତ୍ରଛାତ୍ରୀମାନେ ମାତ୍ର ଦୁଇ ବର୍ଷର ନିଷ୍ଠାପୂର୍ଣ୍ଣ ପ୍ରଶିକ୍ଷଣ ଓ କଠୋର ପରିଶ୍ରମ ଦ୍ୱାରା ଏପରି ସଫଳତା ହାସଲ କରିପାରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଅମ୍ବରୀଶ ଦାଶ କହିଛନ୍ତି ଯେ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଭଳି ଆମେ କେବଳ ବୋର୍ଡ ପରୀକ୍ଷା ଫଳାଫଳ ଉପରେ ଗୁରୁତ୍ୱ ଦେଉନାହୁଁ। ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ସଫଳତା ପାଇଁ ବୋର୍ଡ ସହିତ ନିଟ୍ ଏବଂ ଜେଇଇ ଭଳି ଜାତୀୟସ୍ତରର ପ୍ରବେଶିକା ପରୀକ୍ଷାକୁ ମଧ୍ୟ ସମାନ ପ୍ରାଧାନ୍ୟ ଦେଇଥାଉ। ଆମର ଛାତ୍ରଛାତ୍ରୀଙ୍କ ସଫଳତା ହିଁ ପ୍ରମାଣ କରୁଛି କାହିଁକି ପଶ୍ଚିମ ଓଡ଼ିଶାରେ ଯୁବୋଦୟ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପ୍ରଥମ ପସନ୍ଦ ପାଲଟିଛି।

# ପାନୀୟଜଳ ସମସ୍ୟାକୁ ନେଇ ବିଧାୟକଙ୍କୁ ଘେରିଲେ ଗ୍ରାମବାସୀ



**ଟିଟିଲାଗଡ଼,୨୬/ଏନ୍ଏନ୍ଏସ୍:** ଦୀର୍ଘଦିନର ପାନୀୟଜଳ ସମସ୍ୟାର ସମାଧାନ ଦାବିରେ ଗତ ରବିବାର ସଇଁତଲା ବ୍ଲକ୍ କରମତଲା ଗ୍ରାମବାସୀ ସ୍ଥାନୀୟ ବିଧାୟକ ନବୀନ ଜୈନଙ୍କୁ ଘେରିଥିଲେ। ଘେରାଉ ବେଳେ ଲଜ୍ଜା ଓ ଭୟରେ ବିଧାୟକ ଭିଡିଓ ଉତ୍ତୋଳନକୁ ବିରୋଧ କରିଥିବାବେଳେ ତାଙ୍କ ପ୍ରତିନିଧି ବିମଲ୍ ଜୈନ ଜଣେ ସାମ୍ବାଦିକଙ୍କ ମୋବାଇଲ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ, ସଇଁତଲା ବ୍ଲକ୍ କରମତଲା ଗ୍ରାମରେ ମାସ ମାସ ଧରି ପାନୀୟଜଳ ସଙ୍କଟ ଲାଗି ରହିଛି। ନଳକୂପ ଅଚଳ, ଜଳଯୋଗାଣ ପ୍ରକଳ୍ପ ଅକାମି ଓ ବନ୍ଧ ପୁନରୁଦ୍ଧାର ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ବିଧାୟକ ଅଞ୍ଚଳ ଗସ୍ତରେ ଆସିଥିବାବେଳେ ଶତାଧିକ ଗ୍ରାମବାସୀ ତାଙ୍କୁ ଘେରି ଯାଇଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ ପାଣି ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ ଦାବି କରିଥିଲେ। ଏହି ସମୟରେ କିଛି ସାମ୍ବାଦିକ ମୋବାଇଲ୍‌ରେ ଘଟଣାର ଭିଡିଓ ଉତ୍ତୋଳନ କରୁଥିବା ଦେଖି ବିଧାୟକ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ବିଧାୟକଙ୍କ ପ୍ରତିନିଧି ଜଣେ ସାମ୍ବାଦିକଙ୍କ ହାତରୁ ମୋବାଇଲ୍ ଛଡ଼ାଇ ନେଇଥିଲେ। ପରେ ସ୍ଥାନୀୟ ଲୋକ ଓ ଅନ୍ୟ ସାମ୍ବାଦିକଙ୍କ ପ୍ରତିବାଦ ପରେ ମୋବାଇଲ୍ ଫେରାଇ ଦିଆଯାଇଥିଲା। ଘଟଣାକୁ ନେଇ ସ୍ଥାନୀୟ ସାମ୍ବାଦିକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହା ଗଣମାଧ୍ୟମର ସ୍ୱାଧୀନତା ଉପରେ ଆକ୍ରମଣ ବୋଲି ସେମାନେ କହିଛନ୍ତି। ସମସ୍ୟା ସମାଧାନ ବଦଳରେ ସତ ଲୁଚାଇବାକୁ ଚେଷ୍ଟା ଚାଲିଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଧାୟକ କିମ୍ବା ତାଙ୍କ ପ୍ରତିନିଧି ବିମଲଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଗ୍ରାମବାସୀ ତୁରନ୍ତ ପାନୀୟଜଳ ଯୋଗାଣ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି।

# ୱାଇସିଡିଏ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର




**ବୌଦ୍ଧ,୨୬/ଏନ୍ଏନ୍ଏସ୍:** ୟୁଥ୍ କାଉନସିଲ୍ ଫର୍ ଡେଭଲପମେଣ୍ଟ ଅଲ୍ଟରନେଟିଭ୍ (ୱାଇସିଡିଏ) ପକ୍ଷରୁ ବାଉଁଶୁଣୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଗ୍ରୀଷ୍ମକାଳୀନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଖଲିଆପାଲି, ମନୁପାଲି ଓ କସୁରବନ୍ଧ ଗ୍ରାମର ଶିଶୁମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। 'ଡ୍ରିମ୍ ଟ୍ରି', 'ଇମୋସନ୍ ଏକ୍ସପ୍ରେସନ୍ ୱାଲ୍', କ୍ୟାମ୍ପ ଫାୟାର୍ ଓ ଅନୁଭୂତି ବିନିମୟ ଅଧିବେଶନ ଭଳି ସୃଜନଶୀଳ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନେ ନିଜର ଭାବନା, ସ୍ୱପ୍ନ ଓ ଅନୁଭୂତିକୁ ପ୍ରକାଶ କରିବାର ସୁଯୋଗ ପାଇଥିଲେ। ଏହା ସେମାନଙ୍କର ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଦଳଗତ ମନୋଭାବକୁ ଅଧିକ ସୁଦୃଢ଼ କରିଥିଲା। ସେହିପରି ଯୋଗ, ଧ୍ୟାନ, ସ୍ୱଚ୍ଛତା ଅଭିଯାନ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଶିବିରରେ ୱାଇସିଡିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେର ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଭବିଷ୍ୟତ ଗଠନ ପାଇଁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ। ଶେଷଦିନରେ ପ୍ରମାଣପତ୍ର ବଣ୍ଟନ, ଧନ୍ୟବାଦ ଜ୍ଞାପନ ଓ ସମୂହ ଫଟୋ ଉତ୍ତୋଳନ ସହ ଶିବିର ସମାପନ କରାଯାଇଥିଲା।

# କାଠ ସହ ଟ୍ରକ୍ ଜବତ



**ପାଟଣାଗଡ଼,୨୬/ଏନ୍ଏନ୍ଏସ୍:** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବନ ବିଭାଗ ଗାଁ ପାଖ ଜଙ୍ଗଲରୁ ଗୋଟିଏ ଖଇର କାଠ ବୋଝେଇ ମିନି ଟ୍ରକ୍ ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଚଙ୍ଗରିଆ ପଞ୍ଚାୟତ ଲୁହାଖାନ ଅଞ୍ଚଳରେ ବନ ବିଭାଗ ଚଢ଼ଉ କରିଥିଲା। ଗାଡ଼ିରେ କେହି ନଥିବାବେଳେ ମିନି ଟ୍ରକ୍‌କୁ ସନ୍ଦେହ କରି ପାଟଣାଗଡ଼ ରେଞ୍ଜ ଅଫିସ୍‌କୁ ଆଣି ଅଧିକ ତଦନ୍ତ ଜାରି ରଖିଥିବାବେଳେ ଏଥିରୁ ୧୦ କ୍ୱିଣ୍ଟାଲ୍ ଖଇର କାଠ ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ପାଟଣାଗଡ଼ ରେଞ୍ଜର୍ ସୁନୀଲ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ପ୍ରଗତି ନାୟକ କଳାହାଣ୍ଡି ଜିଲ୍ଲା ମହିଳା କଂଗ୍ରେସ୍ ସଭାପତି



**ଭବାନୀପାଟଣା,୨୬/ଏନ୍ଏନ୍ଏସ୍:** ରାଷ୍ଟ୍ରୀୟ ମହିଳା କଂଗ୍ରେସ୍ ସଭାପତି ଅଲକା ଲାମ୍ବାଙ୍କ ଅନୁମୋଦନକ୍ରମେ ପ୍ରଦେଶ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି ରାଜ୍ୟର ୧୦ଟି ଜିଲ୍ଲାର ମହିଳା କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଏଥିରେ କଳାହାଣ୍ଡି ଜିଲ୍ଲା ମହିଳା କଂଗ୍ରେସ୍ ସଭାପତି ଭାବେ ପ୍ରଗତି ନାୟକଙ୍କୁ ଦଳ ପକ୍ଷରୁ ଗୁରୁଦାୟିତ୍ୱ ଦିଆଯାଇଛି। ଏନେଇ ପ୍ରଦେଶ ମହିଳା କଂଗ୍ରେସ ସଭାପତି ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି। ପ୍ରଗତି ମେଦିନୀପୁର ପଞ୍ଚାୟତ ଜଗନ୍ନାଥପୁର ନିବାସୀ ହୋଇଥିବାବେଳେ କଂଗ୍ରେସର ଜଣେ ଲଢୁଆ ସିପାହୀ ଭାବେ ଦୀର୍ଘଦିନରୁ ଦଳ ପାଇଁ କାର୍ଯ୍ୟ କରିଆସୁଛନ୍ତି। ତେବେ ତାଙ୍କର ଲଢୁଆ ମନୋବୃତ୍ତି ସାଂଗଠନିକ କୌଶଳ ଯୋଗୁ ଆଗାମୀ ଦିନରେ କଂଗ୍ରେସ୍ ମହିଳାଙ୍କଠାରେ ମଜବୁତ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରଗତିଙ୍କୁ ସଭାପତି ଭାବେ ମନୋନୀତ କରିଥିବାରୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ, ରାଷ୍ଟ୍ରୀୟ ମହିଳା କଂଗ୍ରେସ ସଭାପତି ଅଲକା ଲାମ୍ବା, ପ୍ରଦେଶ କଂଗ୍ରେସ୍ ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ରାଜ୍ୟ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି, ଭବାନୀପାଟଣା ବିଧାୟକ ସାଗର ଚରଣ ଦାସଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହାସହ ଆଗାମୀ ଦିନରେ ନିଷ୍ଠାପର ସହ ଦଳୀୟ ନୀତି ଆଦର୍ଶରେ କାମକରି ଦଳୀୟ ସଂଗଠନକୁ ମଜବୁତ କରିବେ ବୋଲି ପ୍ରଗତି ପ୍ରକାଶ କରିଛନ୍ତି।

# ୨୨ ଶିକ୍ଷକଙ୍କୁ ପଦସ୍ଥାପନ ପତ୍ର ପ୍ରଦାନ

**ରାୟଗଡ଼ା,୨୬/ଏନ୍ଏନ୍ଏସ୍:** ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲାର ଘରୋଇ ବିଦ୍ୟାଳୟରେ ୫ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇଥିବାବେଳେ ସରକାରୀ ବିଦ୍ୟାଳୟର ମାତ୍ର ଜଣେ ଛାତ୍ର ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଆଗାମୀ ୨୦୨୭ ପରୀକ୍ଷାରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରୁ ୫ ଜଣ ଲେଖାଏଁ ଏ-୧ ଛାତ୍ରଛାତ୍ରୀ ବାହାରିବା ଆବଶ୍ୟକ। ଉଭୟ ମଙ୍ଗଳ ଓ ଶିକ୍ଷା ବିଭାଗ ହାଇସ୍କୁଲ୍‌ରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଏହି ଟାର୍ଗେଟ୍ ଫିକ୍ସ କରିଛନ୍ତି। ରାୟଗଡ଼ା ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ପରିଚାଳିତ ବିଦ୍ୟାଳୟ ଗୁଡ଼ିକ ପାଇଁ ନବନିଯୁକ୍ତ ପ୍ରଶିକ୍ଷିତ ସ୍ନାତକ ଓ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳ ଏହା କହିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ମାନ ବୃଦ୍ଧି ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ ପାଇଁ ସ୍ୱତନ୍ତ୍ର ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା। ସେଥିମଧ୍ୟରୁ ପିସିଏମ୍ ବିଭାଗରେ ୭ ଜଣ, ସିବିଜେଡ୍ ବିଭାଗରେ ୩ ଜଣ ଓ ପିଇଟି ଭାବେ ୧୨ ଜଣ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ଉପସ୍ଥିତ ଥିଲେ।



# ନାଟକ 'ମହାମନ୍ଦିର' ମଞ୍ଚସ୍ଥ

**ଭୁବନେଶ୍ୱର,୨୬/ଏନ୍ଏନ୍ଏସ୍:** ରବୀନ୍ଦ୍ର ମଣ୍ଡପରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ଶ୍ରୀଜଗନ୍ନାଥାୟନ'ରେ ଅନ୍ୟତମ ଅଗ୍ରଣୀ ନାଟ୍ୟସଂସ୍ଥା ଶିଳାଶ୍ରୀ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ନାଟ୍ୟଗୌରବ ପ୍ରଫେସର୍ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ମହାମନ୍ଦିର' ମଞ୍ଚସ୍ଥ ହୋଇଯାଇଛି। ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ମନ୍ଦିରରେ ବିଶ୍ୱାବସୁର ଗୁପ୍ତ ଗୁମ୍ଫାରୁ ନୀଳମାଧବଙ୍କୁ ଆଣି ସ୍ଥାପନାର ଲୋକପ୍ରିୟ ଉପାଖ୍ୟାନ ନାଟକରେ ଅତି କମନୀୟ ଶୈଳୀରେ ରୂପାନ୍ତରିତ ହୋଇଛି। ଗାଲମାଧବ - ଡଃ. ଉପେନ୍ଦ୍ର ନାୟକ, ବିଦ୍ୟାପତି - ଲମ୍ବୋଦର ଦିଗାଲ, ଇନ୍ଦ୍ରଦ୍ୟୁମ୍ନ - ସୁଧିର ନାୟକ, ବିଶ୍ୱାବସୁ - ବ୍ରହ୍ମାନନ୍ଦ ଜେନା, ଶୁକୁରୁ - ପ୍ରଭାତ କୁମାର, ଅବନ୍ତୀ ମନ୍ତ୍ରୀ - ବ୍ୟାସଦେବ ଚୌହାନ୍, ଉତ୍କଳ ମନ୍ତ୍ରୀ - ଗୋବିନ୍ଦ ମହାପାତ୍ର, ସତ୍ୟାନନ୍ଦ - ସୁନୀଲ୍ ନାୟକ, ରଇବୁ - ପୂର୍ଣ୍ଣଚନ୍ଦ୍ର ସାହୁ, ରାଣୀ ଗୁଣ୍ଡିଚା - ପ୍ରଣତି ଓ ଲଳିତା ଭୂମିକାରେ କୁମାରୀ ବନ୍ଦନ ପ୍ରମୁଖ ଅଭିନୟ କରିଥିଲେ। ମହେଶ୍ୱର ସାହୁ ନାଟକର ସଂଗୀତ ନିର୍ଦ୍ଦେଶନା, ଡକ୍ଟର ଉପେନ୍ଦ୍ର ନାୟକ ଗୀତ ରଚନା ଓ ବ୍ରଜ କିଶୋର ମଲ୍ଲିକ ନୃତ୍ୟ ନିର୍ଦ୍ଦେଶନା ଦେଇଥିବାବେଳେ କୁମାରୀ ଲିପିକା କଣ୍ଠଦାନ କରିଥିଲେ।



# 'ପ୍ରୟାସ' ପକ୍ଷରୁ ଦହିପଣା, ଜଳ ବଣ୍ଟନ




**ଭୁବନେଶ୍ୱର,୨୬/ଏନ୍ଏନ୍ଏସ୍:** ପ୍ରୟାସ ଗ୍ରୁପ୍‌ର ବନ୍ଧୁମାନଙ୍କ ମିଳିତ ସହଯୋଗରେ ଏକାର୍ମ ବିଲ୍ଲା ଛକଠାରେ ଗତ ପଣା ସଂକ୍ରାନ୍ତିଠାରୁ ଏକ ଜଳଛତ୍ର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ପ୍ରୟାସ ଗ୍ରୁପ୍‌ର ସଭାପତି ଅଜିତ ପ୍ରସାଦ ସାହୁଙ୍କ ନେତୃତ୍ୱରେ ପ୍ରୟାସର କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ, ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ପାତ୍ର, ଲକ୍ଷ୍ମୀପ୍ରିୟା ଜେନା, ସଂଗୀତା ଦାସ, ସୁରେଶ ପ୍ରଧାନ, ମନ୍ଦାକିନୀ ସାହୁ, ସୁମିତ୍ରା ବେହେରା, ବିଶ୍ୱଜିତ ମଲ୍ଲିକ, ଜ୍ୟୋସ୍ନା ଭଞ୍ଜଦେୟ, ଗୀତା ଦାଶ, ସଚ୍ଚିଦାନନ୍ଦ ବେହେରା, ଦମୟନ୍ତୀ ମାଡ଼ାମ ଏବଂ ଗ୍ରୁପ୍‌ର ଅନେକ ବନ୍ଧୁମାନଙ୍କ ସହଯୋଗରେ ପଥଚାରୀମାନଙ୍କୁ ଦହି ପଣା ଏବଂ ଜଳବଣ୍ଟନ କରାଯାଉଛି। ଖରା କମିବା ଯାଏ ଏହିପରି ପ୍ରୟାସ ଜାରିରହିବ ବୋଲି ପ୍ରୟାସର ସଭାପତି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ଟିପିସିଓଡିଏଲ୍‌ର ସିଇଓ ଭାବେ ଦାୟିତ୍ୱ ନେଲେ ଗଜାନନ ଏସ୍. କାଲେ

**ଭୁବନେଶ୍ୱର,୨୬/ଏନ୍ଏନ୍ଏସ୍:** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଭାବେ ଗଜାନନ ଏସ୍. କାଲେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ସହିତ ସେ ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ୍ ଭାବରେ ମଧ୍ୟ ନିଜର ସେବା ଜାରି ରଖିବେ।



ବିଦ୍ୟୁତ ସେକ୍ଟରରେ ୩୪ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ଥିବା ଶ୍ରୀ କାଲେ ଜଣେ ଅଭିଜ୍ଞ ବ୍ୟକ୍ତିତ୍ୱ, ଯିଏ ବିଦ୍ୟୁତ ବିତରଣ ଓ ୟୁଟିଲିଟି ପରିଚାଳନା କ୍ଷେତ୍ରରେ ଗଭୀର ଦକ୍ଷତା ରଖନ୍ତି। ସେ ଏନଆଇଟି ନାଗପୁରରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର (ମାଷ୍ଟର୍ସ) ଏବଂ ଆଇଆଇଏମ ଅହମ୍ମଦାବାଦରୁ ମ୍ୟାନେଜମେଣ୍ଟ ଡିଗ୍ରୀ ହାସଲ କରିଛନ୍ତି।

ନିଜ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ କାଲେ ଟାଟା ପାୱାରର ଡିଷ୍ଟ୍ରିବ୍ୟୁସନ୍ ବିଜନେସ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି। ପରିଚାଳନା ଓ ରକ୍ଷଣାବେକ୍ଷଣ, ଗ୍ରାହକ ସେବା, ବାଣିଜ୍ୟିକ କାର୍ଯ୍ୟକଳାପ, ନେଟୱର୍କ ଇଞ୍ଜିନିୟରିଂ, ଇନଭେଷ୍ଟ୍ରି ପରିଚାଳନା ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଭଳି ବିଭିନ୍ନ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ଏହି ନୂଆ ଦାୟିତ୍ୱ ନେବା ପୂର୍ବରୁ ସେ ଟିପିଏନଓଡିଏଲ, ଟିପିଡିଡିଏଲ, ଟିପିଏଡିଏଲ ଏବଂ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଭାବେ କାର୍ଯ୍ୟ କରିସାରିଛନ୍ତି। ନିଜର ନିଯୁକ୍ତି ସମ୍ପର୍କରେ ପ୍ରତିକ୍ରିୟା ଦେଇ ଶ୍ରୀ କାଲେ କହିଛନ୍ତି ଯେ ଏହି ଦାୟିତ୍ୱ ପାଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ଆମର ସମସ୍ତ କର୍ମଚାରୀ ଓ ଅଂଶୀଦାରମାନଙ୍କ ସହଯୋଗରେ ଆମେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା ସହ ଗ୍ରାହକମାନଙ୍କୁ ଉନ୍ନତ ସେବା ଯୋଗାଇଦେବୁ ଏବଂ ଓଡ଼ିଶାର ବିକାଶ ଯାତ୍ରାରେ ଯୋଗଦାନ ଦେବା ଜାରି ରଖିବୁ। ଶ୍ରୀ କାଲେ, ଅରଭିନ୍ଦ ସିଂହଙ୍କ ସ୍ଥାନ ନେଇଛନ୍ତି, ଯାହାଙ୍କ ମାର୍ଗଦର୍ଶନରେ ଟିପିସିଓଡିଏଲ୍ କାର୍ଯ୍ୟଦକ୍ଷତା ବଢ଼ାଇବା, ଗ୍ରାହକ ସେବାରେ ସୁଧାର ଆଣିବା ଏବଂ ନେଟୱର୍କକୁ ଅଧିକ ଭରସାଯୋଗ୍ୟ କରିବା ଦିଗରେ ଉଲ୍ଲେଖନୀୟ ସଫଳତା ପାଇଥିଲା। ୨୯,୩୫୪ ବର୍ଗ କିଲୋମିଟର ପରିମିତ ବିଦ୍ୟୁତ ବିତରଣ ନେଟୱର୍କ ମାଧ୍ୟମରେ ଟିପିସିଓଡିଏଲ୍ ପ୍ରାୟ ୧.୩୬ କୋଟି ଜନସଂଖ୍ୟାକୁ ସେବା ଯୋଗାଉଛି ଏବଂ ଏହାର ଉପଭୋକ୍ତା ସଂଖ୍ୟା ପ୍ରାୟ ୩୨.୯୬ ଲକ୍ଷ। ଏହାର ସେବା ଯୋଗାଣ ଅଞ୍ଚଳ ମଧ୍ୟରେ ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ଅନୁଗୁଳ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଯାଜପୁରର କିଛି ଅଂଶ ସାମିଲ ରହିଛି।

## ରାଜ୍ୟରେ ସହରୀ ଯୋଜନାର ସୁଦୃଢ଼ୀକରଣ

# ୨୦୪୭ ସୁଦ୍ଧା ଓଡ଼ିଶାରେ ୬୦ ପ୍ରତିଶତକୁ ଛୁଇଁବ ସହରୀ ଜନସଂଖ୍ୟା

**ଭୁବନେଶ୍ୱର,୨୬/ଏନ୍ଏନ୍ଏସ୍:** ଓଡ଼ିଶାର ଦ୍ରୁତ ବିକାଶଶୀଳ ସହରୀ ପରିଦୃଶ୍ୟକୁ ଦୃଷ୍ଟିରେ ରଖି ରାଜ୍ୟର ସହରୀ ଯୋଜନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 'ଇନଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ, ଇଣ୍ଡିଆ' (ଆଇ.ଟି.ପି.ଆଇ.) ଓଡ଼ିଶା ଶାଖା ପକ୍ଷରୁ ଏକ

### ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ

ବ୍ୟାପକ ରୂପରେଖ ପ୍ରସ୍ତାବ ଦିଆଯାଇଛି। ଏଥିରେ ବୃତ୍ତିଗତ ନଗର ଯୋଜନାବିତ (ଟାଉନ୍ ପ୍ଲାନର) ମାନଙ୍କର ବଡ଼ ଆକାରରେ ନିଯୁକ୍ତି ଏବଂ ଆନୁଷ୍ଠାନିକ ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକରେ ଏହି ସୁପାରିଶଗୁଡ଼ିକୁ ଉପସ୍ଥାପନ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ନଗର ଯୋଜନା ନିର୍ଦ୍ଦେଶକ ଶତ୍ରୁଘ୍ନ କର, ଆଇ.ଟି.ପି.ଆଇ. ଓଡ଼ିଶା ଶାଖାର ପ୍ରତିନିଧି ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାର ସହରୀ ଭବିଷ୍ୟତ ପାଇଁ ନିଜର ଦୂରଦୃଷ୍ଟି ଉପସ୍ଥାପନ କରି ଆଇ.ଟି.ପି.ଆଇ. ଦର୍ଶାଇଛି ଯେ ରାଜ୍ୟରେ ସହରୀକରଣ ହାର ନାଟକୀୟ ଭାବେ ବୃଦ୍ଧି ପାଇବାକୁ ଯାଉଛି। ୨୦୨୫ ମସିହାରେ ସହରୀ ଜନସଂଖ୍ୟା ପ୍ରାୟ ୧୭ ପ୍ରତିଶତ ଥିବାବେଳେ ୨୦୪୭ ସୁଦ୍ଧା ଏହା ପ୍ରାୟ ୬୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଓଡ଼ିଶା ନିଜର ସହରଗୁଡ଼ିକୁ ପ୍ରମୁଖ ଅର୍ଥନୈତିକ ଅଭିବୃଦ୍ଧି କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି, ଯାହା ରାଜ୍ୟର ସମୁଦାୟ ଘରୋଇ ଉତ୍ପାଦରେ ୬୦ ପ୍ରତିଶତରୁ ଅଧିକ ଯୋଗଦାନ କରିବ। ଏଭଳି ସ୍ଥିତିରେ ବୈଜ୍ଞାନିକ, ବୃତ୍ତିଗତ ଏବଂ ଭବିଷ୍ୟତମୁଖୀ ସହରୀ ଯୋଜନାକୁ ବିକାଶର ମୁଖ୍ୟ ସ୍ତମ୍ଭ କରାଯିବା ଉଚିତ ବୋଲି ସଂସ୍ଥା ଗୁରୁତ୍ୱ ଆରୋପ କରିଛି।



ଆଇ.ଟି.ପି.ଆଇ. ପକ୍ଷରୁ ରାଜ୍ୟରେ ଯୋଗ୍ୟତାସମ୍ପନ୍ନ ଟାଉନ୍ ପ୍ଲାନରଙ୍କର ବଡ଼ ଅଭାବ ଥିବା ନେଇ ଦର୍ଶାଯାଇଛି। ନୀତି ଆୟୋଗଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଯୋଜନା ମାନଦଣ୍ଡ ଅନୁଯାୟୀ, ଓଡ଼ିଶାର ସହରୀ ବିକାଶକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ପ୍ରାୟ ୪୭୦ ଜଣ ଟାଉନ୍ ପ୍ଲାନରଙ୍କ ଆବଶ୍ୟକତା ରହିଛି। ବର୍ତ୍ତମାନ ଅନେକ ବିକାଶ କର୍ତ୍ତୃପକ୍ଷ ନିୟମିତ ଟାଉନ୍ ପ୍ଲାନରଙ୍କ ବିନା କାର୍ଯ୍ୟ କରୁଛନ୍ତି ଏବଂ ଅନେକ ସହରୀ ସ୍ଥାନୀୟ ସଂସ୍ଥା ବିଲ୍ଡିଂ ପ୍ଲାନ୍ ଅନୁମୋଦନ ଓ ବୈଧାନିକ ଯୋଜନା କାର୍ଯ୍ୟ ପାଇଁ ଅସ୍ଥାୟୀ ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉପରେ ନିର୍ଭର କରୁଛନ୍ତି। ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସହରୀ ଯୋଜନା ଏକ ଉଚ୍ଚ ବିଶେଷଜ୍ଞତା ସମ୍ପନ୍ନ ଓ ବହୁମୁଖୀ ବୃତ୍ତି, ଯେଉଁଥିରେ ଜମି ବ୍ୟବହାର ଯୋଜନା, ଭିତ୍ତିଭୂମି ବିକାଶ, ଗୃହ ନିର୍ମାଣ, ପରିବହନ, ପରିବେଶ ପରିଚାଳନା, ଅର୍ଥନୈତିକ ବିକାଶ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ଅନ୍ତର୍ଭୁକ୍ତ। ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଓ ନବୀକରଣ, ଜମି ପୁଲିଂ ମାଧ୍ୟମରେ ନଗର ଯୋଜନା ସ୍କିମ୍ କାର୍ଯ୍ୟକାରୀ କରିବା, ଶସ୍ତା ଗୃହ ନିର୍ମାଣକୁ ସହଜ କରିବା, ପୁନଃବିକାଶ ଯୋଜନା ମାଧ୍ୟମରେ ପୁରୁଣା ସହରୀ ଅଞ୍ଚଳର କାୟାକଳ୍ପ କରିବା ଏବଂ ବ୍ୟବସାୟିକ ସହଜତା ବୃଦ୍ଧି ପାଇଁ ବିଲ୍ଡିଂ ଅନୁମୋଦନ ବ୍ୟବସ୍ଥାରେ ସୁଧାର ଆଣିବାରେ ବୃତ୍ତିଗତ ପ୍ଲାନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ମାନବ ସମ୍ବଳ ଅଭାବକୁ ଦୂର କରିବା ପାଇଁ ଆଇ.ଟି.ପି.ଆଇ. ରାଜ୍ୟର ବିଭିନ୍ନ ସହରୀ ଉନ୍ନୟନ ସଂସ୍ଥାନରେ ୪୭୦ ଜଣ ଟାଉନ୍ ପ୍ଲାନରଙ୍କ ସୁଚିନ୍ତିତ ଭାବେ ନିୟୋଜିତ କରିବାକୁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବରେ ନଗର ଯୋଜନା ନିର୍ଦ୍ଦେଶାଳୟ, ବିକାଶ କର୍ତ୍ତୃପକ୍ଷ, ପୌର ପ୍ରଶାସନ ନିର୍ଦ୍ଦେଶାଳୟ, ସୁଡା, ଉଟଡଇ ଏବଂ ସହରୀ ଭିତ୍ତିଭୂମି ଓ ଆଞ୍ଚଳିକ ବିକାଶରେ ନିୟୋଜିତ ଅନ୍ୟାନ୍ୟ ପ୍ରମୁଖ ବିଭାଗ ତଥା ସରକାରୀ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ସାମିଲ ରହିଛି। ଓଡ଼ିଶାର ଏହି ମହତ୍ତ୍ୱାକାଂକ୍ଷୀ ବିକାଶମୂଳକ ଲକ୍ଷ୍ୟକୁ ହାସଲ କରିବା ପାଇଁ ସରକାରୀ ବିଭାଗ, ଯୋଜନା ବୃତ୍ତିଧାରୀ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଏକ ଭବିଷ୍ୟତମୁଖୀ ସହରୀ ଯୋଜନା ବ୍ୟବସ୍ଥା ଗଠନ ପାଇଁ ନିରନ୍ତର ସହଯୋଗ ଜାରି ରଖିବାକୁ ବୈଠକରେ ସମ୍ମତି ପ୍ରକାଶ ପାଇଥିଲା।

# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ମିଳିଲା ବ୍ରିଟିଶ ସେଫ୍ଟି କାଉନ୍‌ସିଲ୍ ଓ ଆଇସିସିର ଲିଡର୍‌ଶିପ୍ ଆୱାର୍ଡ

**ଭୁବନେଶ୍ୱର,୨୬/ଏନ୍ଏନ୍ଏସ୍:** ଔଦ୍ୟୋଗିକ ସୁରକ୍ଷା, କାର୍ଯ୍ୟସ୍ଥଳ ସୁରକ୍ଷା ସଂସ୍କୃତି ଏବଂ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟରେ ନିରନ୍ତର ଉତ୍କର୍ଷ ପ୍ରଦର୍ଶନ କରି ଯାଜପୁରସ୍ଥିତ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ପୁଣିଥରେ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶାର ଗୌରବ ବୃଦ୍ଧି କରିଛି। ଚଳିତ ବର୍ଷ କମ୍ପାନୀ, ପ୍ରତିଷ୍ଠିତ ବ୍ରିଟିଶ ସେଫ୍ଟି କାଉନ୍ସିଲ ଡିଷ୍ଟିଙ୍କସନ ଆୱାର୍ଡ ଏବଂ ଇଣ୍ଡିଆନ ଚାମ୍ବର ଅଫ କମର୍ସ୍ ଲିଡରଶିପ ଆୱାର୍ଡ ହାସଲ କରି ସୁରକ୍ଷା କ୍ଷେତ୍ରରେ ନିଜର ଶ୍ରେଷ୍ଠତାକୁ ପୁନର୍ବାର ପ୍ରମାଣିତ କରିଛି। ଗତ ୨୯ ମଇ ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଲେମନ ଟ୍ରି ହୋଟେଲରେ ଆୟୋଜିତ ଇଣ୍ଡିଆନ ଚାମ୍ବର ଅଫ କମର୍ସ୍ ର ୩ୟ ଶିଳ୍ପ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ଲିଡରଶିପ ସମିଟରେ ୨୦୨୫-୨୬ ବର୍ଷ ପାଇଁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଆଭିଜାତ୍ୟପୂର୍ଣ୍ଣ ଅବସରରେ ଓଡ଼ିଶା ବିଧାନସଭାର ଅଧ୍ୟକ୍ଷା ସୁରମା ପାଢ଼ୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ରାଜ୍ୟ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ କାରଖାନା ଓ ବଏଲର ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଗରିମାମୟ ଉପସ୍ଥିତିରେ ଜିନ୍ଦଲ ଷ୍ଟେନଲେସ, ଯାଜପୁରକୁ ଲାର୍ଜ ସ୍କେଲ ଇଣ୍ଡଷ୍ଟ୍ରିଜ୍ ସେକ୍ଟର୍‌ରେ ଆଇସିସି ଲିଡରଶିପ ଆୱାର୍ଡ ପ୍ରଦାନ କରାଯାଇଥିଲା।




ସେହିପରି ଗତ ୨୧ ମେ ୨୦୨୬ ତାରିଖରେ ମୁମ୍ବାଇସ୍ଥିତ ଜେଡବ୍ଲ୍ୟୁ ମାରିଅଟ୍ ସହର ହୋଟେଲରେ ଆୟୋଜିତ ବ୍ରିଟିଶ ସେଫ୍ଟି କାଉନ୍ସିଲ ଅନ୍ତର୍ଜାତୀୟ ସୁରକ୍ଷା ଆୱାର୍ଡ ଉତ୍ସବରେ ସଂସ୍ଥାର ଟ୍ରଷ୍ଟି ବୋର୍ଡର ଅଧ୍ୟକ୍ଷ ପିଟର ମ୍ୟାକଗେଟରିକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ମାଇକ ରବିନସନ୍‌ଙ୍କ ହସ୍ତରେ ଜିନ୍ଦଲ ଷ୍ଟେନଲେସ, ଯାଜପୁରକୁ ଧାତୁ ଏବଂ ଖଣି କ୍ଷେତ୍ର ପାଇଁ ସର୍ବୋଚ୍ଚ ସମ୍ମାନ ମଧ୍ୟରୁ ଅନ୍ୟତମ ଡିଷ୍ଟିଙ୍କସନ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଦୁଇଟି ପ୍ରତିଷ୍ଠିତ ଆନ୍ତର୍ଜାତୀୟ ଓ ଜାତୀୟ ପୁରସ୍କାର ପ୍ରାପ୍ତି ଅବସରରେ ସମସ୍ତ କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ସାମୂହିକ ପ୍ରୟାସର ଫଳ ସ୍ୱରୂପ ଏହି ଅଭୂତପୂର୍ବ ସଫଳତା ମିଳିଥିବାରୁ ଏହାକୁ ସୁରକ୍ଷା ବିଭାଗର ମୁଖ୍ୟ ସମସ୍ତଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ସୁରକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତା ଏବଂ ଉତ୍କର୍ଷର ନିରନ୍ତର ସାଧନା ଆଗାମୀ ଦିନରେ ମଧ୍ୟ ଜିନ୍ଦଲକୁ ନୂତନ ଉଚ୍ଚତାରେ ପହଞ୍ଚାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଯାଜପୁର ଜିନ୍ଦଲର ଏହି ବୃହତ ସଫଳତା କେବଳ ଏକ କମ୍ପାନୀର ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ଓଡ଼ିଶାର ସମଗ୍ର ଶିଳ୍ପ ଜଗତ ପାଇଁ ଏକ ଅତି ବଡ଼ ଗର୍ବ ଓ ପ୍ରେରଣାର ବିଷୟ ପାଲଟିଛି। ସୁରକ୍ଷା, ଶୃଙ୍ଖଳା ଏବଂ ଦାୟିତ୍ୱବୋଧର ସଠିକ୍ ସମନ୍ୱୟ ହିଁ ଏହି ସଫଳତାର ପ୍ରମୁଖ ଆଧାର ବୋଲି ବର୍ତ୍ତମାନ ରାଜ୍ୟର ଶିଳ୍ପ ମହଲରେ ଉଚ୍ଚ ପ୍ରଶଂସାପୂର୍ବକ ମତ ପ୍ରକାଶ ପାଉଛି।

### ଷ୍ଟାର୍‌ସିଟି କଲ୍ୟାଣ ସଂଘର ସାଧାରଣ ପରିଷଦ ବୈଠକ

# ନୂତନ କର୍ମକର୍ତ୍ତା ନିର୍ବାଚିତ



**ଭୁବନେଶ୍ୱର,୨୬/ଏନ୍ଏନ୍ଏସ୍:** ପଟିଆ ଷ୍ଟାରସିଟି କଲ୍ୟାଣ ସଂଘର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଅଞ୍ଚଳରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସଂଘର ସଭାପତି ଶ୍ରୀ ସୁଧୀର ପରିଡ଼ା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘର ଦୁଇଜଣ ବରିଷ୍ଠ ସଦସ୍ୟ ପି. ସୋରେନ ଓ ସତ୍ୟ ନାରାୟଣ ଦାସଙ୍କୁ ସେମାନଙ୍କ ଜନ୍ମମାସର ଶୁଭେଚ୍ଛା ଜ୍ଞାପନ କରାଯାଇ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକରେ ଆଗାମୀ ତିନି ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କର୍ମକର୍ତ୍ତାମାନେ ହେଲେ ଉପଦେଷ୍ଟା ଭାବେ ଶରତ ଦାଶ, ସଭାପତି ଭାବେ ସୁଧୀର ପରିଡ଼ା, ଉପସଭାପତି ଭାବେ ପ୍ରଭାତ ଦାସ, ସମ୍ପାଦକ ଭାବେ ଭୁବନମୋହନ ଦାଶ ଏବଂ କୋଷାଧ୍ୟକ୍ଷ ଭାବେ ସୁବ୍ରତ ଶତପଥୀ। ଏହି ସାଧାରଣ ପରିଷଦ ବୈଠକରେ ସଂଘର ବହୁ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୋଗଦାନ କରିଥିବା ସଦସ୍ୟମାନଙ୍କ ମଧ୍ୟରେ ସୁଧୀର ପରିଡ଼ା, ଭୁବନମୋହନ ଦାଶ, ସୁବ୍ରତ ଶତପଥୀ, ଭବାନୀ ଶଙ୍କର ମିଶ୍ର, ବିଜୟ କୁମାର ପଣ୍ଡା, ବି. କେ. ଲେଙ୍କା, ମାୟାଧର ସାହୁ, ଏସ୍. ଦାଶ, ଏନ୍. କେ. ସିଂହ, ଏସ୍. ଏନ୍. ଦାସ, ପି. ସୋରେନ, ପ୍ରଭାତ ଦାସ, କେ. ସି. ମହାପାତ୍ର, ଆର୍. କେ. ସାହୁ ଓ ଶରତ ଦାଶ ପ୍ରମୁଖ ଉପସ୍ଥିତ ରହି ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମତ ରଖିଥିଲେ।

# କାଶିରା ଗ୍ରାମରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ସ୍ୱଚ୍ଛତା ଅଭିଯାନ

**ଭୁବନେଶ୍ୱର,୨୬/ଏନ୍ଏନ୍ଏସ୍:** ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ ଏବଂ ସ୍ୱଚ୍ଛ ଭାରତ ମିଶନ ଅଧୀନରେ କାଶିରା ଗ୍ରାମରେ ଏକ ବୃହତ ସଫେଇ ଅଭିଯାନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାରାୟଣପୋଷି ଲୁହା ଏବଂ ମାଙ୍ଗାନିଜ୍ ଖଣିର ୧୦୦ ଜଣ କର୍ମଚାରୀଙ୍କୁ ନେଇ ଗଠିତ ଏକ ଉତ୍ସର୍ଗୀକୃତ ଦଳ କାଶିରା ଗ୍ରାମର ପରିଚ୍ଛନ୍ନତା ପୁନଃସ୍ଥାପନ ଏବଂ ପାରିପାର୍ଶ୍ୱିକ ସ୍ଥିତିର ଉନ୍ନତି ପାଇଁ ସାମୂହିକ ପ୍ରୟାସ କରିଥିଲେ। ଅଭିଯାନ କାଳରେ ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ସଫେଇ ଦଳ କାଶିରା ଗ୍ରାମର ପ୍ରାୟ ୧ କିଲୋମିଟର ଦୀର୍ଘ ରାସ୍ତା ସଫା କରିଥିଲେ, ଯାହା ସ୍ଥାନୀୟ ଯାତ୍ରୀ ଏବଂ ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରତିଦିନ ବ୍ୟବହୃତ ହୋଇଥାଏ। ପୂର୍ବରୁ ଅଳିଆ ଆବର୍ଜନା ଏବଂ ଅତ୍ୟଧିକ ବଣବୁଦା ଓ ଗଛଲତା ଦ୍ୱାରା ଅବରୋଧିତ ହୋଇ ରହିଥିବା ଏହି ରାସ୍ତାଟି, ବର୍ତ୍ତମାନ ସମ୍ପୂର୍ଣ୍ଣ ସଫା ହେବା ପରେ ଜାତୀୟ ରାଜପଥ ଜଙ୍କସନରୁ କାଶିରା ସେବାଶ୍ରମ ସ୍କୁଲ ଏବଂ ମୁଖ୍ୟ ଗ୍ରାମ୍ୟ ରାସ୍ତାକୁ ଏକ ସ୍ୱଚ୍ଛ ଓ ସୁଗମ ପ୍ରବେଶ ପଥ ପ୍ରଦାନ କରୁଛି।



ମିଳିତ ଦଳ ଦ୍ୱାରା ରାସ୍ତାକଡ଼ରୁ ଧ୍ୱଂସାବଶେଷ ଅପସାରଣ କରାଯିବା ସହ ଅତ୍ୟଧିକ ମାଡ଼ିଯାଇଥିବା ଗଛଲତା କାଟି ସଫା କରାଯାଇଥିଲା, ଯାହାଫଳରେ ଏହି ପୁନରୁଦ୍ଧାର ହୋଇଥିବା ରାସ୍ତା ସମଗ୍ର ସମ୍ପ୍ରଦାୟକୁ ଏକ ସୁରକ୍ଷିତ ତଥା ସ୍ୱଚ୍ଛ ଯାତାୟାତର ସୁବିଧା ଦେଇଛି। ସ୍ଥାନୀୟ ପ୍ରତିନିଧିମାନଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରି ଜେଏସଡବ୍ଲ୍ୟୁ ଷ୍ଟିଲ୍ ପ୍ରମାଣିତ କରିଛି ଯେ, କମ୍ପାନୀ ଏବଂ ଗ୍ରାମଗୁଡ଼ିକ ସ୍ଥାୟୀ ଅଭିବୃଦ୍ଧି ତଥା ସମ୍ପ୍ରଦାୟର କଲ୍ୟାଣ ପ୍ରତି ରହିଥିବା ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ କିଭଳି ପ୍ରଭାବଶାଳୀ ଭାବରେ ସହଭାଗୀ ହୋଇପାରିବେ। ଏହି ଅବସରରେ ସ୍ଥାନୀୟ ଗ୍ରାମର ନେତାମାନେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଦଳକୁ ସାଧୁବାଦ ଓ ଧନ୍ୟବାଦ ଜଣାଇ କହିଛନ୍ତି ଯେ, ଏହି ଉନ୍ନତ ରାସ୍ତା ସ୍ଥାନୀୟ ନାଗରିକଙ୍କ ମଧ୍ୟରେ ଗର୍ବ ବୃଦ୍ଧି କରିବା ସହ ବାସିନ୍ଦାଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ଜାଗ୍ରତ କରିଛି। ଶେଷରେ, ସ୍ୱେଚ୍ଛାସେବକ ଏବଂ ଗ୍ରାମବାସୀଙ୍କ ଦ୍ୱାରା ଉକ୍ତ ରାସ୍ତାକୁ ସଦାସର୍ବଦା ସଫା ଓ ପରିଚ୍ଛନ୍ନ ରଖିବା ପାଇଁ ଏକ ମିଳିତ ସଂକଳ୍ପ ଓ ପ୍ରତିଶ୍ରୁତି ସହିତ ଏହି ଅଭିଯାନର ସମାପ୍ତି ଘଟିଥିଲା। ଜେଏସଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ସମାନ ପ୍ରଭାବଶାଳୀ ସାମାଜିକ-କଲ୍ୟାଣମୂଳକ ପଦକ୍ଷେପ ମାଧ୍ୟମରେ କାଶିରା ଏବଂ ଏହାର ଆଖପାଖ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ନିରନ୍ତର ସମର୍ଥନ ଓ ବିକାଶ ପାଇଁ ସ୍ଥାନୀୟ ସମ୍ପ୍ରଦାୟକୁ ସମ୍ପୂର୍ଣ୍ଣ ଆଶ୍ୱାସନା ଦିଆଯାଇଛି। ଏଥିସହ କମ୍ପାନୀ ଏହା ଉପରେ ବିଶେଷ ଜୋର ଦେଇ କହିଛି ଯେ, ଏହା କେବଳ ଗୋଟିଏ ଦିନର ସଫେଇ ପ୍ରୟାସ ନୁହେଁ, ବରଂ ଏହାର ଆଖପାଖ ସମ୍ପ୍ରଦାୟର ସାମଗ୍ରିକ ତଥା ସର୍ବାଙ୍ଗୀନ ବିକାଶ ପାଇଁ କମ୍ପାନୀର ଏକ ସ୍ଥାୟୀ ପ୍ରତିବଦ୍ଧତାର ପ୍ରତିଫଳନ।

# ଡିଷ୍ଟ୍ରିକ୍ଟ ସେଣ୍ଟର୍ ଓନର୍ସ ଆସୋସିଏସନ୍‌ର ବାର୍ଷିକ ସାଧାରଣ ସଭା, କର୍ମକର୍ତ୍ତା ଚୟନ

**ଭୁବନେଶ୍ୱର,୨୬/ଏନ୍ଏନ୍ଏସ୍:** ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏସନର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପ ଓ ହନୁମାନ ମଣ୍ଡପ ପରିସରରେ ସଭାପତି ଡଃ ଦାମୋଦର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସାଧାରଣ ସମ୍ପାଦକ ଡଃ ସରୋଜ କାନ୍ତ ମଲ୍ଲିକ ବାର୍ଷିକ କାର୍ଯ୍ୟବିବରଣୀ ଓ ଆୟ-ବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରକଳ୍ପର ବିଭିନ୍ନ ସମସ୍ୟା, ଯଥା ପାର୍କିଂ ସୁବିଧାର ଅଭାବ ଏବଂ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟଠାରୁ ଡମଣା ଛକ ପର୍ଯ୍ୟନ୍ତ ମୁଖ୍ୟ ଯୋଜନାରେ ଥିବା ୮୦ ଫୁଟ ଚଉଡ଼ା ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ନିକଟରେ ଦାବି କରାଯାଇଛି। ଚଳିତ ବର୍ଷ ଆସୋସିଏସନର ରୌପ୍ୟ ଜୟନ୍ତୀ ବର୍ଷ ହୋଇଥିବାରୁ ପେଟ୍ରୋଲ ଟାଙ୍କି ନିକଟରେ ରୌପ୍ୟ ଜୟନ୍ତୀ ତୋରଣ ନିର୍ମାଣ, ସ୍ମରଣିକା ପ୍ରକାଶ, ଦୁର୍ଗାପୂଜା ମଣ୍ଡପର ସମ୍ପ୍ରସାରଣ ଏବଂ ସାମୁଦାୟିକ କେନ୍ଦ୍ର କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଶେଷରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଡଃ ଦାମୋଦର ପ୍ରଧାନୀ ସଭାପତି, ସୁକାନ୍ତ କୁମାର ପାତ୍ର ଉପ-ସଭାପତି, ଡଃ ସରୋଜ କାନ୍ତ ମଲ୍ଲିକ ସାଧାରଣ ସମ୍ପାଦକ, କୈଳାସ ଚନ୍ଦ୍ର ପ୍ରଧାନ ଯୁଗ୍ମ ସମ୍ପାଦକ, ବିରଞ୍ଚି ନାରାୟଣ ଷେଣ୍ଡି ବାର୍ତ୍ତା ସମ୍ପାଦକ ଏବଂ ଶରତ କୁମାର ନାୟକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ଅଭୟ କୁମାର ନାୟକ, ଜିନ୍ଦରପାଲ ସିଂ, ଜୟନ୍ତ କୁମାର ରଥ, ରମେଶ ଚନ୍ଦ୍ର ବାରିକ, ସୁବାସ ଚନ୍ଦ୍ର ମହାନ୍ତି, ସୁକାନ୍ତ କୁମାର ଭୂୟାଁ, ଶିବ କୁମାର ପାଣ୍ଡବ, ସୁରେଶ ଚନ୍ଦ୍ର ଭୋଳ, ମନୋଜ କୁମାର ପାତ୍ର ଓ ତେଜେଶ୍ୱର ସରାଫ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବା ବେଳେ ସଞ୍ଜୟ କୁମାର ସାହାଣୀ, ଡା. ସୁଜିତ କୁମାର ବେହେରା, ସନ୍ତୋଷ କୁମାର ସାହୁ, ଡା. ରବୀନ୍ଦ୍ର କୁମାର ପାଢ଼ୀ, ଶିବ ପ୍ରସାଦ ପଣ୍ଡା, ପ୍ରମୋଦ ପ୍ରଧାନ, ବି.କେ. ସିଂ, ରମେଶ ଚନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ବିଜୁଳି ଓ ସୁବାସ ଚନ୍ଦ୍ର ଚୌଧୁରୀଙ୍କୁ ଉପଦେଷ୍ଟା ଭାବେ ଏବଂ ପ୍ରଶାନ୍ତ କୁମାର ପରିଡା, ଚିତ୍ତରଞ୍ଜନ ସାହୁ, ଅଜୟ କୁମାର କର ଓ ଶଶାଙ୍କ ଶେଖର ଦାସଙ୍କୁ ସମୀକ୍ଷକ ଭାବେ ମନୋନୀତ କରାଯାଇଛି। ସଭାରେ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ଓ ଶେଷରେ ଶଶାଙ୍କ ଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରୀଷ୍ମକାଳୀନ ସଙ୍ଗୀତ ଶିକ୍ଷା ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର,୨୬/ଏନ୍ଏନ୍ଏସ୍:** ସ୍ଥାନୀୟ ପ୍ରତିଷ୍ଠିତ ଅନୁଷ୍ଠାନ ଆରାଧନା ଏକାଡେମୀ ପକ୍ଷରୁ ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ଗତ ମେ' ୧ ତାରିଖରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ମାସେ ବ୍ୟାପୀ ଅନୁଷ୍ଠିତ ହୋଇଥିବା ନିଶୁଳ୍କ 'ଗ୍ରୀଷ୍ମକାଳୀନ ସଙ୍ଗୀତ ଶିକ୍ଷା ଶିବିର' ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଏହି ଶିକ୍ଷା ଶିବିରରେ ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮ ଜଣ ଛାତ୍ରଛାତ୍ରୀ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ଗୁରୁ ପ୍ରଦୀପ କିଶୋର ସାହୁଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ସ୍ୱରର ବିକାଶ, ସୁର ନିୟନ୍ତ୍ରଣ ଏବଂ ସୁମଧୁର ଗାୟନ ଶୈଳୀର ବିଭିନ୍ନ ବିଧିବଦ୍ଧ ପ୍ରଶିକ୍ଷଣ ଗ୍ରହଣ କରିବାର ସୁଯୋଗ ପାଇଥିଲେ। ଶିବିର ଅବଧି ମଧ୍ୟରେ ପିଲାମାନଙ୍କୁ ରିଆଜ୍, ଅଳଙ୍କାର ଏବଂ ପଲ୍‌ଟା ମାଧ୍ୟମରେ ସ୍ୱରର ପହଞ୍ଚ, ଶ୍ୱାସ ନିୟନ୍ତ୍ରଣ ଓ ସୁସ୍ଥ ଗାୟନର ନିରନ୍ତର ଅଭ୍ୟାସ କରାଯାଇଥିଲା। ଏହାସହ ସଙ୍ଗୀତ କ୍ଷେତ୍ରରେ ଶୃଙ୍ଖଳା, ଧୈର୍ଯ୍ୟ ଓ ନିଷ୍ଠାର ଗୁରୁତ୍ୱ ବିଷୟରେ ମଧ୍ୟ ସେମାନଙ୍କୁ ଶିକ୍ଷା ଦିଆଯିବା ସହିତ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ସେମାନଙ୍କ ମନରେ ଆଗ୍ରହ ଓ ଭଲପାଇବା ସୃଷ୍ଟି କରାଯାଇଥିଲା। ଗତ ଜୁନ୍ ୧ ତାରିଖରେ ଏହି ଗ୍ରୀଷ୍ମକାଳୀନ ସଙ୍ଗୀତ ଶିକ୍ଷା ଶିବିରର ଅନ୍ତିମ ଦିବସ ଥିବା ବେଳେ ଶେଷ ଦିନରେ ସମସ୍ତ ଛାତ୍ରଛାତ୍ରୀ ବହୁତ ଉତ୍ସାହିତ ଏବଂ ଆନନ୍ଦିତ ଥିବା ଦେଖିବାକୁ ମିଳିଥିଲା। ଗତ ଏକ ମାସ ଧରି ଗୁରୁଙ୍କଠାରୁ ଯାହା ଶିଖିଥିଲେ, ତାହାକୁ ସେମାନେ ଏହି ସମାପନୀ ଉତ୍ସବରେ ସୁନ୍ଦର ଭାବରେ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଶେଷରେ ସଙ୍ଗୀତ ଗୁରୁ ପ୍ରଦୀପ କିଶୋର ସାହୁ ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ଆଶୀର୍ବାଦ ପ୍ରଦାନ କରିବା ସହ ସମସ୍ତଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷଭାଗରେ ଆରାଧନା ଏକାଡେମୀର ଟ୍ରଷ୍ଟି ମିସ୍ ସ୍ୱପ୍ନାରାଣୀ ସାହୁ ଧନ୍ୟବାଦ୍ ଦେଇଥିଲେ।



## ଆଜିର ଇତିହାସ

- ୧୯୧୫-ବ୍ରିଟିଶ ସରକାର, ରବୀନ୍ଦ୍ରନାଥ ଟାଗୋରଙ୍କୁ 'ନାଇଟ୍‌ହୁଡ୍' ଉପାଧି ପ୍ରଦାନ କରିଥିଲେ।
- ୧୯୧୮-ଗାନ୍ଧିଜୀଙ୍କ ଅଧ୍ୟକ୍ଷତାରେ ଇନ୍ଦୋରରେ ହିନ୍ଦୀ ସାହିତ୍ୟ ସମ୍ମିଳନୀରେ ହିନ୍ଦୀକୁ ରାଜଭାଷାର ମାନ୍ୟତା ମିଳିଥିଲା।
- ୧୯୨୪-ତାମିଲନାଡୁରେ ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ରହିଥିବା ଏମ୍ କରୁଣାନିଧି ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୪୭-ବ୍ରିଟିଶ ଶାସନରେ ଭାରତର ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବେଟେନ୍ ଭାରତ ବିଭାଜନର ଘୋଷଣା କରିଥିଲେ।
- ୧୯୭୨-ଆଧୁନିକ ଯୁଦ୍ଧପୋତ ନୀଳଗିରିକୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜଳାବତରିତ କରିଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ**: ଖର୍ଚ୍ଚ ଉପରେ ନିୟନ୍ତ୍ରଣ ଜରୁରୀ। ଭାଇମାନଙ୍କର ସାହାଯ୍ୟର ଆବଶ୍ୟକ ହୋଇପାରେ। ପିଲାମାନଙ୍କ ତରଫରୁ ଖୁସି ଖବର ମିଳିପାରେ। ପ୍ରେମ ଜୀବନରେ ପାର୍ଟନର ସହିତ ବୁଲିବାକୁ ଯାଇପାରନ୍ତି।

**ବୃଷ**: ଦିନଟି ପ୍ରଗତିକାରକ ହୋଇପାରେ। ସକାରାତ୍ମକତାର ସଞ୍ଚାର ହେବ। କ୍ରୋଧ ନକଲେ ଭଲ। ହେଉଥିବା କାମ ବିଗିଡ଼ି ଯାଇପାରେ। ଚାକିରିଆ ଲୋକଙ୍କ ପାଇଁ ଦିନଟି ଖୁବ୍ ଭଲ।

**ମିଥୁନ**: କାମ ସମୟରେ ତାପଗ୍ରସ୍ତ ହେବେ। କାର୍ଯ୍ୟକ୍ଷେତ୍ରରେ ଅଧିକ ବ୍ୟସ୍ତ ରହିବ। ଅଟକିଥିବା କାମ ପାଇଁ ସାବଧାନ ରୁହନ୍ତୁ। ସନ୍ତାନର କ୍ୟାରିୟରକୁ ନେଇ ସତର୍କ ରୁହନ୍ତୁ। [illegible] ରୁହନ୍ତୁ।

**କର୍କଟ**: ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କାହା କଥା ଖରାପ ଲାଗିପାରେ। ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟା ଦେଖାଦେବ। ଅଳ୍ପ ସୁଧାର ହୋଇପାରେ। ଦିନଟି ଆହ୍ଲାଦପୂର୍ଣ୍ଣ ହୋଇପାରେ।

**ସିଂହ**: ଆଜି ବ୍ୟସ୍ତ ରହିବେ। କାମ ସହିତ ପ୍ରତିଷ୍ଠା ଉପରେ ଧ୍ୟାନ ଦେବେ। ମାନ-ସମ୍ମାନ ଉପରେ ଆଞ୍ଚ ଆସିପାରେ। ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ବ୍ୟାପାର ଦୃଷ୍ଟିରୁ ଦିନଟି ଉତ୍ତମ।

**କନ୍ୟା**: ଆଜି ମିଶ୍ରିତ ପରିଣାମ ପାଇବେ। କାର୍ଯ୍ୟ ଅଟକି ଯାଇପାରେ। ନିରାଶ ହେବେ। କାର୍ଯ୍ୟକ୍ଷେତ୍ରରେ ଧୋକା ମିଳିପାରେ। ପରିସ୍ଥିତିକୁ ନେଇ ସତର୍କ ରହିବା ଜରୁରୀ। ପରିବେଶ ଖୁବ୍ ଭଲ ରହିବ।

**ତୁଳା**: ଦିନଟି ଠିକ୍‌ଠାକ୍ ଯିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପ୍ରାପ୍ତ କରିବେ। ନୂଆ ଦାୟିତ୍ୱ ମିଳିପାରେ। ପିତାଙ୍କ ସ୍ୱାସ୍ଥ୍ୟକୁ ନେଇ ସତର୍କ ରୁହନ୍ତୁ। ବାହନକୁ ନେଇ ଅତିରିକ୍ତ ସାବଧାନ ରହିବେ।

**ବିଛା**: ଦିନଟି ଖୁବ୍ ଭଲରେ ବିତିବ। ନୂଆ କାମ ପାଇଁ ଦିନଟି ଅନୁକୂଳ। ଭାଗୀଦାରୀ କାମ ନକଲେ ଭଲ। ଭରସାଯୋଗ୍ୟ ଲୋକଙ୍କ ସହିତ ନେଣଦେଣ କରିବେ। ବିବାହକୁ ନେଇ କଥା ବଢ଼ିବ।

**ଧନୁ**: ଦିନଟି ନୂଆ ଖୁସି ନେଇ ଆସିବ। ଦାମ୍ପତ୍ୟ ଜୀବନ ଖୁବ୍ ଭଲରେ ବିତିବ। ଇଚ୍ଛିତ ସଫଳତା ମିଳିବ। ମନ ପ୍ରସନ୍ନ ରହିବ। ପଦୋନ୍ନତି ଓ ବେତନ ବୃଦ୍ଧିର ଲାଭ ମିଳିବ।

**ମକର**: ଦିନଟି ଖୁବ୍ ଭଲରେ ବିତିବ। ଗଚ୍ଛିତ ମାମଲାରେ ହସ୍ତକ୍ଷେପ କରିବା ଜରୁରୀ। ନିବେଶ ପାଇଁ ଦିନଟି ଖୁବ୍ ବଢ଼ିଆ। ଛୋଟ କଥାରେ ମନ ଖରାପ ନକଲେ ଭଲ। ତାପରୁ ଦୂରରେ ରୁହନ୍ତୁ।

**କୁମ୍ଭ**: କାରବାରରେ କଠିନ ସ୍ଥିତିର ସମ୍ମୁଖୀନ ହେବେ। ସହକର୍ମୀଙ୍କ ପାଇଁ କାମ ଅଟକିପାରେ। ସମ୍ପର୍କୀୟଙ୍କ ଆଗମନ ହୋଇପାରେ। ଭାଇ-ଭଉଣୀଙ୍କ ସହିତ ସମ୍ପର୍କ ସାମାନ୍ୟ ହୋଇପାରେ।

**ମୀନ**: ଦିନଟି ଭାଗ୍ୟଶାଳୀ ରହିବ। କ୍ୟାରିୟରରୁ ନୂଆ ଶିଖର ପ୍ରାପ୍ତ କରିବେ। ସରକାରୀ କାମରେ ଅତିରିକ୍ତ ଲାଭ ପାଇବେ। ବିଦ୍ୟାର୍ଥୀଙ୍କୁ ଖୁସି ଖବର ମିଳିପାରେ। ନିଜ ସମୟ ବରବାଦ ନକଲେ ଭଲ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଅନିଷ୍ଟମିଷ୍ଟଂ ମିଶ୍ରଂ ଚ ତ୍ରିବିଧଂ କର୍ମଣଃ ଫଳମ୍।**
**ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସଂନ୍ୟାସିନାଂ କ୍ୱଚିତ୍। (୧୮/୧୨)**

ଯେଉଁମାନେ ଫଳକାମନା ତ୍ୟାଗ କରି ନଥାନ୍ତି ସେହି ଅତ୍ୟାଗୀ ଲୋକମାନଙ୍କର ମୃତ୍ୟୁ ପରେ ଅନିଷ୍ଟ, ଇଷ୍ଟ ଓ ଇଷ୍ଟାନିଷ୍ଟ - ଏହି ତିନି ପ୍ରକାର ଫଳ ହୁଏ। କିନ୍ତୁ ଯେଉଁମାନେ ସନ୍ନ୍ୟାସୀ ଅର୍ଥାତ କର୍ମଫଳ ତ୍ୟାଗୀ ସେମାନଙ୍କର ଏପରି କେବେହେଲେ ହୁଏ ନାହିଁ। ଅର୍ଥାତ ଇହଲୋକରେ କୃତ କର୍ମର ଫଳ, ମୃତ୍ୟୁ ପରେ ଭୋଗ କରିବାକୁ ହୁଏ। ମାତ୍ର ଯେଉଁମାନେ କର୍ମର ଫଳ କାମନା ଛାଡିଥାନ୍ତି ବା ତ୍ୟାଗ କରିଥାନ୍ତି ସେମାନେ ମୋକ୍ଷର ଅଧିକାରୀ ହୁଅନ୍ତି।

ଶ୍ରୀ ରାମକୃଷ୍ଣ କହନ୍ତି - ଯୋଗୀର ପଥ କିନ୍ତୁ ଅଲଗା। ସେ ପରମାତ୍ମାଙ୍କ ପାଖରେ ପହଞ୍ଚି ଫେରେ ନାହିଁ। ସେହି ପରମାତ୍ମାଙ୍କ ସାଙ୍ଗରେ ଯୋଗ ହେଇଯାଏ।

## ବଟବୃକ୍ଷର ଅନୋଖା କାହାଣୀ



ଭୋଜପୁର ଜିଲ୍ଲାର ଶାହପୁର ପ୍ରଖଣ୍ଡର ସେମରିୟା ଓଝା ପଟ୍ଟି ଗ୍ରାମରେ ସ୍ଥିତ ଏକ ବିଶାଳକାୟ ବଟବୃକ୍ଷ ଏ ସମୟରେ ଲୋକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଏହି ଐତିହାସିକ ବୃକ୍ଷଟି ଗ୍ରାମବାସୀଙ୍କ ଆସ୍ଥା, ବିରାସତ ଓ ପ୍ରକୃତିପ୍ରେମୀଙ୍କ ପାଇଁ ଏକ ଅନୋଖା ଉଦାହରଣ ଭାବରେ ପ୍ରସିଦ୍ଧ ହୋଇଗଲାଣି। ଏପରିକି ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଏହି ବଟବୃକ୍ଷକୁ ଖାସ୍ ବୋଲି କୁହାଯାଉଛି। କାରଣ ଏହାର ଶାଖାଗୁଡ଼ିକରୁ ବାହାରିଥିବା ଚେର ଭୂମିରେ ପହଞ୍ଚି ନୂଆ ଗଛର ରୂପ ନେଉଛି ଯେଉଁଥି ପାଇଁ ଗଛଟି ବିସ୍ତାର ଲାଭ କରୁଛି। ୨୨-୨୫ ହଜାର ବର୍ଗ ଫୁଟ୍ କ୍ଷେତ୍ରରେ ବ୍ୟାପି ରହିଥିବା ଏହି ବଟବୃକ୍ଷଟି ଦୂରରୁ କୌଣସି ପ୍ରାକୃତିକ ଉଦ୍ୟାନ ପରି ନଜର ଆସେ। ଏହାର ମୂଳ ଜଡ଼ କେଉଁଠାରେ ରହିଛି ସେ ବିଷୟରେ ଜାଣିବା କଷ୍ଟକର ହୋଇପଡ଼ିଛି। ଶାଖାଗୁଡ଼ିକରୁ ବାହାରିଥିବା ଅନେକ ଶାଖା ଏବେ ବି ପବନରେ ଝୁଲି ରହିବା ପରି ମନେ ହେଉଛି ଯାହା ଏହି ବୃକ୍ଷର ଭବ୍ୟତାକୁ ବୃଦ୍ଧି କରାଇଥାଏ। ଅଢ଼େଇ ଶହ ବର୍ଷର ଏହି ପୁରୁଣା ବଟବୃକ୍ଷ ସମ୍ପର୍କରେ ଗ୍ରାମୀଣମାନେ କହନ୍ତି ଯେ ଅନେକ ପିଢ଼ି ଗଲେଣି କିନ୍ତୁ ଏହି ବଟବୃକ୍ଷଟି ସେହିପରି ମଜଭୁତର ସହିତ ଛିଡ଼ା ହୋଇଛି। ତେବେ ସନ୍ଥ ଦୟାପୁରୀ ବାବାଙ୍କ ସ୍ଥାନରେ ଥିବାରୁ ଗଛଟିକୁ କଟାଯାଇ ନାହିଁ ଓ ଏହାର ଆକାର ଲଗାତର ବୃଦ୍ଧି ପାଉଛି। ଆଜିର ସମୟରେ ଏହି ଗଛଟି ଗ୍ରାମର ପରିଚୟ ହୋଇସାରିଲାଣି। ଗ୍ରାମବାସୀମାନେ ଏହି ଗଛଟିକୁ ଏକ ଐତିହ୍ୟ ଭାବରେ ମାନନ୍ତି ଓ ଧାର୍ମିକ ଅବସରଗୁଡ଼ିକରେ ଏହାର ପୂଜାର୍ଚ୍ଚନା କରି ରକ୍ଷା ସୂତ୍ର ବାନ୍ଧିଥାନ୍ତି। ଗରମ ଦିନରେ ଏହାର ଘନ ଛାୟା ଗ୍ରାମୀଣମାନଙ୍କୁ ରକ୍ଷା କରିଥାଏ। ପିଲାମାନେ ଏହାର ଚେରଗୁଡ଼ିକରେ ଖେଳିବାର ଦେଖିବାକୁ ମିଳେ। ସେହିପରି ବୟସ୍କମାନେ ଘଣ୍ଟା ଘଣ୍ଟା ଧରି ଏହାର ଛାଇରେ ବସି ସମୟ ବିତେଇ ଥାଆନ୍ତି। ତେବେ ଏହି ବଟବୃକ୍ଷଟି ଗ୍ରାମର ଇତିହାସ ଓ ସମ୍ମାନର ପ୍ରତୀକ ଅଟେ। ସମ୍ଭବତଃ ଗ୍ରାମର ସ୍ଥାପନା ହେବା ପରଠାରୁ ଗଛଟି ସେହିଠାରେ ରହିଛି।

## ଶକ୍ତି ଦେବୀ: କୁମାରୀ

ପ୍ରାଚୀନ କାଳରେ ଭାରତକୁ ଶାସନ କରିଥିବା ରାଜା ଭରତଙ୍କର ଥିଲେ ଆଠ ଜଣ ଝିଏ ଓ ଗୋଟିଏ ପୁଅ। ଭରତ ତାଙ୍କ ସାମ୍ରାଜ୍ୟକୁ ସମାନ ନଅ ଭାଗରେ ବାଣ୍ଟି ନିଜର ସନ୍ତାନମାନଙ୍କୁ ଦେଇଥିଲେ। ଦକ୍ଷିଣର କ୍ଷେତ୍ର ପଡ଼ିଥିଲା ତାଙ୍କ ଝିଅ କୁମାରୀ ଭାଗରେ। କୁମାରୀଙ୍କୁ 'ଶକ୍ତି ଦେବୀ'ଙ୍କ ଅବତାର ବୋଲି କୁହାଯାଏ। ଦକ୍ଷିଣ ଭାରତର ଏହି ଭାଗରେ କୁମାରୀ କୁଶଳତାପୂର୍ବକ ଶାସନ କରିଥିଲେ। ଭଗବାନ ଶିବଙ୍କୁ ବିବାହ କରିବାକୁ ତାଙ୍କର ଇଚ୍ଛା ଥିଲା। ଏଥିପାଇଁ ସେ ଶିବଙ୍କୁ ପୂଜା କରୁଥିଲେ। ଏଥିରେ ଭଗବାନ ଶିବ ପ୍ରସନ୍ନ ହୋଇ ବିବାହ କରିବାକୁ ରାଜି ହୋଇଥିଲେ ମଧ୍ୟ ନାରଦ ମୁନି ବାନାସୁରନ୍‌ର ହତ୍ୟା କୁମାରୀଙ୍କ ହାତରେ ହେଉ



ବୋଲି ଚାହୁଁଥିଲେ। ଏହି କାରଣରୁ ଭଗବାନ ଶିବ ଓ କୁମାରୀଙ୍କର ବିବାହ ହୋଇପାରିଲା ନାହିଁ। ଏହା ମଧ୍ୟରେ କୁମାରୀଙ୍କ ସୌନ୍ଦର୍ଯ୍ୟରେ ଅଭିଭୂତ ବାନାସୁରନ୍ ବିବାହର ପ୍ରସ୍ତାବ କୁମାରୀଙ୍କ ସମ୍ମୁଖରେ ରଖିଥିଲା। ତାଙ୍କୁ ଯୁଦ୍ଧରେ ହରେଇଲେ ସେ ବାନାସୁରନ୍‌ଙ୍କୁ ବିବାହ କରିବେ ବୋଲି ତାଙ୍କ ସମକ୍ଷରେ ପ୍ରସ୍ତାବ ରଖିଥିଲେ କୁମାରୀ। ଦୁଇ ଜଣଙ୍କ ଭିତରେ ଯୁଦ୍ଧ ହେଲା ଓ ବାନାସୁରନ୍‌କୁ ମୃତ୍ୟୁ ପ୍ରାପ୍ତି ହେଲା। ତେଣୁ କୁମାରୀଙ୍କ ସ୍ମରଣରେ ଦକ୍ଷିଣ ଭାରତର ସେହି ସ୍ଥାନର ନାମ ରଖାଯାଇଥିଲା କନ୍ୟାକୁମାରୀ। ଭଗବାନ ଶିବ ଓ କୁମାରୀଙ୍କ ବିବାହର ପ୍ରସ୍ତୁତି ଯେଉଁ ସ୍ଥାନରେ ହୋଇଥିଲା ତାହା ପରବର୍ତ୍ତୀ ସମୟରେ ରଙ୍ଗବେରଙ୍ଗ ବାଲିରେ ପରିବର୍ତ୍ତିତ ହୋଇଗଲା ବୋଲି କୁହାଯାଏ। କନ୍ୟାକୁମାରୀ ଦକ୍ଷିଣ ଭାରତର ମହାନ ଶାସକ ଚୋଳ, ଚେର, ପାଣ୍ଡ୍ୟଙ୍କ ଅଧୀନରେ ରହିଲା। ସେଠାରେ ଥିବା ସ୍ମାରକଗୁଡ଼ିକରେ ଏହି ଶାସକମାନଙ୍କର ଛାପ ଏବେ ବି ସ୍ପଷ୍ଟ ଭାବରେ ଦେଖିବାକୁ ମିଳେ। ତେବେ ଏହି ସ୍ଥାନର ନାମ କନ୍ୟାକୁମାରୀ ରଖିବା ପଛରେ ଉପରୋକ୍ତ ପୌରାଣିକ କାହାଣୀ ରହିଛି।

## ଟ୍ରୋଲିଂ ଏକ ରୋଗ ହୋଇଗଲାଣି: ଭୂମି



ବଲିଉଡ୍‌ର ଏକ ଜଣାଶୁଣା ନାମ-ଭୂମି ପେଡନେକର। କିନ୍ତୁ ଯଦି ତାଙ୍କୁ ସୁଯୋଗ ମିଳେ ତେବେ ଭୂମି ରାଜନୀତିରେ ପ୍ରବେଶ କରିବାକୁ ଚାହୁଁଛନ୍ତି। ରାଜନୀତି ଜରିଆରେ ଦେଶ ସେବା କରିବାକୁ ଚାହୁଁଛନ୍ତି ଭୂମି। ଜଣେ ଭାରତୀୟ ଭାବରେ ସେ ଗର୍ବ କରନ୍ତି। ଭୂମିଙ୍କ ଅନୁସାରେ ବଲିଉଡ୍ ପାଖରେ ସେହିପରି କାହାଣୀ ଆଉ ନାହିଁ ଯେପରି ପୂର୍ବରୁ ଥିଲା। ନିଜର ପ୍ରଥମ ଫିଲ୍ମକୁ ନେଇ ଭୂମି କହନ୍ତି ଯେ ମୁଁ ସେତେବେଳେ ବୁଝି ଯାଇଥିଲି କେବଳ ସେହି ଫିଲ୍ମଗୁଡ଼ିକ ନିଜର ଛାପ ଛାଡ଼ିପାରିବେ ଯେଉଁ ଫିଲ୍ମଗୁଡ଼ିକର କାହାଣୀ ଦେଶ ଉପରେ ଓ ମହିଳାମାନଙ୍କୁ ନେଇ ନିର୍ମିତ ହୋଇଥାଏ। ଆଜି ମହିଳାମାନଙ୍କୁ ପ୍ରାଥମିକତା ଦେଉଥିବା କାହାଣୀଗୁଡ଼ିକର ଆବଶ୍ୟକତା ମଧ୍ୟ ରହିଛି। ତେବେ ଟ୍ରୋଲିଂକୁ ନେଇ ଭୂମି କହିଛନ୍ତି ଯେ ଏହା ଏକ ବେମାରୀ। ଆମେ ଏହି ମହାମାରୀ ସମୟ ଦେଇ ଗତି କରୁଛନ୍ତି। ଏବେ ଟ୍ରୋଲିଂ ଓ ବୁଲିଂ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଯଦିଓ ଟ୍ରୋଲିଂ ପାଇଁ ସେ ଚିନ୍ତିତ ନୁହନ୍ତି କିନ୍ତୁ ପୂର୍ବରୁ ଏଥିପାଇଁ ସେ ବହୁତ ଖରାପ ସମୟ ଦେଇ ଗତି କରିଥିଲେ। ଭୂମି, ବଲିଉଡ୍‌ରେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ ୨୦୧୮ର ଫିଲ୍ମ 'କ୍ଲାଇମେଟ୍ ୱାରିୟର୍' ଜରିଆରେ। ତେଣୁ ସେ ନିଜ ଫିଲ୍ମରେ କ୍ଲାଇମେଟ୍ ସହିତ ଜଡ଼ିତ କାହାଣୀ ଦେଖାଇବାକୁ ଚାହାନ୍ତି। ତେବେ ନିଜ ନିଜର ଜନ୍ମଦିନ ଓ ବିବାହ ସମୟରେ ଗୋଟିଏ ଲେଖାଏଁ ଗଛ ଲଗାଇଲେ ଦେଶ ପାଇଁ କେତେ ବଡ଼ ସେବା ହେବ ବୋଲି ସେ କହିଛନ୍ତି। ନିକଟ ଅତୀତରେ ସାଇକୋଲୋଜିକାଲ୍ ଥ୍ରୀଲର ସିରିଜ 'ଦଲାଲ୍' ଓ ଫିଲ୍ମ 'ମେରେ ହଜ୍‌ବ୍ୟାଣ୍ଡ୍ କୀ ବିୱି'ରେ ଭୂମିଙ୍କୁ ଦେଖିବାକୁ ମିଳିଥିଲା।

## ସାଇକେଲ୍ ଚାଳନା: ଏକ ବଢ଼ିଆ ବ୍ୟାୟାମ



ପିଲାଦିନେ ସାଇକେଲ୍ ଚଲେଇବା ପାଇଁ ସମସ୍ତଙ୍କର ଆଗ୍ରହ ଥାଏ। ଏହି ସାଇକେଲ୍ ଚାଳନା ଆମମାନଙ୍କ ଜୀବନରେ ଅନେକଗୁଡ଼ିଏ ସ୍ୱାସ୍ଥ୍ୟକାରୀ ଲାଭ ପ୍ରଦାନ କରିଥାଏ ବୋଲି ଜାଣିଛନ୍ତି କି ? ଏହା ଏକ ମନୋରଞ୍ଜନର ସାଧନ ହେବା ସହିତ ଏକ ବଢ଼ିଆ ବ୍ୟାୟାମ। ସାଇକେଲିଂର ଗୁରୁତ୍ୱ ପ୍ରତି ଲୋକମାନଙ୍କୁ ଅଧିକ ସଚେତନ କରିବା ପାଇଁ ଆଜି ପୂରା ବିଶ୍ୱ ପାଳନ କରୁଛି ବାଇସାଇକେଲ୍ ଦିବସ। କେବଳ ଅନୁକୂଳ ପର୍ଯ୍ୟାବରଣ ନୁହେଁ ଆମର ସ୍ୱାସ୍ଥ୍ୟ, ଫିଟ୍‌ନେସ୍ ଓ ଜୀବନଶୈଳୀ ପାଇଁ ସାଇକେଲିଂ ବେଶ୍ ଲାଭକାରୀ ହୋଇଥାଏ ବୋଲି ଲୋକମାନଙ୍କୁ ସଚେତନ କରେଇବା ଏହି ଦିବସର ଉଦ୍ଦେଶ୍ୟ। ଜଣେ ସାତ ବର୍ଷର ପିଲା ହୋଇଥାଉ ବା ସତୁରି ବର୍ଷର ବୟସ୍କ ସମସ୍ତଙ୍କ ପାଇଁ ସାଇକେଲ୍ ଚଲେଇବା କେବଳ ଏକ ବ୍ୟାୟାମ ନୁହେଁ, ଫିଟ୍ ରହିବା ଓ ଷ୍ଟ୍ରେସ୍ କମ୍ କରିବାର ଏକ ମଜାଦାର ଉପାୟ ହୋଇପାରେ। ପ୍ରତି ଲୋକ ପାଇଁ ସାଇକେଲ୍ ଚାଳନା ଏକ ଶାନ୍‌ଦାର ବ୍ୟାୟାମ କିନ୍ତୁ ପ୍ରତି ବୟସରେ ଏହା କରିବାର ଉପାୟ ଓ ସମୟ ଅଳ୍ପ ଅଲଗା ହୋଇପାରେ। ତେବେ ୫-୧୨ ବର୍ଷର ପିଲାମାନେ ପ୍ରତିଦିନ ଏକ ଘଣ୍ଟା କୌଣସି ପ୍ରକାରର ଆକ୍ଟିଭିଟି କରିବା ଉଚିତ। ତେଣୁ ସାଇକେଲ୍ ଚଲେଇବା ଏମାନଙ୍କ ପାଇଁ ସବୁଠାରୁ ମଜାଦାର ଓ ପ୍ରଭାବଶାଳୀ ଉପାୟ ବୋଲି କୁହାଯାଏ। ୧୩-୧୯ ବର୍ଷର ଟିନ୍‌ଏଜର୍ସ ପ୍ରତିଦିନ ଏକ ଘଣ୍ଟା ଧରି ବ୍ୟାୟାମ କରିବା ଉଚିତ। ସ୍କୁଲ୍ ଦିନ ହେଉ ଅବା ସାଙ୍ଗସାଥୀଙ୍କ ସହିତ ସାଇକେଲିଂ କରିବା ନା କେବଳ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ ତାହା ନୁହେଁ, ଏହା ଏକ ମନୋରଞ୍ଜନଧର୍ମୀ ବ୍ୟାୟାମ। ୨୦-୬୪ ବର୍ଷର ବୟସ୍କମାନଙ୍କୁ ସପ୍ତାହରେ ୧୫୦-୩୦୦ ମିନିଟ୍ ପର୍ଯ୍ୟନ୍ତ ମଧ୍ୟମ କିମ୍ବା ଦ୍ରୁତ ଗତିରେ ସାଇକେଲ୍ ଚାଳନା କରିବା ପାଇଁ ପରାମର୍ଶ ଦିଆଯାଏ। ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କମାନଙ୍କୁ ସପ୍ତାହରେ ଅତି କମ୍‌ରେ ୧୫୦ ମିନିଟ୍ ପର୍ଯ୍ୟନ୍ତ ହାଲୁକା ଓ ମଧ୍ୟମ ଧରଣର ବ୍ୟାୟାମ କରିବା ପାଇଁ କୁହାଯାଏ। ତେବେ ପ୍ରତି ବୟସର ଲୋକଙ୍କୁ ସାଇକେଲିଂ ଦ୍ୱାରା ଅଲଗା ଅଲଗା ଲାଭ ମିଳେ।

## ଚୀନ୍‌ର ପରମାଣୁ ଚକ୍ରବ୍ୟୂହ

ଯେଉଁଠାରେ ବି ଖାଲି ଓ ନିର୍ଜନ ସ୍ଥାନ ମିଳେ ସେହିଠାରେ ଚୀନ୍ ନିଜର ଶୈତାନ ମସ୍ତିଷ୍କର ବ୍ୟବହାର କରିବାକୁ ଭୁଲେ ନାହିଁ। ଅତୀତରେ ଏହିପରି ଅନେକ ଉଦାହରଣ ଦେଖିବାକୁ ମିଳିଛି। ଏପରି ସ୍ଥାନଗୁଡ଼ିକରେ ଚୀନ୍ ଲୁଚିଛପି ନିଜର ହତିଆର ଲଞ୍ଚ୍ କରିଥାଏ। ବିଶେଷ କରି ଆମ ଦେଶର ସୀମାରେ ଚୀନ୍ ଏହିପରି କାରନାମା କରିବାର ଅଧିକ ଥର ଦେଖିବାକୁ ମିଳିଛି। ନିକଟରେ ସାଟେଲାଇଟ୍‌ରୁ ମିଳିଛି ମରୁଭୂମି କ୍ଷେତ୍ରର ଏକ ଗୁପ୍ତ ଫଟୋ ଯାହା ଆମେରିକାର ହୋସ୍ ଉଡ଼େଇ ଦେଇଛି। ଏହି ଲୋକେସନ୍‌ରେ ଚୀନ୍ ତିନି ସ୍ତରର ନ୍ୟୁକ୍ଲିଅର୍ ଚକ୍ରବ୍ୟୂହର ନିର୍ମାଣ କରୁଛି ଯାହାକୁ ଭେଦ କରିବା ଆମେରିକା ପାଇଁ ଏକ ଅସମ୍ଭବ ପ୍ରକ୍ରିୟା ହୋଇଯିବ। ସାଟେଲାଇଟ୍ ଫଟୋରୁ ରଏଟର୍ସ ଜାଣିପାରିଛି ଯେ ଚୀନ୍, ଉତ୍ତର-ପଶ୍ଚିମ ମରୁଭୂମିରେ ହୋମୀ ନ୍ୟୁକ୍ଲିଅର୍ ସାଇଲୋ ଫିଲ୍ଡ ପାଖରେ ବହୁତ ବଡ଼ ଧରଣର ମିଲିଟାରୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରସ୍ତୁତ କରିବାକୁ ଯାଉଛି। ଆଜି ବି ଆମେରିକାର କୌଣସି ସହରକୁ ପରମାଣୁ ଆକ୍ରମଣ କରି ଧ୍ୱଂସ କରିବାର ତାକତ ରଖିଛି ଚୀନ୍ କିନ୍ତୁ ଏବେ ସବୁଠାରୁ ଲମ୍ବା ଦୂରତାର ମିସାଇଲ୍‌ଗୁଡ଼ିକର ସାଇଲୋ ପାଖରେ ୮୦ରୁ ଅଧିକ କଂକ୍ରିଟ୍ ଲଞ୍ଚ୍ ପ୍ୟାଡ୍ସ ଓ ବଙ୍କରଗୁଡ଼ିକର ପୂରା ନେଟ୍‌ୱର୍କ ବିଛାଇ ରଖିଛି ଚୀନ୍। ଏହି କଂକ୍ରିଟ୍ ପ୍ୟାଡ୍‌ଗୁଡ଼ିକ ଏତେ ବଡ଼ ଯେ ଏଗୁଡ଼ିକର ବ୍ୟବହାର ଚୀନ୍‌ର ମୋବାଇଲ୍ ମିଶାଇଲ ଲଞ୍ଚର୍ସର ଫ୍ଲିଟ୍ ଓ ଏୟାର-ଡିଫେନ୍ସ ମିସାଇଲ୍ ବ୍ୟାଟେରିଗୁଡ଼ିକ ପାଇଁ ସହଜ ହୋଇଯାଇପାରେ। ଏହା ସହିତ ଇଲେକ୍ଟ୍ରିକ ୱାର୍‌ଫେୟାର୍ ଓ ସାଟେଲାଇଟ୍ କମ୍ୟୁନିକେସନ୍ ସହିତ ଜଡ଼ିତ ଖୁବ୍ ଆଧୁନିକ ସ୍ଥଳ ମଧ୍ୟ ପରିଷ୍କାର ନଜର ଆସୁଛି।

**କିପରି କରିଛି-** ମରୁଭୂମିର ନେଟ୍‌ୱର୍କରେ ଅକ୍ଟାଗନ୍ ଆକାରର ଯେଉଁ ମିଲିଟାରୀ ବେସ୍ ମିଳିଛି ସେଥିରୁ ଦୁଇଟିକୁ ବିଗତ ଛଅ ବର୍ଷ ମଧ୍ୟରେ ପୂର୍ବ ଶିନଜିୟାଙ୍ଗରେ ପ୍ରସ୍ତୁତ କରାଯାଇଥିଲା। ଏଥି ମଧ୍ୟରୁ ଉତ୍ତର ଅକ୍ଟାଗନ ବେସ୍‌କୁ ବହୁତ ଚାଲାକିର ସହିତ ଚୀନ୍ ତିନି ସ୍ତରର ଚକ୍ରବ୍ୟୂହ ଭାବରେ ଡିଜାଇନ୍ କରିଛି ଯାହା ସୁରକ୍ଷା ବିଶେଷଜ୍ଞମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ପ୍ରଥମ ସ୍ତରରେ ଏକ ମୁଖ୍ୟ କମାଣ୍ଡ ବିଲ୍ଡିଂ ରହିଛି। ଦ୍ୱିତୀୟ ସ୍ତରରେ ରହିଛି ଅଟ୍ଟାଳିକାର ଏକ ବଡ଼ ଘେର ଯାହା ମିଲିଟାରୀ ଷ୍ଟାଫ୍ ଓ ସୈନ୍ୟମାନଙ୍କ ରହିବା ପାଇଁ ନିର୍ମିତ ହୋଇଛି। ତୃତୀୟ ସ୍ତରରେ ଭାରୀ ମିଲିଟାରୀ ଗାଡ଼ି ଓ ଘାତକ ଟ୍ରକ୍-ମାଉଣ୍ଟେଡ୍ ମିସାଇଲ୍ ଲଞ୍ଚର୍ସକୁ ଲୁଚେଇବା ଓ ଷ୍ଟୋର କରିବା ପାଇଁ କରାଯାଇଛି।



## ମୋତିର ବ୍ୟବହାର: ଲାଭ ଓ ନିୟମ

**ଆଜିର ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଲୋକମାନେ ଛୋଟ ଛୋଟ କଥାରେ କ୍ରୋଧିତ ହେବା, ସେମାନଙ୍କ ମନ ଅଶାନ୍ତ ରହିବା ଏକ ସାଧାରଣ ସମସ୍ୟା ହୋଇଗଲାଣି। ଅନେକ ଲୋକ ପଶ୍ଚାତାପ କରନ୍ତି କିନ୍ତୁ ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ପାଆନ୍ତି ନାହିଁ। ଜ୍ୟୋତିଷ ଶାସ୍ତ୍ରରେ ଏପରି ଲୋକମାନେ ମୋତି ରତ୍ନ ପିନ୍ଧିଲେ ପ୍ରଭାବଶାଳୀ ହୁଅନ୍ତି ବୋଲି କୁହାଯାଏ।**



**ମୋତି ରତ୍ନ-** ଏହା ଚନ୍ଦ୍ର ଗ୍ରହ ସହିତ ଜଡ଼ିତ ହୋଇ ରହିଥିବାରୁ ଆମର ମନ, ଭାବନା ଓ ମାନସିକ ସନ୍ତୁଳନର କାରକ ଅଟେ। ସଠିକ୍ ନିୟମାନୁସାରେ ମୋତିକୁ ଧାରଣ କଲେ ଏହା କ୍ରୋଧକୁ କମ୍ କରିଥାଏ, ମନକୁ ଶାନ୍ତ ରଖେ ଓ ଆତ୍ମବିଶ୍ୱାସ ବୃଦ୍ଧି କରେ।

**ମହତ୍ତ୍ୱ-** ସବୁଠାରୁ ସୌମ୍ୟ କିନ୍ତୁ ଶକ୍ତିଶାଳୀ ରତ୍ନଗୁଡ଼ିକ ମଧ୍ୟରେ ମୋତି ରତ୍ନର ନାମ ରହିଛି। ଯେଉଁ ଜାତକରେ ଚନ୍ଦ୍ର ଗ୍ରହ ଦୁର୍ବଳ ସ୍ଥିତିରେ ଥାଏ ସେହି ଲୋକମାନଙ୍କ ମଧ୍ୟରେ ଚିଡ଼ଚିଡ଼ାପଣ, ଚାପ, ଅନିଦ୍ରା ଓ ଭାବନାତ୍ମକ ଅସ୍ଥିରତା ଦେଖାଦେବା ସାଧାରଣ ଘଟଣା। ମୋତି ରତ୍ନ ଏହି ସମସ୍ୟାଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରେ। ଏହା କେବଳ ମନକୁ ଶାନ୍ତ କରେନାହିଁ ଚିନ୍ତା କରିବାର ଶକ୍ତିକୁ ବୃଦ୍ଧି କରାଏ ଯେଉଁଥି ପାଇଁ ନିଷ୍ପତ୍ତି ନେବା ସହଜ ହୋଇଯାଏ। ଛୋଟ ଛୋଟ କଥା ଉପରେ ଯେଉଁମାନଙ୍କୁ କ୍ରୋଧ ଆସେ ବା ମନରେ ଲଗାତର ନକାରାତ୍ମକ ବିଚାର ଆସେ ସେମାନଙ୍କ ପାଇଁ ମୋତି ବେଶ୍ ଲାଭକାରୀ ପ୍ରମାଣିତ ହୋଇଛି। ଏହା ଭାବନାରେ ସ୍ଥିରତା ଆଣେ, ଅସ୍ତବ୍ୟସ୍ତ କମ୍ କରାଏ ଓ ମନୋବଳ ବୃଦ୍ଧି କରେ। ନିୟମିତ ଭାବରେ ମୋତି ଧାରଣ କଲେ ଧୈର୍ଯ୍ୟ ଶକ୍ତି ବୃଦ୍ଧି ହୁଏ। ଗଭୀର ନିଦ୍ରା ଆସେ ଓ ମଣିଷ ଦିନସାରା ତାଜା ଅନୁଭବ କରେ।

**କେଉଁ ରାଶିମାନେ ମୋତି ପିନ୍ଧିବେ-** ଜ୍ୟୋତିଷ ଶାସ୍ତ୍ର ଅନୁସାରେ ମେଷ, ବିଛା, କର୍କଟ ଓ ମୀନ ରାଶିର ଲୋକମାନଙ୍କ ପାଇଁ ମୋତି ବିଶେଷ ଲାଭପ୍ରଦ ହୋଇଥାଏ।

# ବାହୁତୁଲେ ଟିମ୍ ଇଣ୍ଡିଆ ସ୍ପିନ୍ ବୋଲିଂ କୋଚ୍



**ମୁମ୍ବାଇ,୨୬/ଏଜେନ୍ସି:** ପୂର୍ବତନ ଭାରତୀୟ ସ୍ପିନର୍ ସାଇରାଜ ବାହୁତୁଲେଙ୍କୁ ବିସିସିଆଇ ଭାରତୀୟ ପୁରୁଷ ସିନିୟର୍ ଟିମ୍‌ର ସ୍ପିନ୍ ବୋଲିଂ କୋଚ୍ ନିଯୁକ୍ତ କରିଛି। ମଙ୍ଗଳବାର ବିସିସିଆଇ ପକ୍ଷରୁ ଏହି ଘୋଷଣା କରାଯାଇଛି। ବୋର୍ଡର ବୟାନରେ କୁହାଯାଇଛି, ବାହୁତୁଲେ ଘରୋଇ ଏବଂ ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ସ୍ପିନ୍ ବୋଲରଙ୍କୁ ପ୍ରସ୍ତୁତ କରିବା ଏବଂ ସୁଧାରିବା ପାଇଁ ଜଣାଯାଇଥାନ୍ତି। ତାଙ୍କ ଅନୁଭବ ଭାରତୀୟ ଟିମ୍‌କୁ ଲାଭ ପ୍ରଦାନ କରିବ।' ୫୩ ବର୍ଷୀୟ ବାହୁତୁଲେ ଏହି ନିଯୁକ୍ତିକୁ ନେଇ ଖୁସିବ୍ୟକ୍ତ କରିବା ସହିତ କହିଛନ୍ତି, 'ଭାରତୀୟ ପୁରୁଷ ଟିମ୍‌ର ସ୍ପିନ୍ ବୋଲିଂ କୋଚ୍ ନିଯୁକ୍ତ ହେବା ମୋ ପାଇଁ ବହୁତ ବଡ଼ ସମ୍ମାନ।'

ସାଇରାଜ ବାହୁତୁଲେ ଭାରତ ପାଇଁ ଦୁଇଟି ଟେଷ୍ଟ ଏବଂ ଆଠ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ତାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟର୍ ପ୍ରାୟ ଦୁଇ ଦଶକ ଧରି ଚାଲିଥିଲା। ୧୮୮ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ସେ ୬୩୦ ୱିକେଟ୍ ନେଇଛନ୍ତି। ଏହା ସହିତ ସେ ୬୧୭୬ ରନ୍ ମଧ୍ୟ କରିଛନ୍ତି। ଘରୋଇ କ୍ରିକେଟ୍‌ରେ ସେ ମୁମ୍ବାଇ, ମହାରାଷ୍ଟ୍ର ଏବଂ ବିଦର୍ଭ ପକ୍ଷରୁ ଖେଳି ଉନ୍ନତ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ଖେଳାଳି କ୍ୟାରିୟର୍ ପରେ ସେ କୋଚିଂ ଆରମ୍ଭ କରିଥିଲେ। ସେ ବିଦର୍ଭ, କେରଳ, ଗୁଜରାଟ ଏବଂ ବେଙ୍ଗଲ ଟିମ୍‌ର ମୁଖ୍ୟ କୋଚ୍ ରୂପେ କାମ କରିଛନ୍ତି। ସେହିପରି ଆଇପିଏଲ୍‌ରେ ସେ ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗସରେ ସ୍ପିନ୍ ବୋଲିଂ କୋଚ୍ ଭୂମିକା ତୁଲାଇଛନ୍ତି। ଘରୋଇ ଏବଂ ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ତାଙ୍କ କାମ ବହୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ବାହୁତୁଲେ ୨୦୨୨ରେ ଅଣ୍ଡର-୧୯ ବିଶ୍ୱକପ୍ ବିଜେତା ଭାରତୀୟ ଟିମ୍‌ର ବୋଲିଂ କୋଚ୍ ଥିଲେ। ୨୦୨୪ରେ ଅଣ୍ଡର୍-୧୯ ବିଶ୍ୱକପ୍‌ରେ ମଧ୍ୟ ସେ କୋଚିଂ ଷ୍ଟାଫ୍‌ର ଅଂଶବିଶେଷ ରହିଥିଲେ। ଏହା ବ୍ୟତୀତ ସେ ଭାରତ-ଏ' ଏବଂ ସିନିୟର ପୁରୁଷ ଟିମ୍ ସହିତ ମଧ୍ୟ କେତେକ ଗସ୍ତରେ କୋଚ୍ ଭାବେ କାମ କରିଛନ୍ତି। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ବିସିସିଆଇର ନାସ୍‌ନାଲ୍ କ୍ରିକେଟ୍ ଏକାଡେମୀ (ଏବକାର ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ)ର କୋଚିଂ ସେଟ୍‌ଅପ୍‌ର ମଧ୍ୟ ପ୍ରମୁଖ ଅଂଶବିଶେଷ ଥିଲେ।

# ଭାରତୀୟ ଟେଷ୍ଟ ଟିମ୍‌ରେ ଆକିବ୍ ନବୀ



**ନୂଆଦିଲ୍ଲୀ,୨୬/ଏଜେନ୍ସି:** ଜମ୍ମୁ-କଶ୍ମୀରର ଫାଷ୍ଟ ବୋଲର୍ ଆକିବ୍ ନବୀ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍ ପୂର୍ବରୁ ଟିମ୍ ଇଣ୍ଡିଆରେ ଯୋଗ ଦେଇଛନ୍ତି। ଚଣ୍ଡିଗଡ଼ରେ ଚାଲିଥିବା ଭାରତୀୟ କ୍ୟାମ୍ପରେ ତାଙ୍କୁ ନେଟ୍ ବୋଲର୍ ଭାବେ ସାମିଲ କରାଯାଇଛି। ମ୍ୟାଚ୍ ଜୁନ୍ ୬ରୁ ମୁଲ୍ଲାନପୁର ଷ୍ଟାଡିୟମ୍‌ରେ ଖେଳାଯିବ। ୨୯ ବର୍ଷୀୟ ନବୀଙ୍କୁ ମେ' ୧୯ ତାରିଖରେ ଜାରି ଟେଷ୍ଟ ଏବଂ ଦିନିକିଆ ଟିମ୍‌ରେ ଚୟନ କରାଯାଇ ନଥିଲା। ରିପୋର୍ଟ ଅନୁସାରେ ତାଙ୍କୁ ଭାରତୀୟ ଟିମ୍‌ର ପରିସ୍ଥିତିରେ ଖାପ ଖୁଆଇବା ନିମନ୍ତେ ଡକାଯାଇଛି। କିଛିଦିନ ତଳେ ପ୍ରିନ୍ସ ଯାଦବଙ୍କୁ ମଧ୍ୟ ଟିମ୍‌ରେ ଯୋଡ଼ାଯାଇଥିଲା।

ନବୀ ଗତ ଦୁଇଟି ରଣଜୀ ସିଜନ୍‌ରେ ଘରୋଇ କ୍ରିକେଟ୍‌ର ସବୁଠୁ ସଫଳ ଫାଷ୍ଟ ବୋଲର୍ ରହିଛନ୍ତି। ସେ ଗତ ସିଜନ୍‌ରେ ୧୭ ଇନିଂସ୍‌ରେ ୬୦ ୱିକେଟ୍ ଅକ୍ତିଆର କରିଛନ୍ତି। ଏହା ସହିତ ସେ ଜମ୍ମୁ-କଶ୍ମୀରଙ୍କୁ ପ୍ରଥମ ତର ଚାମ୍ପିଅନ୍ କରାଇଥିଲେ। ଗତ ଦୁଇଟି ସିଜନ୍‌ରେ ତାଙ୍କ ନାମରେ ୧୦୪ ୱିକେଟ୍ ରହିଛି। ନବୀଙ୍କୁ ଟିମ୍ ଇଣ୍ଡିଆର ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ସମ୍ଭାବ୍ୟ ବିକଳ୍ପ ବୋଲି କୁହାଯାଉଛି। ଅକ୍ଟୋବରରେ ହେବାକୁ ଥିବା ଏହି ଗସ୍ତରେ ଭାରତୀୟ ଟିମ୍‌କୁ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବାର ଅଛି। ସିମ୍ ଏବଂ ସ୍ୱିଙ୍ଗ୍ ପାଇଁ ସହାୟକ ସେଠାକାର ପରିସ୍ଥିତି ନବୀଙ୍କ ସପକ୍ଷରେ ଯାଇପାରେ।

# ଫ୍ରେଞ୍ଚ ଓପନ୍ | ପ୍ରଥମ ଥର ସେମିଫାଇନାଲ୍‌ରେ କୋସ୍ଟ୍ୟୁକ୍

**ପ୍ୟାରିସ୍,୨୬/ଏଜେନ୍ସି:** ଚଳିତ ସିଜନ୍‌ର କ୍ଲେ କୋର୍ଟରେ ଚମତ୍କାର ଲୟରେ ଥିବା ୟୁକ୍ରେନ୍ ଟେନିସ୍ ଖେଳାଳି ମାର୍ତା କୋସ୍ଟ୍ୟୁକ୍ ଫ୍ରେଞ୍ଚ ଓପନ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ କୋସ୍ଟ୍ୟୁକ୍ ନିଜ ଦେଶର ଏଲିନା ସ୍ୱିତୋଲିନାଙ୍କୁ ୬-୩, ୨-୬, ୬-୨ ସେଟ୍‌ରେ ହରାଇ କ୍ୟାରିୟରରେ ପ୍ରଥମ ଥର ପାଇଁ ଗ୍ରାଣ୍ଡସ୍ଲାମ୍ ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ସେମିଫାଇନାଲ୍‌ରେ ସେ ରୁଷର ମୀରା ଆନ୍ଦ୍ରିଭାଙ୍କୁ ଭେଟିବେ।

କୋସ୍ଟ୍ୟୁକ୍ ପ୍ରଫେସନାଲ୍ ଏରା (୧୯୬୮ ପରେ) ଫ୍ରେଞ୍ଚ ଓପନ୍ ସେମିଫାଇନାଲ୍‌ରେ ପହଞ୍ଚିବାରେ ୟୁକ୍ରେନ୍‌ର ପ୍ରଥମ ମହିଳା ଖେଳାଳି ହୋଇଛନ୍ତି। ଅନ୍ୟପକ୍ଷରେ ସ୍ୱିତୋଲିନା ଅନ୍ୟ ତିନି ଗ୍ରାଣ୍ଡସ୍ଲାମ୍ ସେମିଫାଇନାଲ୍ ଖେଳିସାରିଥିବା ସ୍ୱିତୋଲିନା ଫ୍ରେଞ୍ଚ ଓପନ୍ କ୍ୱାର୍ଟର୍ ଫାଇନାଲ୍‌ରେ ଷଷ୍ଠ ଥର ମଧ୍ୟ ବିଜୟ ହାସଲ କରିପାରି ନାହାନ୍ତି।

୧୯ ବର୍ଷୀୟା ଆନ୍ଦ୍ରିଭା ଅନ୍ୟ ଏକ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ରୋମାନିଆର ଅନୁଭବୀ ଖେଳାଳି ସୋରାନା ସିର୍ଷ୍ଟିୟାଙ୍କୁ ୬-୦, ୬-୩ ସିଧା ସେଟ୍‌ରେ ହରାଇଛନ୍ତି। ୧୭ ବର୍ଷର ଦୀର୍ଘ

### ଜ୍ୱେରେଭ୍, ଆନ୍ଦ୍ରିଭା ବି ଅନ୍ତିମ ଚାରିରେ

ବ୍ୟବଧାନ ପରେ ଫ୍ରେଞ୍ଚ ଓପନ୍ କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଥିବା ୩୬ ବର୍ଷୀୟା ସିର୍ଷ୍ଟିୟା ପ୍ରଥମରୁ ଲୟ ହାସଲ କରିପାରିନଥିଲେ। ଆନ୍ଦ୍ରିଭାଙ୍କ ସଠିକ୍ ଗ୍ରାଉଣ୍ଡ ଷ୍ଟ୍ରୋକ୍ ଏବଂ ଆକାଟାଙ୍କି ନେଟ୍ ପ୍ଲେ ସାମ୍ନାରେ ସେ ଅଧିକ ସମୟ ତିଷ୍ଠିପାରି ନଥିଲେ। ଆନ୍ଦ୍ରିଭା ଦୁଇବର୍ଷ ପରେ ପ୍ରଥମ ଥର ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି।



ଜର୍ମାନୀର ଆଲେକ୍‌ଜାଣ୍ଡର୍ ଜ୍ୱେରେଭ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ଜର୍ମାନ୍ ଖେଳାଳି ମଙ୍ଗଳବାର କ୍ୱାର୍ଟର୍ ଫାଇନାଲ୍‌ରେ ସ୍ପାନିସ୍ ଟିନ୍‌ଏଜର୍ ଖେଳାଳି ରାଫେଲ୍ ଜୋଦାର୍‌ଙ୍କୁ ୭-୬(୩), ୬-୧, ୬-୩ରେ ହରାଇ ଦେଇଛନ୍ତି। ଆହତ କାର୍ଲୋସ୍ ଅଲ୍‌କାରାଜ୍‌ଙ୍କ ଅନୁପସ୍ଥିତି ସହିତ ବିଶ୍ୱ ନମ୍ବର-୧ ଜାନିକ୍ ସିନର୍ ଏବଂ ୨୪ ଥରର ଗ୍ରାଣ୍ଡସ୍ଲାମ୍ ବିଜେତା ନୋଭାକ୍ ଜୋକୋଭିଚ୍‌ଙ୍କ ବିଦାୟ ପରେ ଜ୍ୱେରେଭ୍‌ଙ୍କ ନିକଟରେ ପ୍ରଥମ ଫ୍ରେଞ୍ଚ ଓପନ୍ ଜିତିବାର ସୁବର୍ଣ୍ଣ ସୁଯୋଗ ରହିଛି। ସେମିଫାଇନାଲ୍‌ରେ ଜ୍ୱେରେଭ୍ ଚେକ୍ ଗଣରାଜ୍ୟର ଜାକୁବ୍ ମେନ୍‌ସିକ୍ ଏବଂ ବ୍ରାଜିଲ୍‌ର ଜୋଆଓ ଫୋନ୍‌ସେକାଙ୍କ ମଧ୍ୟରେ ମ୍ୟାଚ୍‌ର ବିଜେତାଙ୍କୁ ଭେଟିବେ।

ଅନ୍ୟପକ୍ଷରେ ବିଶ୍ୱ ନମ୍ବର-୧ ମହିଳା ଖେଳାଳି ଆରିନା ସାବାଲେଙ୍କା ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଛନ୍ତି। ଟପ୍ ସିଡ୍ ସାବାଲେଙ୍କା ୧ ଘଣ୍ଟା ୨୭ ମିନିଟ୍‌ର ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଜାପାନର ନାଓମୀ ଓସାକାଙ୍କୁ ୭-୫, ୬-୩ ସିଧା ଗେମ୍‌ରେ ହରାଇ ଦେଇଛନ୍ତି। ଗତ ତିନିବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ରାତିରେ ଆୟୋଜିତ ହୋଇଥିବା ଏହି ମହିଳା ସିଙ୍ଗଲ୍ସ ମ୍ୟାଚ୍ ଦେଖିବାକୁ ବହୁ ସଂଖ୍ୟକ ପ୍ରଶଂସକଙ୍କ ଭିଡ଼ ହୋଇଥିଲା।

# ଟିମ୍ ଡେଭିଡ୍ ଗୋଟିଏ ଆଇପିଏଲ୍ ମ୍ୟାଚ୍‌ରୁ ବ୍ୟାନ୍

**ନୂଆଦିଲ୍ଲୀ,୨୬/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଚାମ୍ପିଅନ୍ ହେବାର ଗୋଟିଏ ଦିନ ପରେ ଟିମ୍‌ର ଜଣେ ଖେଳାଳିଙ୍କୁ ଝଟ୍‌କା ଲାଗିଛି। ଟିମ୍‌ର ଅନ୍ୟତମ ସଦସ୍ୟ ଟିମ୍ ଡେଭିଡ୍‌ଙ୍କୁ ଗୋଟିଏ ମ୍ୟାଚ୍‌ରୁ ବ୍ୟାନ୍ କରାଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଅମ୍ପାୟାର୍ ନିତିନ୍ ମେନନ୍‌ଙ୍କ ଉପରକୁ ସେ ଆଇସ୍ ବ୍ୟାଗ୍ ଫିଙ୍ଗିଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଫାଇନାଲ୍‌ରେ ଗୁଜରାଟ ଟାଇଟନ୍ସ ଇନିଂସ୍‌ର ୧୦ମ ଓଭର୍‌ରେ ଗୋଟିଏ ୱିକେଟ୍ ପତନ ପରେ ଡେଭିଡ୍ ଆକ୍ରମଣାତ୍ମକ ଭାବେ ମେନନ୍‌ଙ୍କ ଆଡ଼କୁ ଆଇସ୍ ବ୍ୟାଗ୍ ଫିଙ୍ଗିଥିଲେ। ଆଇପିଏଲ୍‌ର ଆଧିକାରିକ ବୟାନ ଜାରିକରି ଡେଭିଡ୍‌ଙ୍କୁ ଫାଇନାଲ୍ ମ୍ୟାଚ୍ ଫି'ର ୫୦ ପ୍ରତିଶତ ଜୋରିମାନା କରିଥିବା ବେଳେ ୨ ଡିମେରିଟ୍ ପଏଣ୍ଟ ମଧ୍ୟ ଦେଇଛି। ଡେଭିଡ୍ ଆଇପିଏଲ୍ ଆଚାର ସଂହିତାର ଧାରା ୨.୯ ଅନୁସାରେ ଦୋଷୀ ହୋଇଛନ୍ତି। ଏହା ପୂର୍ବରୁ ଚଳିତ ସିଜନ୍‌ରେ ତାଙ୍କୁ ଦୁଇଟି ମ୍ୟାଚ୍‌ରେ ୩ ଡିମେରିଟ୍ ପଏଣ୍ଟ ମଧ୍ୟ ମିଳିଥିଲା। ଫାଇନାଲ୍‌ର ପଏଣ୍ଟକୁ ମିଶାଇ ୨୦୨୬ ସିଜନ୍‌ରେ ଡେଭିଡ୍‌ଙ୍କୁ ମୋଟ ୫ ଡିମେରିଟ୍ ପଏଣ୍ଟ ମିଳିଥିବାରୁ ତାଙ୍କ ଉପରେ ଗୋଟିଏ ମ୍ୟାଚ୍‌ର ବ୍ୟାନ୍ ଲଗାଯାଇଛି। ଏହି ପ୍ରତିବନ୍ଧ ଆଗାମୀ ଆଇପିଏଲ୍ (୨୦୨୭) ସିଜନ୍‌ରେ କାର୍ଯ୍ୟକାରୀ ହେବ।

### ହାର୍ଦ୍ଦିକ-ରୋହିତଙ୍କୁ ବିସିସିଆଇ ଅଲ୍‌ଟିମେଟମ୍

# ପ୍ରଥମେ ଫିଟ୍‌ନେସ୍, ପରେ ସିଲେକ୍ସନ୍

**ମୁମ୍ବାଇ,୨୬/ଏଜେନ୍ସି:** ଆଫଗାନିସ୍ତାନ ବିପକ୍ଷ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆ ଷ୍ଟାର୍ ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନିଜ ଫିଟ୍‌ନେସ୍ ସାବ୍ୟସ୍ତ କରିବାକୁ ହେବ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ସ୍ପଷ୍ଟ କରିଛି ଯେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ହାସଲ ପୂର୍ବରୁ ତାଙ୍କୁ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ (ସିଓଇ)ରୁ ଫିଟ୍‌ନେସ୍ କ୍ଲିୟରାନ୍ସ ହାସଲ କରିବାକୁ ହେବ। ହାର୍ଦ୍ଦିକଙ୍କ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଥିଲେ ମଧ୍ୟ ତାଙ୍କ ନାମ ସହିତ ଫିଟ୍‌ନେସ୍ ସମ୍ବନ୍ଧୀୟ ସର୍ତ୍ତ ମଧ୍ୟ ଯୋଡ଼ାଯାଇଛି। ରିପୋର୍ଟ ଅନୁସାରେ ହାର୍ଦ୍ଦିକ ମଙ୍ଗଳବାର (ଜୁନ୍ ୨)ରେ ବେଙ୍ଗାଲୁରୁସ୍ଥିତି ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସି (ସିଓଇ)ରେ ପହଞ୍ଚିଛନ୍ତି ଏବଂ ସିରିଜ୍ ଆରମ୍ଭ ପୂର୍ବରୁ ସେଠାରେ ସେ ଏକ ସପ୍ତାହରୁ ଅଧିକ ସମୟ ବିତାଇବେ।

ଏହି ଅବସରରେ ୩୨ ବର୍ଷୀୟ ଅଲ୍‌ରାଉଣ୍ଡରଙ୍କୁ ଫିଟ୍‌ନେସ୍ ଡ୍ରିଲ୍, ଫିଜିକାଲ୍ ଆସେସ୍‌ମେଣ୍ଟ ଦେଇ ଗତି କରିବାକୁ ହେବ। ସମସ୍ତ ମାନକ ପାସ୍ କରିବା ପରେ ତାଙ୍କୁ ଆର୍‌ଟିପି (ରିଟର୍ଣ୍ଣ ଟୁ ପ୍ଲେ) ମଞ୍ଜୁରୀ ମିଳିବ। ଏହାପରେ ହିଁ ସିରିଜ୍‌ରେ ତାଙ୍କ ଉପଲବ୍ଧତା ଉପରେ ଅନ୍ତିମ ନିର୍ଣ୍ଣୟ ନିଆଯିବ। ହାର୍ଦ୍ଦିକଙ୍କ ପାଇଁ ଏହି ଫିଟ୍‌ନେସ୍ ଟେଷ୍ଟ ଏଥିପାଇଁ ବି ଗୁରୁତ୍ୱପୂର୍ଣ୍ଣ ଯେ ଆଇପିଏଲ୍ ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ବେଳେ ତାଙ୍କୁ ପିଠି ଯନ୍ତ୍ରଣା ସମସ୍ୟା ଭୋଗିବାକୁ ପଡ଼ିଥିଲା। ଏହି କାରଣରୁ ସେ ଟୁର୍ଣ୍ଣାମେଣ୍ଟର କେତେକ ମ୍ୟାଚ୍‌ରେ ଖେଳିପାରି ନଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଫାଇନାଲ୍ ତାଙ୍କର ଅନ୍ତିମ ଦିନିକିଆ ମ୍ୟାଚ୍ ଥିଲା।




ହାର୍ଦ୍ଦିକଙ୍କ ବ୍ୟତୀତ ପୂର୍ବତନ ଭାରତୀୟ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କୁ ମଧ୍ୟ ସିଓଇରେ ରିପୋର୍ଟ କରିବାକୁ ବିସିସିଆଇ କହିଛି। ଆଇପିଏଲ୍ ଅବସରରେ ରୋହିତ ହାମ୍‌ଷ୍ଟ୍ରିଙ୍ଗ୍ ଇନ୍‌ଜୁରୀ ଆଘାତ ସହ ସଂଘର୍ଷ କରୁଥିଲେ। ଏହି କାରଣରୁ ଆଫଗାନିସ୍ତାନ ବିପକ୍ଷ ସିରିଜ୍ ପାଇଁ ଘୋଷିତ ଭାରତୀୟ ଟିମ୍‌ରେ ତାଙ୍କ ନାମ ଆଗରେ ଫିଟ୍‌ନେସ୍ ସମ୍ବନ୍ଧିତ ସର୍ତ୍ତ ଲଗାଯାଇଛି। ଅବଶ୍ୟ ମୁମ୍ବାଇ ଇଣ୍ଡିଆନ୍ସ ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନେ ନିକଟରେ ଦାବି କରିଥିଲେ ଯେ ରୋହିତ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ତାଙ୍କ ଅନୁସାରେ ଆଘାତରୁ ସୁସ୍ଥ ହେବା ପାଇଁ ରୋହିତଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲା ଏବଂ ମେଡିକାଲ୍ ଟିମ୍ ତାଙ୍କୁ ଶତପ୍ରତିଶତ ଫିଟ୍ ମାନିଛି। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆଇପିଏଲ୍‌ରେ ରୋହିତଙ୍କୁ ଇମ୍ପାକ୍ଟ ପ୍ଲେୟର୍ ଭାବେ ବ୍ୟବହାର କରାଯିବା ଟିମ୍ ରଣନୀତିର ଅଂଶବିଶେଷ ଥିଲା। ଏହା ସହିତ ତାଙ୍କ ଫିଟ୍‌ନେସ୍‌ର କୌଣସ ସମ୍ପର୍କ ନାହିଁ।

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ଜୁନ୍ ୧୩ରୁ ଧର୍ମଶାଳା ଏଚ୍‌ପିସିଏ ଷ୍ଟାଡିୟମ୍‌ରେ ଆରମ୍ଭ ହେବ। ଦ୍ୱିତୀୟ ମ୍ୟାଚ୍ ଜୁନ୍ ୧୭ (ଲକ୍ଷ୍ନୌ) ଏବଂ ତୃତୀୟ ମ୍ୟାଚ୍ ଜୁନ୍ ୨୦ରେ (ଚେନ୍ନାଇ) ଖେଳାଯିବ।

**ଭାରତୀୟ ଟିମ୍:** ଶୁଭମନ ଗିଲ୍ (କ୍ୟାପ୍‌ଟେନ୍), ରୋହିତ ଶର୍ମା (ଫିଟ୍‌ନେସ୍ ଉପରେ ନିର୍ଭରଶୀଳ), ବିରାଟ କୋହଲି, ଶ୍ରେୟସ୍ ଆୟର୍ (ଭାଇସ୍ କ୍ୟାପ୍‌ଟେନ୍), କେଏଲ୍ ରାହୁଲ (ୱିକେଟ୍‌କିପର୍), ଇଶାନ୍ କିଶନ୍ (ୱିକେଟ୍‌କିପର୍), ହାର୍ଦ୍ଦିକ ପାଣ୍ଡ୍ୟା ((ଫିଟ୍‌ନେସ୍ ଉପରେ ନିର୍ଭରଶୀଳ), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ୍ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଗୁରନୁର ବରାର ଏବଂ ହର୍ଷ ଦୁବେ।

# କୋଲ୍‌କାତାର ଲେକ୍ ଟାଉନ୍‌ରୁ ହଟିଲା ମେସିଙ୍କ ୭୦ ଫୁଟର ମୂର୍ତ୍ତି

**କୋଲ୍‌କାତା,୨୬/ଏଜେନ୍ସି:** ପଶ୍ଚିମବଙ୍ଗ ରାଜଧାନୀ କୋଲ୍‌କାତାର ଲେକ୍ ଟାଉନ୍ ଅଞ୍ଚଳରେ ସ୍ଥାପିତ ଆର୍ଜେଣ୍ଟିନାର ମହାନ୍ ଫୁଟ୍‌ବଲର୍ ଲିଓନେଲ୍ ମେସିଙ୍କ ୭୦ ଫୁଟ୍



ଉଚ୍ଚତାର ମୂର୍ତ୍ତିକୁ ସୋମବାର ସୁରକ୍ଷା କାରଣରୁ ହଟାଇ ଦିଆଯାଇଛି। ନିକଟରେ ହୋଇଥିବା ଜୋର୍‌ଦାର ଝଡ଼ ତୋଫାନରେ ମୂର୍ତ୍ତିଟି ଅସ୍ଥିର ହୋଇଥିବା ଅଭିଯୋଗ ଆସିଥିଲା। ଲୋକ ନିର୍ମାଣ (ପଡବ୍ଲ୍ୟୁଡି) ବିଭାଗ ପକ୍ଷରୁ ମୂର୍ତ୍ତିକୁ ଏକ ହାଇଡ୍ରୋଲିକ୍ କ୍ରେନ୍ ସାହାଯ୍ୟରେ ସାବଧାନତାର ସହ ପ୍ଲାଟ୍‌ଫର୍ମରୁ ହଟାଇ ଟ୍ରକ୍‌ରେ ଲଦା ଯାଇଥିଲା। ଏହି ପ୍ରକ୍ରିୟା ଅବସରରେ ମୂର୍ତ୍ତିକୁ କୌଣସି ପ୍ରକାର କ୍ଷତି ହୋଇନାହିଁ ଏବଂ ଏହାକୁ ପିଡବ୍ଲ୍ୟୁଡି ତଦାରଖରେ ରଖାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଏହାକୁ ପୁଣିଥରେ କେଉଁଠି ସ୍ଥାପିତ କରାଯିବ ସେ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ।

# ଆଇପିଏଲ୍ ଜିତିବା ପରେ ବୃନ୍ଦାବନରେ କୋହଲି

**ନୂଆଦିଲ୍ଲୀ,୨୬/ଏଜେନ୍ସି:** ଲଗାତାର ଦ୍ୱିତୀୟ ଥର ଆଇପିଏଲ୍ ଜିତିବା ପରେ କ୍ରିକେଟର୍ ବିରାଟ କୋହଲି ପତ୍ନୀ ଅନୁଷ୍କା ଶର୍ମାଙ୍କ ସହିତ ବୃନ୍ଦାବନରେ ସନ୍ଥ ପ୍ରେମାନନ୍ଦ ଜୀ'ଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ନେଇଛନ୍ତି। ମଙ୍ଗଳବାର ସକାଳ ୭ଟା ବେଳେ ଦୁହେଁ କେଳୀ କୁଞ୍ଜ ଆଶ୍ରମରେ ପହଞ୍ଚିଥିଲେ।

### ପ୍ରେମାନନ୍ଦ ଜୀ'ଙ୍କ ଆଶୀର୍ବାଦ ନେଲେ



ମୁହଁରେ ମାସ୍କ ପିନ୍ଧି ଦୁହେଁ କାର୍‌ରୁ ଓହ୍ଲାଇବା ସହିତ ଖାଲି ପାଦରେ ଆଶ୍ରମ ଭିତରକୁ ଯାଇଥିଲେ। ଦୁହେଁ ପ୍ରାୟ ଦୁଇଘଣ୍ଟା ଆଶ୍ରମରେ ବିତାଇଥିଲେ। ବାହାରକୁ ଆସିବା ବେଳେ ଦୁହିଁଙ୍କ ମୁଣ୍ଡରେ ଚନ୍ଦନ ଏବଂ ତ୍ରିପୁଣ୍ଡ ଲାଗିଥିବା ଦେଖିବାକୁ ମିଳିଥିଲା। ପ୍ରେମାନନ୍ଦଙ୍କୁ ଭେଟିବା ପରେ ଦୁହେଁ ଚାଲିଚାଲି ୧୫୦ ମିଟର ଦୂର ଗୁରୁ ହିତ ଗୋବିନ୍ଦ ଶରଣ ମହାରାଜଙ୍କ ଆଶ୍ରମକୁ ଯାଇଥିଲେ। ସେଠାରେ ହିତ ଗୋବିନ୍ଦ ମହାରାଜଙ୍କ ଦର୍ଶନ କରିଥିଲେ। ଏହା ପୂର୍ବରୁ ବିରାଟ ଓ ଅନୁଷ୍କା ଚଳିତ ବର୍ଷ ଏପ୍ରିଲ୍ ୨୦ ଅକ୍ଷୟ ତୃତୀୟା ଦିନ ମଧ୍ୟ ସନ୍ଥ ପ୍ରେମାନନ୍ଦ ଜୀ'ଙ୍କୁ ଦର୍ଶନ କରିବା ସହିତ ସତ୍‌ସଙ୍ଗରେ ଭାଗ ନେଇଥିଲେ।

# ଇଣ୍ଡୋନେସିଆ ଓପନ୍ ଦ୍ୱିତୀୟ ରାଉଣ୍ଡ୍‌ରେ ସିନ୍ଧୁ



### ଶ୍ରୀକାନ୍ତ, ଲକ୍ଷ୍ୟ ଓ ମାଳବିକା ଆଉଟ୍

**ଜାକର୍ତ୍ତା,୨୬/ଏଜେନ୍ସି:** ଭାରତର ଷ୍ଟାର୍ ଶଟ୍‌ଲର୍ ପିଭି ସିନ୍ଧୁ ଇଣ୍ଡୋନେସିଆ ଓପନ୍ ସୁପର୍ ୧୦୦୦ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ତେବେ ପୂର୍ବତନ ବିଶ୍ୱ ନମ୍ବର-୧ କିଦାମ୍ବୀ ଶ୍ରୀକାନ୍ତ, ଲକ୍ଷ୍ୟ ସେନ୍ ଏବଂ ମାଳିକା ବନ୍‌ସୋଡ୍ ପ୍ରଥମ ରାଉଣ୍ଡ୍‌ରୁ ବାଦ୍ ପଡ଼ିଛନ୍ତି। ବିଶ୍ୱ ନମ୍ବର-୧୨ ସିନ୍ଧୁ ମଙ୍ଗଳବାର ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଥାଇଲାଣ୍ଡ୍‌ର ବୁସାନନ୍ ଅଙ୍ଗବାମରୁଙ୍ଗଫାନ୍‌ଙ୍କୁ ୨୫-୨୩, ୨୧-୧୬ ସିଧା ଗେମ୍‌ରେ ହରାଇ ଦେଇଛନ୍ତି। ୫୧ ମିନିଟ୍‌ର ଏହି ମ୍ୟାଚ୍‌ରେ ସିନ୍ଧୁଙ୍କୁ ପ୍ରଥମ ଗେମ୍‌ରେ ସଂଘର୍ଷ କରିବାକୁ ପଡ଼ିଥିଲା। ବୁସାନନ୍ କଡ଼ା ଟକ୍କର୍ ଦେଇଥିଲେ। ତେବେ ଭାରତୀୟ ଷ୍ଟାର୍ ୨୫-୨୩ରେ ଗେମ୍ ଜିତି ନେଇଥିଲେ। ଦ୍ୱିତୀୟ ଗେମ୍‌ରେ ସିନ୍ଧୁ ଲୟ ହାସଲ କରି ୨୧-୧୬ରେ ହରାଇ ମ୍ୟାଚ୍ ନିଜ ନାମରେ କରିଛନ୍ତି। ୩୦ ବର୍ଷୀୟା ସିନ୍ଧୁ ପରବର୍ତ୍ତୀ ରାଉଣ୍ଡ୍‌ରେ ତୁର୍କୀର ନେସ୍ଲିହାନ୍ ଆରିନ୍ ଏବଂ ଦକ୍ଷିଣ କୋରିଆର ବିଶ୍ୱ ନମ୍ବର-୧ ଆନ୍ ସେ-ୟୋଙ୍ଗ୍‌ଙ୍କ ମ୍ୟାଚ୍‌ର ବିଜେତାଙ୍କୁ ଭେଟିବେ। ଅନ୍ୟ ଏକ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ଭାରତର ମାଳବିକା ବନ୍‌ସୋଡ୍‌ଙ୍କୁ ଥାଇଲାଣ୍ଡ୍‌ର ପୋର୍ନପାଭି ଚୋଚୁୱୋଙ୍ଗ୍ ୨୧-୧୨, ୨୧-୧୦ରେ ହରାଇ ଦେଇଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତ ପ୍ରଥମ ରାଉଣ୍ଡ୍‌ରେ ଜାପାନର ୟୁଶୀ ତନାକାଙ୍କଠାରୁ ମାତ୍ର ୩୭ ମିନିଟ୍ ମଧ୍ୟରେ ୨୧-୧୯, ୨୧-୧୫ରେ ପରାଜିତ ହୋଇଛନ୍ତି। ସେହିପରି ଲକ୍ଷ୍ୟ ସେନ୍ ସ୍ଥାନୀୟ ଫେଭରିଟ୍ ଅଲ୍‌ୱି ଫରହାନ୍‌ଙ୍କଠାରୁ ୧୯-୨୧, ୧୬-୨୧ରେ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି।

ପୁରୁଷ ଡବଲ୍ସରେ ହରିହରନ୍ ଅମ୍ସାକରୁନାନ୍ ଏବଂ ଏମ୍‌ଆର୍ ଅର୍ଜୁନଙ୍କ ଭାରତୀୟ ଯୋଡ଼ି ଦ୍ୱିତୀୟ ରାଉଣ୍ଡ୍‌ରେ ପହଞ୍ଚିଛନ୍ତି। ଏହି ଯୋଡ଼ି ତାଙ୍କଠାରୁ ଉଚ୍ଚ ର୍ୟାଙ୍କ୍‌ର ମାଲେସୀୟ ଯୋଡ଼ି ନୁର୍ ମହମ୍ମଦ ଆଜ୍‌ରିୟାନ୍ ଆୟୁବ୍ ଏବଂ ତାନ୍ ୱି କିଓଙ୍ଗ୍‌ଙ୍କୁ ୨୧-୧୮, ୨୧-୧୦ରେ ମାତ୍ ଦେଇଛନ୍ତି। ମାତ୍ର ତ୍ରୀଷା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ମହିଳା ଯୋଡ଼ି ଏବଂ ଧ୍ରୁବ କପିଲା ଓ ତନୀଷା କାଷ୍ଟ୍ରୋଙ୍କ ମିକ୍ସଡ୍ ଡବଲ୍ସ ପ୍ରଥମ ରାଉଣ୍ଡ୍‌ରେ ପରାଜିତ ହୋଇଛନ୍ତି।

# ସୂର୍ଯ୍ୟବଂଶୀଙ୍କ ଛବି ବିଗାଡ଼ିବାକୁ ଉଦ୍ୟମ ?

### ଫେକ୍ ଭିଡିଓକୁ ନେଇ ବର୍ଷିଲେ କମେଣ୍ଟେଟର୍ ହର୍ଷା ଭୋଗ୍‌ଲେ

**ନୂଆଦିଲ୍ଲୀ,୨୬/ଏଜେନ୍ସି:** ଭାରତୀୟ କ୍ରିକେଟ୍‌ର ଉଦୀୟମାନ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ସୋସିଆଲ୍ ମିଡିଆରେ ଭାଇରାଲ୍ ଏକ ଭିଡିଓକୁ ନେଇ ପ୍ରସିଦ୍ଧ କମେଣ୍ଟେଟର୍ ହର୍ଷା ଭୋଗ୍‌ଲେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ଭୋଗ୍‌ଲେ ନିଜ ଆଧିକାରିକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ ଜରିଆରେ ଦାବି କରିଛନ୍ତି ଯେ ତାଙ୍କୁ ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ସୋସିଆଲ୍ ମିଡିଆରେ ତୀବ୍ର ଭାବେ ଭାଇରାଲ୍ ହେଉଥିବା ଭିଡିଓ ସମ୍ପୂର୍ଣ୍ଣ ଜାଲ୍ ଏବଂ ଡବ୍‌ଡ। ହର୍ଷା ଭୋଗ୍‌ଲେ କହିଛନ୍ତି ଭାଇରାଲ୍ କ୍ଲିପ୍‌ରେ ଦେଖାଯାଉଥିବା ସାକ୍ଷାତକାର ବାସ୍ତବିକ ନୁହେଁ। ସେ ସ୍ପଷ୍ଟ କରିଛନ୍ତି ଯେ ଭିଡିଓରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଯେପରି ରୁକ୍ଷ ଏବଂ ଗର୍ବି ଭାବେ ଦେଖାଇବାକୁ ଉଦ୍ୟମ କରାଯାଉଛି, ତାଙ୍କୁ ସେପରି କୌଣସି ପ୍ରଶ୍ନ ପଚରାଯାଇ ନଥିଲା କିମ୍ବା ବୈଭବ ସେପରି କୌଣସି ଉତ୍ତର ଦେଇଛନ୍ତି।




ଭୋଗ୍‌ଲେ ଆହୁରି କହିଛନ୍ତି, ଏପରି କୃତ୍ୟ ଜଣେ ଯୁବ ଖେଳାଳିଙ୍କ ପ୍ରତି ବହୁ କ୍ରୁରତା। ତାଙ୍କ ଅନୁସାରେ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ବର୍ତ୍ତମାନ ସୁଦ୍ଧା ସାର୍ବଜନୀନ କଥାବାର୍ତ୍ତାରେ ତାଙ୍କୁ ସର୍ବଦା ସମ୍ମାନଜନକ ଏବଂ ନମ୍ର ଭାବେ ଦେଖିବାକୁ ମିଳିଛି। ଜଣେ କିଶୋର ଖେଳାଳିଙ୍କ ଛବିକୁ କ୍ଷତି ପହଞ୍ଚାଇବା ପାଇଁ ଏପରି ପ୍ରକାରେ ଏଡିଟିଂ ଏବଂ ଜାଲ୍ ଅଡିଓର ବ୍ୟବହାର କରିବା ଭୁଲ।

ଗତ କିଛିମାସ ହେବ ବୈଭବ ଭାରତୀୟ କ୍ରିକେଟ୍‌ରୁ ସବୁଠୁ ଚର୍ଚ୍ଚିତ ଯୁବ ଖେଳାଳିଙ୍କ ମଧ୍ୟରେ ସାମିଲ ଅଛନ୍ତି। କମ୍ ବୟସରେ ନିଜ ବିସ୍ଫୋରକ ବ୍ୟାଟିଂ ଦ୍ୱାରା ପରିଚୟ ସୃଷ୍ଟି କରିଥିବା ଏହି ଖେଳାଳିଙ୍କୁ ନେଇ ସୋସିଆଲ୍ ମିଡିଆରେ ଲଗାତାର ଚର୍ଚ୍ଚା ଚାଲିଛି। ଏପରି ସମୟରେ ହର୍ଷା ଭୋଗ୍‌ଲେଙ୍କ ଏହି ବୟାନ ବହୁ ମହତ୍ତ୍ୱପୂର୍ଣ୍ଣ। କାରଣ ସେ ସିଧା ଭାବେ ଭାଇରାଲ୍ ଭିଡିଓର ସତ୍ୟତା ଉପରେ ପ୍ରଶ୍ନ ଉଠାଇଥିବା ବେଳେ ଏହାକୁ ଫେକ୍ ବୋଲି କହିଛନ୍ତି। ହର୍ଷାଙ୍କ ଏହି ସ୍ପଷ୍ଟୀକରଣ ପରେ ଭାଇରାଲ୍ ଭିଡିଓ ପ୍ରଦର୍ଶିତ କଥାବାର୍ତ୍ତା ବାସ୍ତବିକ ସାକ୍ଷାତକାରର ଅଂଶବିଶେଷ ନୁହେଁ, ଏହା ପରିଷ୍କାର ହୋଇଯାଇଛି। ସୂର୍ଯ୍ୟବଂଶୀଙ୍କ ଖୋଲାଖୋଲି ସମର୍ଥନ କରି ଭୋଗ୍‌ଲେ ତାଙ୍କୁ ଜଣେ ବିନମ୍ର ଏବଂ ସମ୍ମାନଜନକ ଯୁବ ଖେଳାଳି ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଆଇପିଏଲ୍ ୨୦୨୬ର ଏକ ଅବସରରେ ବୈଭବ ହର୍ଷା ଭୋଗ୍‌ଲେଙ୍କ ପାଦ ଛୁଇଁଥିଲେ।

ଭୋଗ୍‌ଲେଙ୍କ ଏହି ପୋଷ୍ଟ ପରେ ସୋସିଆଲ୍ ମିଡିଆରେ ଜୋର୍ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେତେକ ପ୍ରଶଂସକ ତାଙ୍କ ବୟାନକୁ ସମର୍ଥନ କରିବା ସହିତ କହିଛନ୍ତି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଡବ୍‌ଡ କଣ୍ଟେଣ୍ଟ ଯୁଗରେ କୌଣସି ଖେଳାଳିଙ୍କ ଛବିକୁ କ୍ଷତି ପହଞ୍ଚାଉଥିବା ସାମଗ୍ରୀ ବିରୋଧ କଡ଼ା କାର୍ଯ୍ୟାନୁଷ୍ଠା ଗ୍ରହଣ କରାଯିବା ଉଚିତ।

### ଓଡ଼ିଶା ୱିମେନ୍ସ ଲିଗ୍

# ଓଡ଼ିଶା ପୁଲିସ୍, କିଟ୍ ବିଜୟୀ

**ଭୁବନେଶ୍ୱର,୨୬/ଏନ୍‌ଏନ୍‌ଏସ୍:** ଫୁଟ୍‌ବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଚାଲିଥିବା ଓଡ଼ିଶା ୱିମେନ୍ସ ଲିଗ୍‌ର ୮ମ ଦିନରେ ଆଜି ଖେଳାଯାଇଥିବା ଭୁବନେଶ୍ୱର ଜୋନ୍‌ର ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ଓ କିଟ୍/କିସ୍ ବିଜୟୀ ହୋଇଛନ୍ତି। କ୍ୟାପିଟାଲ୍ ଫୁଟ୍‌ବଲ୍ ଏରିନାରେ ମଙ୍ଗଳବାର ସକାଳେ ଖେଳାଯାଇଥିବା ମ୍ୟାଚ୍‌ରେ କିଟ୍/କିସ୍ ୨-୧ ଗୋଲ୍‌ରେ ୟଙ୍ଗ୍ ଆସୋସିଏସନ୍ କ୍ଲବ୍‌କୁ ହରାଇ ଦେଇଛି। କିଟ୍/କିସ୍ ପକ୍ଷରୁ ଅଙ୍କିତା ନାଏକ ଏବଂ ଜ୍ୟୋତ୍ସ୍ନା ମୁଣ୍ଡାରୀ ଗୋଲ୍ ଦୁଇଟି ଦେଇଥିବା ବେଳେ ୟଙ୍ଗ୍ ଆସୋସିଏସନ୍ କ୍ଲବ୍ ପକ୍ଷରୁ ପୁଷ୍ପା କିଶାନ୍ ଏକମାତ୍ର ଗୋଲ୍ ସ୍କୋର୍ କରିଥିଲେ। ସେହିପରି ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ୪-୦ ଗୋଲ୍‌ରେ ଯେଡ଼ାର ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌କୁ ହରାଇଛି। ଓଡ଼ିଶା ପୁଲିସ୍ ପକ୍ଷରୁ ମାଳତୀ ମୁଣ୍ଡା ଦୁଇଟି ଗୋଲ୍ ଦେଇଥିବା ବେଳେ ସୁସ୍ମିତା ତନ୍ତୀ ଏବଂ ସତ୍ୟବତୀ ଖାଡ଼ିଆ ବାକି ଦୁଇଟି ଗୋଲ୍ ସ୍କୋର୍ କରିଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra